www.ekamaatra.com
ekamaatra@gmail.com
advt@ekamaatra.com
editor@ekamaatra.com
ekamaatraodia
ekamaatranews

EKAMAATRA

RNI Regd. No. ODIODI/2017/71524

# ଏକମାତ୍ର

ଅନୁସନ୍ଧାନ ପରେ ଖବର




ବର୍ଷ-୧ ସଂଖ୍ୟା-୫୨ ୦୮ - ୧୪ ଜାନୁଆରୀ, ୨୦୧୮ ଭୁବନେଶ୍ୱର ● Monday Weekly ● VOL-1 ISSUE-52 08th - 14th JANUARY, 2018 BHUBANESWAR ₹ 5/- (8 Pages)

## ନୂଆ ୧୦ ଟଙ୍କିଆ ନୋଟ୍

## ସ୍ଥାନ ପାଇଲା କୋଣାର୍କ ଚକ



**ଭୁବନେଶ୍ୱର :** ବିଶ୍ୱ ପ୍ରସିଦ୍ଧ କୋଣାର୍କ ସୂର୍ଯ୍ୟ ମନ୍ଦିର ଚକର ଛବି ଥିବା ଏକ ନୂଆ ୧୦ ଟଙ୍କିଆ ନୋଟ୍ ବଜାରକୁ ଆସିଛି। ଏନେଇ ଆଜି ରିଜର୍ଭ ବ୍ୟାଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଚକୋଲେଟ୍ ରଙ୍ଗର ପ୍ରାୟ ୧୦୦ କୋଟି ଖଣ୍ଡ ନୋଟ୍ ଛପାଯାଇଥିବା ବ୍ୟାଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଏହି ନୋଟର ଆକାର ପାଖାପାଖି ପୁରୁଣା ୧୦ ଟଙ୍କିଆ ନୋଟ୍ ଭଳି ରହିଛି। ପୁରୁଣା ନୋଟ୍‌ର ଚଉଡ଼ା ୧୩୭ ମିଲିମିଟର ରହିଥିବା ବେଳେ ନୂଆ ନୋଟର ଚଉଡ଼ା ରହିଛି ➤ ପୃ-୬

# ତାତି ବଢ଼ାଉଛି ବିଜେପୁର



**ଭୁବନେଶ୍ୱର :** ବିଜେପୁର ବିଧାନସଭା ଆସନରେ ଉପନିର୍ବାଚନ ବିଳମ୍ବକୁ ନେଇ ରାଜ୍ୟ ରାଜନୀତି ଉଷ୍ମ ଧରିଛି। ବିଧାୟକ ସୁବଳ ସାହୁଙ୍କ ମୃତ୍ୟୁ ପରେ ସେଠାରେ ପଦବୀ ଖାଲି ପଡିଛି। ହେଲେ ଏଠାରେ କେବେ ଉପନିର୍ବାଚନ ଅନୁଷ୍ଠିତ ହେବ ତାକୁ ନେଇ ସମ୍ପ୍ରତି ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ବିରୋଧୀମାନେ ଅଭିଯୋଗ କରୁଛନ୍ତି ଯେ, କେନ୍ଦ୍ର ସରକାରଙ୍କ ଚାପରେ ଜାଣିଶୁଣି ନିର୍ବାଚନ ତାରିଖ ଘୋଷଣା ନେଇ ବିଳମ୍ବ କରାଯାଉଛି। ତେବେ ରାଜ୍ୟ ନିର୍ବାଚନ ଅଧିକାରୀ ଡିଏନ୍ ଗୁପ୍ତା ଏନେଇ ଭିନ୍ନ ମନ୍ତବ୍ୟ ଦେଇ କହିଛନ୍ତି, ସାଧାରଣତଃ ଜଣେ ସଦସ୍ୟଙ୍କ ମୃତ୍ୟୁର ଛ'ମାସ ମଧ୍ୟରେ ନିର୍ବାଚନ ଅନୁଷ୍ଠିତ ହେବା କଥା। ମାତ୍ର ଏନେଇ ଯଦି କୋର୍ଟରେ କେସ୍ ରହିଥିବ ତା'ହେଲେ ମାମଲା ଚୂଡ଼ାନ୍ତ ଫଇସଲାର ଛଅମାସ ମଧ୍ୟରେ ନିର୍ବାଚନ କରାଯାଇ ପାରିବ। ବିଜେପୁର ନିର୍ବାଚନ ପାଇଁ କମିଶନ ସମସ୍ତ ପ୍ରକାରର ପ୍ରସ୍ତୁତି କାର୍ଯ୍ୟ ଶେଷ କରିସାରିଛନ୍ତି ବୋଲି ଶ୍ରୀ ଗୁପ୍ତା ସୂଚନା ଦେଇଛନ୍ତି। ଯେତେବେଳେ ବି ତାରିଖ ଘୋଷଣା ହେବ ସମ୍ପୃକ୍ତ ନିର୍ବାଚନମଣ୍ଡଳୀରେ ଭୋଟ୍ କରାଯିବ ବୋଲି ମଧ୍ୟ ସେ କହିଛନ୍ତି। ଫଳରେ ବିଜେପୁର ଆସନ ପାଇଁ କେବେ ନିର୍ବାଚନ ଅନୁଷ୍ଠିତ ହେବ ସେନେଇ ସଂଶୟ ଦୂର ହୋଇପାରିନାହିଁ। ସୂଚନାଯୋଗ୍ୟ, ଗତ ଅଗଷ୍ଟ ୨୨ ତାରିଖରେ ବିଜେପୁର ବିଧାୟକ ସୁବଳ ସାହୁଙ୍କ ଦେହାନ୍ତ ଘଟିଥିଲା। ଏନେଇ ବିଧାନସଭା ସଚିବାଳୟ ପକ୍ଷରୁ ଅଗଷ୍ଟ ୨୪ ତାରିଖରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ➤ ପୃ-୬

### ଶୀତଳାପଲ୍ଲୀରେ ୱାଗନ୍ କାରଖାନା ପ୍ରସଙ୍ଗ

## ଦେଇଥିଲେ ମନମୋହନ ଫେରେଇ ନେଲେ ମୋଦି



**ଭୁବନେଶ୍ୱର :** ବହୁ ପ୍ରତୀକ୍ଷିତ ଗଞ୍ଜାମ ଜିଲ୍ଲା ଶୀତଳାପଲ୍ଲୀ ଠାରେ ନିର୍ମାଣ ହେବାକୁ ଥିବା ରେଳ ୱାଗନ୍ କାରଖାନା ଆଉ ହେବନାହିଁ। ସୂଚନା ଅଧିକାର ଆଇନ୍ ବଳରେ ମିଳିଥିବା ତଥ୍ୟ ଆଧାରରେ ଏହା ଜଣାପଡିଛି। ଆବେଦନକାରୀଙ୍କ ଆବେଦନର ଉତ୍ତରରେ ରେଳ ମନ୍ତ୍ରଣାଳୟ ଏଭଳି ତଥ୍ୟ ଦେଇଛି। ଉଲ୍ଲେଖଯୋଗ୍ୟ, ବଲାଙ୍ଗିରର ସୂଚନା ଅଧିକାର କର୍ମୀ ହେମନ୍ତ ପଣ୍ଡାଙ୍କୁ ମିଳିଥିବା ତଥ୍ୟ ଅନୁସାରେ ଶୀତଳାପଲ୍ଲୀ ଠାରେ ହେବାକୁ ଥିବା ରେଲୱେ ୱାଗନ୍ ମରାମତି କାରଖାନା ନେଇ ରହିଥିବା ପ୍ରସ୍ତାବକୁ ଖାରଜ କରିଦେଇଛି ରେଳବାଇ ବୋର୍ଡ। ➤ ପୃ-୬

### କମିଶନରେଟ୍ ପୋଲିସ ସ୍ଥାପନାର ୧୦ ବର୍ଷ ପୂର୍ତ୍ତି

## ଲୋକଙ୍କ ବିଶ୍ୱାସ ବଜାୟ ରଖ : ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର :** ରବୀନ୍ଦ୍ର ମଣ୍ଡପରେ ଟୁଇନ୍ ସିଟି କମିଶନରେଟ୍ ପୋଲିସର ୧୦ ବର୍ଷ ପୂର୍ତ୍ତି ପାଳନ ଅବସରରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉପସ୍ଥିତ ପୋଲିସ ଅଧିକାରୀ ଓ କର୍ମଚାରୀଙ୍କୁ ପରାମର୍ଶ ଦେଇ କହିଛନ୍ତି ଯେ ପୋଲିସ ଉତ୍ତମ କାର୍ଯ୍ୟ କରି ସାଧାରଣଲୋକଙ୍କ ନିକଟତର ହେଉ। ଏଥିସହିତ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ପୋଲିସ ଲୋକଙ୍କ ବିଶ୍ୱାସ ବଜାୟ ରଖିବା ଦରକାର। ମହିଳା, ଶିଶୁ ଓ ବରିଷ୍ଠ ନାଗରିକଙ୍କ ଅଭିଯୋଗକୁ ପୋଲସ ସ୍ୱତନ୍ତ୍ର ଧ୍ୟାନ ଦେବା ଦରକାର ବୋଲି ମଧ୍ୟ ସେ କହିଥିଲେ।




ଆୟୋଜିତ ବରିଷ୍ଠ ନାଗରିକଙ୍କ ଅନ୍‌ଲାଇନ ପଞ୍ଜୀକରଣ ଉତ୍ସବରେ ନବୀନ କହିଥିଲେ, କମିଶନରେଟ ପୋଲିସ ଗତ ୧୦ବର୍ଷ ଭିତରେ ଅନେକ ସଫଳତା ସହିତ ଆହ୍ୱାନର ମଧ୍ୟ ସମ୍ମୁଖୀନ ହୋଇଛି। ତେବେ ମହିଳା, ଶିଶୁ ଓ ବରିଷ୍ଠ ନାଗରିକଙ୍କ କ୍ଷେତ୍ରରେ ବେଶ୍ ଉଲ୍ଲେଖନୀୟ କାମ କରିଛି। ଯାହା ଲୋକଙ୍କ ବିଶ୍ୱାସ ଭାଜନ ହୋଇପାରିଛି। ସେମାନଙ୍କ ଅଭିଯୋଗର ତ୍ୱରିତ୍ ଅନୁସନ୍ଧାନ କରି ସମାଧାନ ପାଇଁ ଉଦ୍ୟମ କରିବାକୁ ନବୀନ ପରାମର୍ଶ ଦେଇଥିଲେ। ଜନସାଧାରଣଙ୍କୁ ତ୍ୱରିତ ସେବା ଯୋଗାଇବା ପାଇଁ କମିଶନରେଟ ➤ ପୃ-୬

# ଚାଷୀଙ୍କୁ ମିଳିନି କ୍ଷତିପୂରଣ

**ଭୁବନେଶ୍ୱର :** ମରୁଡ଼ି, ଚକଡ଼ା ପୋକ ସଂକ୍ରମଣ, ଅଦିନିଆ ବର୍ଷା ଓ ଲଘୁଚାପ ବର୍ଷାରେ କ୍ଷତିଗ୍ରସ୍ତ ଚାଷୀଙ୍କୁ ଏପର୍ଯ୍ୟନ୍ତ ସରକାରୀ ସହାୟତା ମିଳିପାରିନି। ଏପରିକି ଏସବୁ ପ୍ରାକୃତିକ ବିପର୍ଯ୍ୟୟ ପାଇଁ କେନ୍ଦ୍ର ସରକାରଙ୍କ ନିକଟରେ ରାଜ୍ୟ କୌଣସି ସ୍ମାରକପତ୍ର ମଧ୍ୟ ଦେଇନାହିଁ। ଚଳିତବର୍ଷ ଏସବୁ ପ୍ରାକୃତିକ ବିପର୍ଯ୍ୟୟରେ ରାଜ୍ୟର ମୋଟ ୮.୬୦ଲକ୍ଷ ହେକ୍ଟର୍ ଜମିରେ ଧାନ ଫସଲ ନଷ୍ଟ ହୋଇଥିବାବେଳେ ରାଜ୍ୟ ସରକାର ମୋଟ ୭୨୮ କୋଟି ଟଙ୍କାର ଇନ୍‌ପୁଟ୍ ସବ୍‌ସିଡି ଘୋଷଣା କରିଛନ୍ତି। କିନ୍ତୁ ଏବେ ସୁଦ୍ଧା ସେଥିରୁ ମାତ୍ର ପ୍ରାୟ ୨୬୦ କୋଟି ଟଙ୍କା ବଣ୍ଟନ କରିବାରେ ସକ୍ଷମ ହୋଇଛନ୍ତି। ଚାଷୀଙ୍କୁ

### ପ୍ରାକୃତିକ ବିପର୍ଯ୍ୟୟ ସହାୟତା ମାଗିନି ଓଡ଼ିଶା : କେନ୍ଦ୍ର

କ୍ଷତିପୂରଣ ବଣ୍ଟନରେ ଜିଲ୍ଲାସ୍ତରରେ ଏଭଳି ମନ୍ଥର ଗତିକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଚଳିତ ସପ୍ତାହରେ ଉଚ୍ଚସ୍ତରୀୟ ସମୀକ୍ଷା କରିବେ ବୋଲି ଜଣାପଡ଼ିଛି। ରାଜ୍ୟ ସ୍ୱତନ୍ତ୍ର ରିଲିଫ୍ କମିଶନର(ଏସ୍‌ଆର୍‌ସି)ଙ୍କ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ମରୁଡ଼ି ପାଇଁ ଅକ୍ଟୋବର ୨୫ତାରିଖରେ ଘୋଷିତ ୨୧୬.୨୨ କୋଟି ଟଙ୍କାର ଇନ୍‌ପୁଟ୍ ସବ୍‌ସିଡି ମଧ୍ୟରୁ ଆଜିସୁଦ୍ଧା ୧୬୦ କୋଟି ଟଙ୍କା ବଣ୍ଟନ କରାଯାଇଥିବା ବେଳେ ଚକଡ଼ା ପୋକଜନିତ କ୍ଷତିପୂରଣ ମାତ୍ର ୮୨ କୋଟି ଟଙ୍କା ବଣ୍ଟାଯାଇଛି। ଯାଜପୁର ଓ କନ୍ଧମାଳ ଜିଲ୍ଲାରେ ମରୁଡ଼ି କ୍ଷତିପୂରଣ ଶତପ୍ରତିଶତ ବଣ୍ଟନ ହୋଇଥିବା ବେଳେ ଏପର୍ଯ୍ୟନ୍ତ ରାଜ୍ୟର ମୋଟ ୪ଲକ୍ଷ ୩୨ହଜାର ୬୬୨ଜଣ ଚାଷୀଙ୍କୁ ୧୬୦କୋଟି ଟଙ୍କାର କ୍ଷତିପୂରଣ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟ୍ ମାଧମରେ ଦିଆଯାଇଛି। ସେହିପରି ୧୫ ଜିଲ୍ଲାର ୭୦ବ୍ଲକ୍‌ରେ ୩ଲକ୍ଷ ୧୭ହଜାର ହେକ୍ଟର୍ ଜମିରେ ଫସଲ ନଷ୍ଟ ହୋଇଥିଲା। ସେହିପରି ଚକଡ଼ା ପୋକ ପାଇଁ ନଭେମ୍ବର ୬ତାରିଖରେ ଘୋଷିତ ୧୩୭.୫୧ କୋଟି ଟଙ୍କାର ➤ ପୃ-୬

## ଅଟକିଗଲା ତିନି ତଲାକ୍ ବିଲ୍



**ନୂଆଦିଲ୍ଲୀ :** ସଂସଦର ଶୀତ ଅଧିବେଶନ ଶେଷ ହୋଇଗଲା। ହେଲେ ପାସ୍ ହୋଇପାରିଲାନି ବହୁ ପ୍ରତୀକ୍ଷିତ ତିନି ତଲାକ୍ ବିଲ୍। ୨୯ରୁ ବଜେଟ୍ ଅଧିବେଶନ ଆରମ୍ଭ ହେବାକୁ ଯାଉଛି। ଫେବୃଆରୀ ୧ରେ ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ ସଂସଦରେ କେନ୍ଦ୍ର ବଜେଟ୍ ୨୦୧୮ ଉପସ୍ଥାପନ କରିବେ ବୋଲି କହିଛନ୍ତି ସଂସଦୀୟ ବ୍ୟାପାର ମନ୍ତ୍ରୀ ଅନନ୍ତ କୁମାର। ଚଳିତ ବର୍ଷ ବଜେଟ୍‌ର ସ୍ୱତନ୍ତ୍ର ତାତ୍ପର୍ଯ୍ୟ ରହିଛି। ଦେଶରେ ଏକକ ଟିକସ ବ୍ୟବସ୍ଥା ଜିଏସ୍‌ଟି (ଦ୍ରବ୍ୟ ଓ ସେବା ଟିକସ) ଲାଗୁ ହେବା ପରେ ଏହା ହେଉଛି ପ୍ରଥମ କେନ୍ଦ୍ରୀୟ ବଜେଟ୍। ଆଉ ଏକ ବିଶେଷତ୍ୱ ହେଉଛି, ୨୦୧୯ରେ ସାଧାରଣ ନିର୍ବାଚନ ➤ ପୃ-୬

# ମହାନଦୀକୁ ନେଇ ମହାବିବାଦ

**ନୂଆଦିଲ୍ଲୀ/ଭୁବନେଶ୍ୱର :** ମହାନଦୀକୁ ନେଇ ଦେଖାଦେଇଥିବା ମହାବିବାଦ ଓଡ଼ିଶା ପାଇଁ ମୁଖ୍ୟ ରାଜନୈତିକ ପ୍ରସଙ୍ଗ ପାଲଟିଛି। ରାଜ୍ୟର ପ୍ରମୁଖ ଦଳମାନେ ଆରୋପ ପ୍ରତ୍ୟାରୋପରେ ବ୍ୟସ୍ତ ଥିଲା ବେଳେ ଗତ ଗୁରୁବାର ଲୋକସଭା ପ୍ରଶ୍ନକାଳରେ ବିଜେଡି ସାଂସଦମାନଙ୍କ ପ୍ରଶ୍ନର ଉତ୍ତର ଦେଇ କେନ୍ଦ୍ର ଜଳସମ୍ପଦ ମନ୍ତ୍ରୀ ନୀତିନ ଗଡକରୀ ଆଲୋଚନା ପାଇଁ ଆହ୍ୱାନ ଦେଇଛନ୍ତି। ସେ କହିଛନ୍ତି ଆପୋସ ଆଲୋଚନା ମାଧ୍ୟମରେ ଏହାର ସମାଧାନ କରାଯାଉ। ଛତିଶଗଡ଼, କେନ୍ଦ୍ର ସରକାର ଏବଂ ଓଡ଼ିଶା ମଧ୍ୟରେ ପୁଣି ଥରେ ତ୍ରିପାକ୍ଷିକ ଆଲୋଚନା ପାଇଁ ସେ ପ୍ରସ୍ତାବ ଦେଇଛନ୍ତି। ଏ ସଂପର୍କରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖିଥିବା ସେ ଗୃହରେ କହିଥିଲେ। ତେବେ ଯଦି ତାଙ୍କ ସହିତ ଆଲୋଚନାରେ କୌଣସି ସମାଧାନର ପନ୍ଥା ନ ବାହାରେ, ତା'ହେଲେ ପ୍ରଧାନମନ୍ତ୍ରୀଙ୍କ ସହିତ ଆଲୋଚନା କରିବାକୁ ସେ ରାଜ୍ୟକୁ ପରାମର୍ଶ ଦେଇଛନ୍ତି। ଏ



### ଆପୋସ ଆଲୋଚନା ପାଇଁ ଗଡକରୀଙ୍କ ଆହ୍ୱାନ

ବିଷୟରେ ଓଡ଼ିଶାର ପ୍ରତିନିଧି ତାଙ୍କ ସହ ଆଲୋଚନା କରନ୍ତୁ ବୋଲି ଅନୁରୋଧ କରିଛନ୍ତି ଗଡକରୀ। ଓଡ଼ିଶାର ନ୍ୟାଯ୍ୟ ଦାବିକୁ କେନ୍ଦ୍ର କେବେ ବି ଅଣଦେଖା କରିବ ନାହିଁ ଓ ରାଜ୍ୟ ମହାନଦୀରୁ ଯେତିକି ଜଳ ଆବଶ୍ୟକ କରୁଛି, ତାହା ମିଳିବ ବୋଲି ସେ କହିଥିଲେ। ➤ ପୃ-୬

### ବଡ ଅଟ୍ଟାଳିକା ପାଇଁ କେନ୍ଦ୍ରର ନୂଆ ଗାଇଡ୍‌ଲାଇନ୍

## ବିଡିଏ ଦେବ ପରିବେଶ ଅନୁମତି

**ଭୁବନେଶ୍ୱର :** ବଡ ଅଟ୍ଟାଳିକା ନିର୍ମାଣ ପାଇଁ ଆଉ ଦରକାର ପଡିବନି 'ଏସଇଆଇଏ' ଅନୁମୋଦନ। ଏଣିକି ବିଡିଏ ଦେଇପାରିବ ପରିବେଶ ଅନୁମତି। କେନ୍ଦ୍ର ପରିବେଶ ମନ୍ତ୍ରାଳୟ ତରଫରୁ ଗୃହ ନିର୍ମାଣ କ୍ଷେତ୍ରରେ ପରିବେଶ ସୁରକ୍ଷାକୁ ପ୍ରାଥମିକତା ଦେବା ପାଇଁ ନୂଆ ଗାଇଡ଼ଲାଇନ୍ ଜାରି ହୋଇଛି। ଏହାର କାର୍ଯ୍ୟକାରିତା ପାଇଁ କେନ୍ଦ୍ର ପରିବେଶ ମନ୍ତ୍ରାଳୟ ତରଫରୁ ମୁଖ୍ୟ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀଙ୍କୁ ଚିଠି ଲେଖାଯାଇଛି। ୫୦୦୦ ରୁ ୨୦ହଜାର ବର୍ଗମିଟର୍, ୨୦ହଜାରରୁ ୫୦ହଜାର ବର୍ଗମିଟର ଓ ୫୦ହଜାରରୁ ଦେଢ଼ଲକ୍ଷ ବର୍ଗମିଟରର ଘର ନିର୍ମାଣ ପାଇଁ ନୂଆ ଗାଇଡ୍‌ଲାଇନ୍ ଅନୁଯାୟୀ ତିନିଟି ବିଭାଗ କରାଯାଇଛି। ବର୍ତ୍ତମାନ ୨୦ହଜାର ବର୍ଗମିଟରରୁ ଊର୍ଦ୍ଧ୍ୱ ଘର ନିର୍ମାଣ ପାଇଁ ଷ୍ଟେଟ୍ ଏନ୍‌ଭିରନ୍‌ମେଣ୍ଟ୍ ଇମ୍ପାକ୍ଟ ଆସେସ୍‌ମେଣ୍ଟ୍ ଅଥରିଟି 'ଏସ୍‌ଇଆଇଏ'ରୁ ଅନୁମତି ଆଣିବାକୁ ପଡୁଥିଲା। ମାତ୍ର ବିଡିଏ ସହିତ ରାଜ୍ୟର ଅନ୍ୟାନ୍ୟ ଉନ୍ନୟନ କର୍ତ୍ତୃପକ୍ଷ ନିଜ ନିୟମାବଳୀରେ ପରିବର୍ତ୍ତନ ➤ ପୃ-୬







**ପୃଷ୍ଠା - ଦୁଇ**
ଇସ୍ରାଏଲରୁ ସ୍ପାଇକ୍ ଏଟିଜିଏମ୍ କିଣିବନି ଭାରତ
ଭାରତୀୟ ଛାତ୍ରଙ୍କ ପସନ୍ଦର ଦେଶ ହେଉଛି କାନାଡା

**ପୃଷ୍ଠା - ତିନି**
ଧାନର ଏମ୍‌ଏସ୍‌ପି ପ୍ରସଙ୍ଗରେ କେନ୍ଦ୍ରର ସ୍ପଷ୍ଟୀକରଣ :
ବଢ଼ିବନି ଦର, ଓଡ଼ିଶା ପାଇଁ ଶକ୍ତ ଧକ୍କା

**ପୃଷ୍ଠା - ଚାରି**
ଶାନ୍ତି ପାଇଁ ବାର୍ତ୍ତା କହିଁ !
ଟ୍ରମ୍ପଙ୍କ ହୁଙ୍କାର -ପାକ୍‌ରେ ହାହାକାର

**ପୃଷ୍ଠା - ପାଞ୍ଚ**
ଅମୁହାଁ ଦେଉଳ ଏକା ଏକା ଆତଙ୍କିତ ଅଶ୍ରୁ

**ପୃଷ୍ଠା - ଛଅ**
କାହାପାଇଁ ଗୋପାଳପୁର ବେଳାଭୂମି ମହୋତ୍ସବ !
ଓଡ଼ିଶାକୁ ଭୁଲିଗଲେ କେନ୍ଦ୍ର କୃଷି ରାଷ୍ଟ୍ରମନ୍ତ୍ରୀ : ମହାରଥୀ

**ପୃଷ୍ଠା - ସାତ**
'ଲୋକବାଦ୍ୟ ଓ ଲୋକ ସଂସ୍କୃତି ପଶ୍ଚିମ ଓଡ଼ିଶାର ଏକ ନିଆରା ପରିଚୟ'

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

## କେମିତି କଟିବ ଏ ସପ୍ତାହ

**ମେଷ** ସପ୍ତାହର ଆରମ୍ଭରୁ ଗୁରୁବାର ପର୍ଯ୍ୟନ୍ତ ଅତ୍ୟନ୍ତ ଅଶୁଭଯୋଗ, ହତାଶାଭାବ ଏବଂ ଦ୍ରବ୍ୟ ହାନୀର ଆଶଙ୍କା ରହିଛି। ଶୁକ୍ରବାରଠାରୁ ରବିବାର ପର୍ଯ୍ୟନ୍ତ ପ୍ରେମ ସମ୍ପର୍କ ବୃଦ୍ଧି ଏବଂ ଦାମ୍ପତ୍ୟ ଜୀବନ ସୁଖମୟ ହେବ। ପରିବାରରେ ଶାନ୍ତି ବଜାୟ ରହିବ।

**ବୃଷ** ସପ୍ତାହର ଆରମ୍ଭରୁ ପରିବାରରେ ହସଖୁସି ଲାଗି ରହିବ। ପ୍ରତ୍ୟେକ କ୍ଷେତ୍ରରେ ଆପଣ ସଫଳତା ଲାଭ କରିବେ। ମାନସମ୍ମାନ ବୃଦ୍ଧି ସହ ଦ୍ରବ୍ୟଲାଭ, ଅର୍ଥଲାଭ ଏବଂ ସମସ୍ତ ପ୍ରାପ୍ତିର ସୁବର୍ଣ୍ଣଯୋଗ ରହିଛି। ବ୍ୟବସାୟରେ ଉନ୍ନତି ଦେଖାଦେବ।

**ମିଥୁନ** ସପ୍ତାହର ପ୍ରଥମ ଦିନରୁ ଶୁଭଫଳ ପ୍ରଦାନ କରିବା ଆରମ୍ଭ ହେବ। ପରିବାରରେ ଶାନ୍ତି ବିରାଜମାନ କରିବା ସହିତ ସର୍ବସମ୍ପଦ ଲାଭ ଯୋଗ ଦେଖାଦିଏ। ବିଭିନ୍ନ ଦିଗରୁ ଅର୍ଥଲାଗ ରହିଛି।

**କର୍କଟ** ସୋମବାର ପ୍ରଚୁର ଧନଲାଭ ହେବ। ମଙ୍ଗଳବାର ଚୋରି ଭୟ ରହିଛି। ବୁଧବାର ଦିନ ଯଶପ୍ରାପ୍ତି ହେବ। ଗୁରୁବାର ହାନୀକାରକ ଏବଂ ଶୁକ୍ରବାର ସାହାଯ୍ୟକାରୀ ଶନି ଅଶୁଭରେ ଥିବା ଜଣାଯାଏ।

**ସିଂହ** ସପ୍ତାହଟି ଆପଣଙ୍କ ପାଇଁ ଅତ୍ୟନ୍ତ ଅଶୁଭକାରକ। ହତାସା ଓ ନୈରାଶ୍ୟରେ ସପ୍ତାହସାରା ଗତି କରିବାକୁ ପଡିବ। ପରିବାରରେ ଅଶାନ୍ତି ଦେଖାଦେବ। ତେଣୁ ଜଗିରଖି ଚଳିବାକୁ ହେବ।

**କନ୍ୟା** ସୋମବାର, ମଙ୍ଗଳବାର ସମସ୍ତ ପ୍ରକାର ଶୁଭଫଳ ପ୍ରାପ୍ତିଯୋଗ ରହିଛି। ବୁଧବାର, ଗୁରୁବାର ଓ ଶନିବାର ଅଶୁଭ ଫଳ ପ୍ରଦାନ କରିବ। ଶୁକ୍ରବାର ଦିନ ଧନପ୍ରାପ୍ତିର ଯୋଗ ରହିଅଛି। ଶନି ଓ ରବିବାର ବହୁତ ଶୁଭ ଅଟେ।

**ତୁଳା** ସୋମବାରରୁ ବୁଧବାର ପର୍ଯ୍ୟନ୍ତ ସମସ୍ତ ଶୁଭଫଳ ପ୍ରାପ୍ତ ସହ ଭଲ ଯୋଗ ରହିଛି। ଗୁରୁବାରରୁ ଶନିବାର ମଧ୍ୟରେ ମିଶ୍ରିତ ଫଳ ପାଇବାର ଆଶା ଦେଖାଯାଏ। ସପ୍ତାହଟି ଭଲରେ କଟିବ।

**ବିଛା** ସାପ୍ତାହିକ ଗଣନା ଅନୁଯାୟୀ ଏ ସପ୍ତାହରେ ଆପଣ ସମସ୍ତ ପ୍ରକାର ଶୁଭଫଳ ଲାଭ କରିବେ। କିନ୍ତୁ ଶନିବାର ବନ୍ଧନ ଭୟ ଯୋଗ ରହିଥିବାରୁ ସତର୍କତା ଅବଲମ୍ବନ କରିବା ଜରୁରୀ।

**ଧନୁ** ଏ ସପ୍ତାହ ଆପଣଙ୍କ ପାଇଁ ଆଦୌ ଶୁଭପ୍ରଦ ନୁହେଁ। ପ୍ରତ୍ୟେକ କ୍ଷେତ୍ରରେ ସତର୍କତା ଅବଲମ୍ବନ କରିବାକୁ ହେବ। ଶୁଭଫଳ ଅପେକ୍ଷା ସପ୍ତାହ ସାରା ବିଶେଷ ଅଶୁଭ ଫଳ ପ୍ରଦାନ କରିବ।

**ମକର** ଏ ସପ୍ତାହରୁ ଆପଣଙ୍କର ଭାଗ୍ୟ ଉଦୟ ଆରମ୍ଭ ହେବ। ଉନ୍ନତି ପାଇଁ ପଥ ପରିଷ୍କାର ହେବା ସହିତ ଶତ୍ରୁମାନେ ଦୂରେଇ ଯିବେ। ପ୍ରତ୍ୟେକ କ୍ଷେତ୍ରରେ ଆପଣ ଲାଭାବନ ହେବା ସହିତ ଆଗକୁ ଗତିକରିବା ଆଶା ଦେଖାଦିଏ।

**କୁମ୍ଭ** ସୋମବାର ଯଶପ୍ରାପ୍ତି ଓ ସମ୍ମାନିତ ହେବାର ଯୋଗ ରହିଛି। ଏହାବ୍ୟତୀତ ଏ ସପ୍ତାହର ସମସ୍ତ ବାର ଅଶୁଭ ଫଳ ପ୍ରଦାନ କରିବାର ଜଣାପଡେ। ଗୃହରେ ଅଶାନ୍ତିର ବାତାବରଣ ସୃଷ୍ଟି ହୋଇପାରେ। ତେଣୁ ଜଗିରଖି ଚଳିବାକୁ ହେବ।

**ମୀନ** ସୋମବାରରୁ ବୁଧବାର ଅତ୍ୟନ୍ତ ଅଶୁଭ ଫଳ ପ୍ରଦାନ କରିବ। କିନ୍ତୁ ସପ୍ତାହର ଶୁକ୍ରବାର ଏବଂ ଶନିବାର ଯଥେଷ୍ଟ ଶୁଭଫଳ ପ୍ରାପ୍ତିର ଯୋଗ ରହିଛି। ରବିବାର ଦିନଟି ଅଶୁଭ ଓ ଘାତଚନ୍ଦ୍ର ଯୋଗ ରହିଛି।



ଚନ୍ଦ୍ରଶେଖର ମିଶ୍ର
ଜ୍ୟୋତିର୍ବିଦ୍ ଓ ବାସ୍ତୁବିଶାରଦ
କାକଟପୁର, ପୁରୀ
ମୋ-୯୭୭୭୦୬୩୪୧୧

### ଭାରତ, ଜାପାନ ଓ ଆମେରିକା ପାଇଁ ନୂଆ ବିପଦ

# ଚୀନ୍‌ର ହାଇପର୍‌ସୋନିକ୍ ମିସାଇଲ୍ ଡିଏଫ୍-୧୭

**ବେଜିଂ :** ଚୀନର ନୂଆ ହାଇପର୍‌ସୋନିକ୍ ମିସାଇଲ୍ ଆମେରିକାର ନିରାପତ୍ତାକୁ ବିପନ୍ନ କରିବ ଏବଂ ଭାରତ ଓ ଜାପାନର ମିଲିଟାରୀ ବେସ୍, ନ୍ୟୁକ୍ଲିୟର୍ ରିଆକ୍ଟର୍ ଭଳି ଯେକୌଣସି ଟାର୍ଗେଟ୍‌କୁ ଧ୍ୱଂସ କରିବାକୁ ସକ୍ଷମ ହେବ ବୋଲି ଚୀନର ବହୁଳ ପ୍ରସାରିତ ଖବରକାଗଜ 'ସାଉଥ୍ ଚାଇନା ମର୍ଣ୍ଣିଂ ପୋଷ୍ଟ୍'ରେ ପ୍ରକାଶିତ ଏକ ରିପୋର୍ଟରେ ଉଲ୍ଲେଖ ଅଛି। ଚୀନ୍‌ର ପିପୁଲ୍ସ ଲିବେରେସନ୍ ଆର୍ମି ବା ପିଏଲ୍‌ଏ ଗତ ନଭେମ୍ବର ୧ରେ ଥରେ ଓ ତା'ର ଦୁଇ ସପ୍ତାହ ପରେ ପୁଣି ଥରେ ଡିଏଫ୍-୧୭ କୁହାଯାଉଥିବା ହାଇପର୍‌ସୋନିକ୍ ଗ୍ଲାଇଡ୍ ଭେଇକିଲ୍ ବା ଏଚ୍‌ଜିଭିର ପରୀକ୍ଷା କରିଥିବା ଓ ଉଭୟ ପରୀକ୍ଷା ସଫଳ ହୋଇଥିବା ସମ୍ପର୍କରେ ଟୋକିଓରୁ ପ୍ରକାଶିତ 'ଡିପ୍ଲୋମାଟ୍' ମ୍ୟାଗାଜିନ୍‌ରେ ଏକ ରିପୋର୍ଟ ପ୍ରକାଶ ପାଇଥିଲା। ଚୀନ ଆର୍ମି ପିଏଲ୍‌ଏ'ର ରକେଟ୍ ଫୋର୍ସ ଦ୍ୱାରା ବିକଶିତ ଆଡ୍‌ଭାନ୍ସଡ୍ ହାଇପର୍‌ସୋନିକ୍ ଡିଏଫ୍-୧୭ ମିସାଇଲ୍ ୨୦୨୦ ସୁଦ୍ଧା ପିଏଲ୍‌ଏରେ ସାମିଲ ହେବ ବୋଲି ଆମେରିକାର ଇଣ୍ଟେଲିଜେନ୍ସ ସୂତ୍ରରୁ ଜଣାପଡ଼ିଛି। ରକେଟ୍ ଦ୍ୱାରା ଲଞ୍ଚ୍ କରାଯାଉଥିବା ଚାଳକବିହୀନ ଦୂର ନିୟନ୍ତ୍ରିତ ଏଚ୍‌ଜିଭି ଶବ୍ଦର ବେଗଠାରୁ ବହୁ ଅଧିକ ଗୁଣ ବେଗରେ ବାୟୁମଣ୍ଡଳକୁ ଭେଦ କରି ଉପରକୁ ଯାଇ ପୁଣି ବାୟୁମଣ୍ଡଳକୁ ଅତିକ୍ରମ କରି ଟାର୍ଗେଟ୍ ଉପରକୁ ପହଞ୍ଚିବାକୁ ସକ୍ଷମ। ଏଚ୍‌ଜିଭି ଡିଏଫ୍-୧୭ ୱାର୍‌ହେଡ୍'ର ବେଗ ପାରମ୍ପରିକ ବାଲିଷ୍ଟିକ୍ ମିସାଇଲ୍‌ର ବେଗଠାରୁ ବହୁତ ଅଧିକ। ଏହା ରାଡାର୍‌କୁ ନଆସି କମ୍ ଉଚ୍ଚତାରେ ମଧ୍ୟ ଆସିପାରେ ଯେପରିକି ତାହା ଆସୁଛି ବୋଲି ଜାଣି ଇଣ୍ଟରସେପ୍ଟର୍ ଲଞ୍ଚ୍ କରିବାକୁ ଶତ୍ରୁପକ୍ଷ ସମୟ ପାଇବ ନାହିଁ। ଏଚ୍‌ଜିଭି ଡିଏଫ୍-୧୭ ମିସାଇଲ୍ ଆଭ୍ୟନ୍ତର ମଙ୍ଗୋଲିଆର 'ଜୁକ୍ୱାନ୍ ଲଞ୍ଚ୍



ସେଣ୍ଟର୍'ରୁ ପରୀକ୍ଷା କରାଯାଇଥିଲା ଓ ଏହି ମିସାଇଲ୍ ୧୪୦୦ କିଲୋମିଟର୍ ଦୂରବର୍ତ୍ତୀ ଏକ ଟାର୍ଗେଟ୍‌କୁ ସଫଳତାର ସହ ଧ୍ୱଂସ କରିଥିଲା। ଚୀନର ଜଣେ ମିଲିଟାରୀ ଆନାଲିଷ୍ଟ୍ ଝୋଉ ଚେନମିଙ୍ଗ୍ 'ସାଉଥ୍ ଚାଇନା ମର୍ଣ୍ଣିଂ ପୋଷ୍ଟ୍'କୁ କହିଛନ୍ତି, ଏଚ୍‌ଜିଭି ଟେକ୍ନୋଲଜି ଚୀନ୍, ଆମେରିକା ଓ ରୁଷ-କେବଳ ଏହି ତିନି ଅଣୁଅସ୍ତ୍ର ସମ୍ପନ୍ନ ଦେଶ ପାଖରେ ରହିଛି। ପାରମ୍ପରିକ ବାଲିଷ୍ଟିକ୍ ମିସାଇଲ୍‌କୁ ଇଣ୍ଟରସେପ୍ଟ କରିହେବ କିନ୍ତୁ ଏଚ୍‌ଜିଭି'କୁ ଇଣ୍ଟର୍‌ସେପ୍ଟ କରିବା ଅସମ୍ଭବ ନହେଲେ ବି ଅତି କଷ୍ଟକର। ଚୀନ ଏବେ 'ଫାୟାର୍ ଆଣ୍ଡ ଫରଗେଟ୍' କ୍ରୁଜ୍ ମିସାଇଲ୍ ପାଇଁ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ବିକଶିତ କରିବାକୁ ପ୍ରୟାସ ଚଳାଇଛି। ଏଚ୍‌ଜିଭି ସିଷ୍ଟମ୍ ୫,୫୦୦ କିଲୋମିଟର୍ ଦୂରଗାମୀ ଇଣ୍ଟର୍‌କଣ୍ଟିନେଣ୍ଟାଲ୍ ବାଲିଷ୍ଟିକ୍ ମିସାଇଲ୍ ନିକ୍ଷେପଣ ପାଇଁ ବ୍ୟବହାର କରାଯାଇପାରିବ। ୧୨ହଜାର କିଲୋମିଟର୍ ରେଞ୍ଜ୍ ଥିବା ଡିଏଫ୍-୪୧ରେ ମଲ୍ଟିପୁଲ୍ ଏଚ୍‌ଜିଭି ୱାର୍‌ହେଡ୍ ବ୍ୟବହାର କରାଯାଇପାରିବ ଯାହା ଆମେରିକାର ଯେକୌଣସି ଟାର୍ଗେଟ୍ ଉପରେ ଘଣ୍ଟାକରୁ କମ୍ ସମୟ ମଧ୍ୟରେ ପହଞ୍ଚି ପାରିବ ବୋଲି ଚୀନର ମିଲିଟାରୀ ସ୍ପେଶାଲିଷ୍ଟମାନେ କହିଛନ୍ତି। ମାକାଉର ଜଣେ ସାମରିକ ପର୍ଯ୍ୟବେକ୍ଷକ ଆଣ୍ଟୋନୀ ୱଙ୍ଗ୍ ଡଙ୍ଗ୍ କହିଛନ୍ତି, ଆମେରିକାର ଆଣ୍ଟି-ମିସାଇଲ୍ ସିଷ୍ଟମ୍ ଟର୍ମିନାଲ୍ ହାଇ ଅଲଟିଟ୍ୟୁଡ୍ ଏରିଆ ଡିଫେନ୍ସ ବା 'ଥଡ୍' ରାଡାର୍ ସିଷ୍ଟମ୍‌କୁ ଚୀନର ଏଚ୍‌ଜିଭି ସିଷ୍ଟମ୍ ଧ୍ୱଂସ କରିବାକୁ ସକ୍ଷମ। 'ଥଡ୍' ରାଡାର୍ ସିଷ୍ଟମ୍ ଧ୍ୱଂସ ପାଇଲେ ଚୀନର ଇଣ୍ଟର୍‌କଣ୍ଟିନେଣ୍ଟାଲ୍ ବାଲିଷ୍ଟିକ୍ ମିସାଇଲ୍‌ଗୁଡ଼ିକ ଆମେରିକାର ଯେକୌଣସି ଟାର୍ଗେଟ୍‌କୁ ଅନାୟସରେ ଧ୍ୱଂସ କରିପାରିବ।

## 'ଦଳିତ ହିଂସା ପ୍ରସଙ୍ଗରେ ମୋଦି ମୁହଁ ଖୋଲନ୍ତୁ'

**ନୂଆଦିଲ୍ଲୀ :** ମହାରାଷ୍ଟ୍ର ପୁନେରେ ଆୟୋଜିତ ଭୀମା କୋରେଗାଓଁ ଯୁଦ୍ଧର ଦୁଇଶହ ବର୍ଷ ପୂର୍ତ୍ତି ପାଳନ ବେଳେ ସଂଘଟିତ ହିଂସା ମାମଲାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମୁହଁ ଖୋଲନ୍ତୁ ବୋଲି ଦଳିତ ନେତା ଜିଗ୍ନେଶ ମେୱାନୀ ଦାବି କରିଛନ୍ତି। ବ୍ରିଟିଶ ଶାସନ ସମୟରେ ଇଷ୍ଟ୍ ଇଣ୍ଡିଆ କମ୍ପାନୀର ସେନାରେ ସାମିଲ୍ ହୋଇଥିବା ମାହାର ଗୋଷ୍ଠୀ ମହାରାଷ୍ଟ୍ରର ପେଶୱାମାନଙ୍କୁ ହରାଇବାର ସ୍ମୃତିସ୍ୱରୂପ କିଛି ଦଳିତ ଗୋଷ୍ଠୀ ଗତ ଜାନୁଆରୀ ୧ ତାରିଖରେ ଏହି ଉତ୍ସବ ପାଳନ କରୁଥିଲେ। ପେଶୱାମାନେ ବ୍ରାହ୍ମଣଥିଲେ ଏବଂ ଏହି ବିଜୟକୁ ଦଳିତମାନଙ୍କର ବୃହତ ବିଜୟ ବୋଲି ବିବେଚନା କରାଯାଏ। ହିଂସାପରେ ପ୍ରଧାନମନ୍ତ୍ରୀଙ୍କ ନିରବତାକୁ ନେଇ ବିସ୍ମୟ ପ୍ରକାଶ କରିବା ଅବସରରେ ଜିଗ୍ନେଶ କହିଛନ୍ତି, ପ୍ରଧାନମନ୍ତ୍ରୀ ନିଜକୁ ବାବା ସାହେବ ଆମ୍ବେଦକରଙ୍କର ଅନୁଗାମୀ ବୋଲି କହୁଛନ୍ତି, କିନ୍ତୁ ସେ ନିରବ କ'ଣ ପାଇଁ? ଦଳିତଙ୍କ ଉତ୍ସବରେ ଏପରି ଆକ୍ରମଣ କାହିଁକି ହେଉଛି? ଭାରତରେ ଦଳିତମାନେ କାହିଁକି ସୁରକ୍ଷିତ ନୁହନ୍ତି? ଆମେ ଜାଣିବାକୁ ଚାହୁଁଛୁ, ଜାତିବାଦ ହଟାଇବା ନେଇ ତାଙ୍କର କିଛି ପ୍ରତିଜ୍ଞା ଅଛି କି ନାହିଁ ଯାହାକି ଆମ୍ବେଦକରଙ୍କର ଶେଷ ଲକ୍ଷ୍ୟ ଥିଲା। ଆସନ୍ତା ଜାନୁଆରୀ ୯ ତାରିଖରେ ସେ ଗୋଟିଏ ହାତରେ ସମ୍ବିଧାନ ଓ ଅନ୍ୟ ହାତରେ ମନୁସ୍ମୃତି ଧରି ପ୍ରଧାନମନ୍ତ୍ରୀଙ୍କୁ ପ୍ରଶ୍ନ କରିବେ ଦେଶ ଏହି ଦୁଇଟିରୁ କାହାକୁ ନେଇ ପରିଚାଳିତ ହେବ।

## ଏସିଆର ଦୀର୍ଘତମ ଟନେଲ୍ ହେବ ଜୋଜିଲା

**ନୂଆଦିଲ୍ଲୀ :** ଜମ୍ମୁ-କଶ୍ମୀରର ଶ୍ରୀନଗର ଓ ଲେହକୁ ସଂଯୋଗ କରିବା ପାଇଁ ୧୪.୧୫ କିଲୋମିଟର୍ ଦୀର୍ଘ ଜୋଜିଲା ପାସ୍ ଟନେଲ୍ ଖୋଲାଯିବା ପାଇଁ ଭାରତ ସରକାର ନିଷ୍ପତ୍ତି ଦେଇଛନ୍ତି। ଏହି ଟନେଲ୍ ହେବ ଏସିଆର ଦୀର୍ଘତମ ଟନେଲ୍। ଟନେଲ୍ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେଲେ ଶ୍ରୀନଗରରୁ ଲେହ ପହଞ୍ଚିବା ପାଇଁ ମାତ୍ର ୧୫ମିନିଟ୍ ସମୟ ଲାଗିବ। ଏବେ ସଡ଼କ ପଥରେ ଶ୍ରୀନଗରରୁ ଲେହ ଯିବା ପାଇଁ ୩ଘଣ୍ଟା ୩୦ ମିନିଟ୍ ସମୟ ଲାଗୁଛି। ଶ୍ରୀନଗର-କାର୍ଗିଲ୍-ଲେହ ଜାତୀୟ ରାଜପଥରେ ଥିବା ଜୋଜିଲା ପାସ୍ ସମୁଦ୍ର ପତ୍ତନଠାରୁ ୧୧,୫୭୮ ଫୁଟ ଉଚ୍ଚତାରେ ରହିଛି। ଏହି ସଡ଼କ ପଥ ଶୀତ ଋତୁରେ ପ୍ରବଳ ବରଫପାତ ଓ ତୁଷାରସ୍ଖଳନ କାରଣରୁ ଡିସେମ୍ବରରୁ ମାର୍ଚ୍ଚ ଯାଏ ବନ୍ଦ ରହିଥାଏ। ସେହି ସମୟରେ କଶ୍ମୀରରୁ ଲେହ-ଲଦାଖ ବିଚ୍ଛିନ୍ନ ହୋଇପଡ଼େ। ତେଣୁ ଶ୍ରୀନଗର ସହ ଲେହକୁ ସଂଯୋଗ ପାଇଁ ସମାନ୍ତରାଳ ଏସକେପ୍ ଟନେଲ୍ ଥିବା ଦୁଇ ଲେନ୍ ବାଇଡିରେକ୍ସନାଲ୍ ସିଙ୍ଗଲ୍ ଟ୍ୟୁବ୍ ଟନେଲ୍ ଖୋଲାଯିବା ପାଇଁ ପ୍ରସ୍ତାବ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଅର୍ଥନୀତିକ ବ୍ୟାପାର ସମ୍ବନ୍ଧିତ କ୍ୟାବିନେଟ୍ କମିଟି ବୈଠକରେ ଅନୁମୋଦିତ ହୋଇଥିଲା। ଏହି ଟନେଲ୍ ନିର୍ମାଣ କାର୍ଯ୍ୟ ସରିବାକୁ ୭ବର୍ଷ ସମୟ ଲାଗିବ। ଏହାର ସିଭିଲ୍ କନଷ୍ଟ୍ରକ୍ସନ୍ ପାଇଁ ୪,୮୯୯.୪୨ କୋଟି ଟଙ୍କା ଖର୍ଚ୍ଚ ହେବ। ଟନେଲ୍ ପାଇଁ ଜମି ଅଧିଗ୍ରହଣ, ବିସ୍ଥାପିତଙ୍କୁ କ୍ଷତିପୂରଣ ଓ ସେମାନଙ୍କ ଥଇଥାନ, ୪ବର୍ଷ ପାଇଁ ଟନେଲ୍‌ର ପରିଚାଳନା ଓ ରକ୍ଷଣାବେକ୍ଷଣ ଆଦି ଖର୍ଚ୍ଚକୁ ମିଶାଇ ଏହି ପ୍ରକଳ୍ପର ମୋଟ ବ୍ୟୟବରାଦ ୬,୮୦୮.୬୯ କୋଟି ଟଙ୍କା ରହିଛି। ୨୦ବର୍ଷ ତଳୁ ଏହି ଟନେଲ୍ ନିର୍ମାଣ ପାଇଁ ଚିନ୍ତା କରାଯାଇଛି। ସେଥିପାଇଁ ୪ଥର ଟେଣ୍ଡର୍ ଆହ୍ୱାନ ଦିଆଯାଇଛି। କିନ୍ତୁ କେତେକ ବୈଷୟିକ ଓ ଆର୍ଥିକ ଯୋଗ୍ୟତା ସମ୍ବନ୍ଧିତ ସର୍ତ୍ତକୁ ସରକାର କୋହଳ କରିବା ପରେ ଏବେ ଠିକାଦାରମାନେ ଏହି କାର୍ଯ୍ୟ ପାଇଁ ଆଗ୍ରହ ଦେଖାଇଛନ୍ତି। ଏବେ କଶ୍ମୀରକୁ ଲଦାଖ ସହ ଯୋଡ଼ିବା ପାଇଁ ଗଗନଗିରଠାରେ ୬.୫ କିଲୋମିଟର୍ ଦୀର୍ଘ ଜେଡ୍-ମୋର୍‌ହ ଟନେଲ୍ ମଧ୍ୟ ଖୋଳା ଚାଲିଛି।

## ହାଫିଜ୍ ଅନୁଷ୍ଠାନକୁ ନିଜ ଦଖଲକୁ ନେବ ପାକିସ୍ତାନ!

**ଇସଲାମାବାଦ :** ଲସ୍କର-ଇ-ତାଇବା ମୁଖ୍ୟ ତଥା ଦୁର୍ଦ୍ଦାନ୍ତ ଆତଙ୍କବାଦୀ ହାଫିଜ୍ ସୟିଦ୍‌ର ବିଭିନ୍ନ ଅନୁଷ୍ଠାନ ତଥା ସମ୍ପତ୍ତିଗୁଡ଼ିକୁ ପାକିସ୍ତାନ ସରକାର ନିଜ ଦଖଲକୁ ନେବେ ବୋଲି ଗୋପନୀୟ ସୂତ୍ରରୁ ଜଣାପଡ଼ିଛି। ଗତ ଡିସେମ୍ବର ୧୯ରେ ଏନେଇ ବିଭିନ୍ନ ସରକାରୀ କାର୍ଯ୍ୟାଳୟକୁ ଭବିଷ୍ୟତରେ ହେବାକୁ ଥିବା ଚଢ଼ଉର ଯୋଜନା ବିଷୟରେ ଜଣାଇ ଦିଆଯାଇଛି। ଏହା ପୂର୍ବରୁ



ଏକ ଉଚ୍ଚସ୍ତରୀୟ ବୈଠକ କରାଯାଇଥିଲା। ଅର୍ଥ ମନ୍ତ୍ରଣାଳୟ ତରଫରୁ ସମସ୍ତ ରାଜ୍ୟ ସରକାର ଏବଂ ଆଇନ୍ ବ୍ୟବସ୍ଥାର ବିଭାଗ ଗୁଡ଼ିକୁ ଚଢ଼ଉ ପୂର୍ବରୁ ଏକ ଯୋଜନା ପ୍ରସ୍ତୁତ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏହି ଚଢ଼ଉରେ ହାଫିଜ୍‌ର ଦୁଇଟି ଅନୁଷ୍ଠାନ୍, ଜମାତ୍-ଉଦ୍-ଦାୱା ଓ ଫଲା-ଇଇନ ସାନିୟତ୍ ଫାଉଣ୍ଡେସନ୍‌କୁ ଦଖଲକୁ ନିଆଯିବ ବୋଲି ସୂଚନା ମିଳିଛି। ଫଳରେ ଏହି ଆତଙ୍କବାଦୀର ରାଜନୀତିକ ଯୋଜନାରେ ବ୍ୟାଘାତ ସୃଷ୍ଟି ହୋଇଛି। ହାଫିଜ୍ ୧୯୮୭ ମସିହାରେ ଲସ୍କର-ଇ-ତାଇବା ନାମରେ ଏକ ଆତଙ୍କୀ ସଂଗଠନ ମଧ୍ୟ ଚଳାଇଛି ଯାହାକି କଶ୍ମୀର ଉପତ୍ୟକାରେ ଅସ୍ଥିରତା ସୃଷ୍ଟି କରିବାରେ ପ୍ରମୁଖ ଭୂମିକା ନେବା ସହିତ ମୁମ୍ବାଇ ଆକ୍ରମଣରେ ୧୬୬ ଜଣଙ୍କ ଜୀବନ ନେଇପାରିଥିଲା। ଏହି ଆତଙ୍କୀ ସଂଗଠନକୁ ସମର୍ଥନ କରୁଥିବାରୁ ଜେୟୁଡି ଏବଂ ଏଫ୍‌ଆଇଏଫ୍‌କୁ ଆମେରିକା 'ଟେରୋରିଷ୍ଟ୍ ଫ୍ରଣ୍ଟ୍' ବୋଲି ଘୋଷଣା କରିଛି। ଏହି ଚଢ଼ଉ ବିଷୟରେ ପାକିସ୍ତାନର ଆଭ୍ୟନ୍ତରୀଣ ବିଭାଗ ମନ୍ତ୍ରୀ ଆସନ୍ ଇକ୍‌ବାଲ୍‌ଙ୍କୁ ପଚରାଯିବାରୁ ସେ କୌଣସି ବ୍ୟକ୍ତି ଓ ଅନୁଷ୍ଠାନର ନାମ ନନେଇ କହିଛନ୍ତି ଅବୈଧ ଘୋଷିତ ଅନୁଷ୍ଠାନର ଆର୍ଥିକ କାରବାର ଉପରେ ରୋକ୍ ଲଗାଯିବ। କାହାକୁ ଖୁସି କରିବାକୁ ନୁହେଁ ବରଂ ଏକ ଦାୟିତ୍ୱବାନ ଦେଶଭାବରେ କାର୍ଯ୍ୟକରାଯାଉଛି ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ସରକାରୀ ନୋଟିସ୍ ନମିଳିଲା ପର୍ଯ୍ୟନ୍ତ କିଛି ମତାମତ ଦେଇହେବନି ବୋଲି ଉଭୟ ଅନୁଷ୍ଠାନର ମୁଖପାତ୍ର ମତ ରଖିଛନ୍ତି। ୧୯ ତାରିଖରେ ଜାରି ହୋଇଥିବା ନିର୍ଦ୍ଦେଶନାମାରେ 'ଫାଇନାନ୍ସିଆଲ୍ ଅକସନ୍ ଟାସ୍କ ଫୋର୍ସ୍'ର ନାମ ଉଲ୍ଲେଖ ରହିଛି। ଏହି ଅନ୍ତର୍ଜାତୀୟ ଫୋର୍ସ ଆତଙ୍କୀଙ୍କ ଅର୍ଥକାରବାର ଉପରେ ନଜର ରଖି କାର୍ଯ୍ୟାନୁଷ୍ଠାନ ନେଇଥାଏ। ପାକିସ୍ତାନ ସରକାର ଯୋଜନା ଅନୁଯାୟୀ ପଦକ୍ଷେପ ନେଲେ ହାଫିଜ୍ ନେଟୱର୍କ ବିରୋଧରେ ଏପରି କାର୍ଯ୍ୟାନୁଷ୍ଠାନ ପାକିସ୍ତାନ ପାଇଁ ପ୍ରଥମ ଥର ହେବ। ଏଥିରେ ୩୦୦ଟି ଶିକ୍ଷାନୁଷ୍ଠାନ, ଡାକ୍ତରଖାନା, ଗୋଟିଏ ପ୍ରକାଶନ ସଂସ୍ଥା, ଆମ୍ବୁଲାନ୍ସ ସେବା ଇତ୍ୟାଦି ରହିଛି। ଉଭୟ ଅନୁଷ୍ଠାନର ମିଳିତ ଭାବରେ ୫୦,୦୦୦ ସ୍ୱେଚ୍ଛାସେବୀ ଏବଂ ଶହଶହ କର୍ମଚାରୀ କାମ କରୁଛନ୍ତି।

## ଭାରତୀୟ ଛାତ୍ରଙ୍କ ପସନ୍ଦର ଦେଶ ହେଉଛି କାନାଡ଼ା

**ନୂଆଦିଲ୍ଲୀ :** ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଚାହୁଁନାହାନ୍ତି ଯେ ବିଦେଶୀମାନେ ବିଶେଷ କରି ଛାତ୍ର ଓ ପେସାଦାରମାନେ ଅଧିକ ସଂଖ୍ୟାରେ ଆମେରିକା ଆସନ୍ତୁ, ଚାକିରି କରନ୍ତୁ ଓ ସ୍ଥାୟୀ ଭାବେ ବସବାସ କରନ୍ତୁ। ପୁଣି ଆମେରିକାରେ ଏବେ ଅଣ-ଆମେରିକୀୟ ବିଦେଶୀଙ୍କ ପ୍ରତି ବିଦ୍ୱେଷ କାରଣରୁ ହିଂସା ଘଟଣା ଅଧିକ ସଂଖ୍ୟାରେ ଘଟୁଛି। ଆମେରିକାରେ ଏଚ୍-୧ ବି ୱର୍କ ଭିସା ମିଳିବା ସମ୍ଭାବନା କମିଥିବାରୁ ଭାରତୀୟ ଛାତ୍ରଛାତ୍ରୀମାନେ ପାଠପଢ଼ା ସରିବା ପରେ ସେଠାରେ ଅପ୍‌ସନାଲ୍ ପ୍ରାକ୍ଟିକାଲ୍ ଟ୍ରେନିଂ ବା ଓପିଟି ପାଇଁ ରହି ସେଠାକାର ଦପ୍ତର, ଉଦ୍ୟୋଗରେ ନିଯୁକ୍ତି ପାଇବାରେ ଅସୁବିଧା ଦେଖାଦେଇଛି। ତେଣୁ ଏବେ ଶିକ୍ଷା ଓ ବୃତ୍ତି ପାଇଁ ଭାରତୀୟ ଛାତ୍ରଙ୍କ ନିମନ୍ତେ କ୍ୟାନାଡା ହୋଇଛି ପସନ୍ଦର ଦେଶ। ନ୍ୟୁୟର୍କର ଇନଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଟର୍‌ନ୍ୟାସନାଲ୍ ଏଜୁକେସନ୍ ଓ ୟୁଏସ୍ ବ୍ୟୁରୋ ଅଫ୍ ଏଜୁକେସନାଲ୍ ଆଣ୍ଡ୍ କଲ୍‌ଚୁରାଲ୍ ଆଫାୟାର୍ସ ପକ୍ଷରୁ ଗତ ନଭେମ୍ବରରେ ପ୍ରକାଶିତ ରିପୋର୍ଟ ଅନୁଯାୟୀ ୨୦୧୬-୧୭ରେ ଆମେରିକାର ବିଭିନ୍ନ କଲେଜ, ବିଶ୍ୱବିଦ୍ୟାଳୟ ଓ ଅନ୍ୟ ଶିକ୍ଷାନୁଷ୍ଠାନରେ ନାମଲେଖାଇଥିବା ଭାରତୀୟ ଛାତ୍ରଛାତ୍ରୀଙ୍କ ସଂଖ୍ୟା ୧,୮୬,୨୬୭ ଥିଲା, ଯାହା ତା' ପୂର୍ବ ବର୍ଷ ତୁଳନାରେ ୧.୩% ଅଧିକ। ସେହିବର୍ଷ କ୍ୟାନାଡାର ବିଭିନ୍ନ କଲେଜ, ବିଶ୍ୱବିଦ୍ୟାଳୟ ଓ ଅନ୍ୟ ଶିକ୍ଷାନୁଷ୍ଠାନରେ ୧ଲକ୍ଷ ଭାରତୀୟ ଛାତ୍ରଛାତ୍ରୀ ଷ୍ଟଡି ପରମିଟ୍ ପାଇ ନାମ ଲେଖାଇଥିଲେ। ୨୦୧୫-୧୬ରେ ଶିକ୍ଷା ପାଇଁ ପ୍ରାୟ ୫୦ହଜାର ଭାରତୀୟ ଛାତ୍ର ଷ୍ଟଡି ପରମିଟ୍ ପାଇ କ୍ୟାନାଡାକୁ ଯାଇଥିଲେ। ଏଥିରୁ ଜଣାପଡୁଛି ଯେ ସମ୍ପ୍ରତି ଶିକ୍ଷା ଓ ବୃତ୍ତି ପାଇଁ ଭାରତୀୟ ଛାତ୍ର ଓ ପେସାଦାରମାନେ ଆମେରିକା ତୁଳନାରେ କ୍ୟାନାଡାକୁ ଅଧିକ ପସନ୍ଦ କରୁଛନ୍ତି। ଏହାର କାରଣ ହେଉଛି ଆମେରିକା ତୁଳନାରେ କ୍ୟାନାଡାରେ ପାଠପଢ଼ା ଖର୍ଚ୍ଚ ୩୦ରୁ ୪୦% କମ୍। ପୁଣି କ୍ୟାନାଡାରେ ନିଯୁକ୍ତିଦାତାମାନେ ବିଜ୍ଞାନ, ବୈଷୟିକ ବିଦ୍ୟା, ଇଂଜିନିୟରିଂ, ଗଣିତ ଭଳି ଶିକ୍ଷା ପାଇଥିବା ଭାରତୀୟ ଛାତ୍ରଛାତ୍ରୀଙ୍କୁ ନିଯୁକ୍ତି ଦେବା ପାଇଁ ଆଗ୍ରହ ଦେଖାଉଛନ୍ତି। କ୍ୟାନାଡାର ଶିକ୍ଷାନୁଷ୍ଠାନରୁ ଡିଗ୍ରୀ ହାସଲ କରିଥିବା ଭାରତୀୟ ଛାତ୍ରଛାତ୍ରୀମାନେ ଏକ୍ସପ୍ରେସ୍ ଏଣ୍ଟ୍ରି ସିଷ୍ଟମ୍ ଓ କ୍ୟାନାଡିଆନ୍ ଏକ୍ସପେରିଏନ୍ସ କ୍ଲାସ୍ ସିଷ୍ଟମ୍‌ର ସୁଯୋଗ ନେଇ ପ୍ରଥମେ ଫାଷ୍ଟ ଟ୍ରାକ୍ ପର୍ମାନେଣ୍ଟ ରେସିଡେଣ୍ଟ୍ ଷ୍ଟାଟସ୍ ଓ ପରେ କ୍ୟାନାଡାର ନାଗରିକତ୍ୱ ପାଇ ପାରୁଛନ୍ତି।

# ଇସ୍ରାଏଲ୍‌ରୁ ସ୍ପାଇକ୍ ଏଟିଜିଏମ୍ କିଣିବନି ଭାରତ

**ଜେରୁଜେଲମ୍ :** ଇସ୍ରାଏଲ୍‌ର ଅସ୍ତ୍ରଶସ୍ତ୍ର ଓ ପ୍ରତିରକ୍ଷା ସରଞ୍ଜାମ ନିର୍ମାତା ରାଷ୍ଟ୍ରାୟତ୍ତ କମ୍ପାନୀ ରାଫେଲ୍ ଆଡ୍‌ଭାନ୍ସ ଡିଫେନ୍ସ ସିଷ୍ଟମ୍ସ ଲିଃରୁ ପ୍ରାୟ ୫୦୦ ନିୟୁତ ଡଲାର୍ ବିନିମୟରେ ଭାରତ ସରକାର ସେନା ପାଇଁ ସ୍ପାଇକ୍ ଆଣ୍ଟି-ଟ୍ୟାଙ୍କ୍ ଗାଇଡେଡ୍ ମିସାଇଲ୍ ବା ଏଟିଜିଏମ୍ କିଣିବା ନିମନ୍ତେ ଯେଉଁ ଡିଲ୍ କରିଥିଲେ ତାହାକୁ ଫାଇନାଲ୍ ଏଗ୍ରିମେଣ୍ଟ୍ ସ୍ୱାକ୍ଷରିତ ହେବା ପୂର୍ବରୁ ରଦ୍ଦ କରିଛନ୍ତି। ଭାରତର ପ୍ରତିରକ୍ଷା ମନ୍ତ୍ରଣାଳୟ ଏହି ସ୍ପାଇକ୍ ଡିଲ୍ ରଦ୍ଦ କରାଯାଇଥିବା ନିଷ୍ପତ୍ତି ବିଷୟରେ ସମ୍ପୃକ୍ତ କମ୍ପାନୀର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଫିସର୍ ବା ସିଇଓଙ୍କୁ ଜଣାଇଦେଇଛନ୍ତି। ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଚଳିତ ମାସ ୧୪ ତାରିଖରେ ଭାରତକୁ ୪ଦିନିଆ ସରକାରୀ ଗସ୍ତରେ ଆସିବେ। ତାଙ୍କ ସହ ରାଫେଲ୍ ଆଡ୍‌ଭାନ୍ସ ଡିଫେନ୍ସ ସିଷ୍ଟମ୍ସ ଲିଃର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଫିସର ମଧ୍ୟ ଭାରତକୁ ଆସିବେ। ପ୍ରଧାନମନ୍ତ୍ରୀ ନେତାନ୍ୟାହୁ ଓ ରାଫେଲ୍ ସିଇଓଙ୍କ ଭାରତ ଗସ୍ତର ଦୁଇ ସପ୍ତାହ ପୂର୍ବରୁ ପ୍ରତିରକ୍ଷା ମନ୍ତ୍ରଣାଳୟ ସ୍ପାଇକ୍ ଏଟିଜିଏମ୍ ଡିଲ୍ ରଦ୍ଦ କରିଛି। ତେଣୁ ଆଶା କରାଯାଉଛି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଯେତେବେଳେ ପ୍ରଧାନମନ୍ତ୍ରୀ ନେତାନ୍ୟାହୁ ଭେଟି ଦ୍ୱିପାକ୍ଷିକ ବାଣିଜ୍ୟ ସମ୍ପର୍କ ବଢ଼ାଇବା ବିଷୟରେ ଆଲୋଚନା କରିବେ ସେତେବେଳେ ସ୍ପାଇକ୍ ଏଟିଜିଏମ୍ କ୍ରୟ ଡିଲ୍ ରଦ୍ଦ ହେବା ପ୍ରସଙ୍ଗ ସେହି ଆଲୋଚନାରେ ସ୍ଥାନ ପାଇବ। ଏବେ ୨୬ଟି ଦେଶର ସେନା ସ୍ପାଇକ୍ ଏଟିଜିଏମ୍ ବ୍ୟବହାର କରୁଛନ୍ତି। ଡିଲ୍ କାହିଁକି ରଦ୍ଦ କରାଗଲା ସେ ସମ୍ପର୍କରେ ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ କିଛି କୁହାଯାଇନାହିଁ। ସ୍ପାଇକ୍ ଏଟିଜିଏମ୍ କ୍ରୟ ଡିଲ୍ ରଦ୍ଦ ହୋଇଥିବାରୁ ରାଫେଲ୍ ଆଡ୍‌ଭାନ୍ସ ଡିଫେନ୍ସ ସିଷ୍ଟମ୍ସ ଲିଃ ପକ୍ଷରୁ ଦୁଃଖ ପ୍ରକାଶ କରାଯାଇଛି। ଏହି ଇସ୍ରାଏଲୀ କମ୍ପାନୀ କହିଛି ଯେ ଗତ ଦୁଇ ଦଶନ୍ଧି ଧରି




କମ୍ପାନୀ ଭାରତକୁ ଅତ୍ୟାଧୁନିକ ଜ୍ଞାନକୌଶଳ ଉପଯୋଗରେ ନିର୍ମିତ ଅସ୍ତ୍ରଶସ୍ତ୍ର ଓ ଯୁଦ୍ଧ ସରଞ୍ଜାମ ଯୋଗାଇ ଆସୁଛି। କମ୍ପାନୀ ପାଇଁ ଭାରତ ଏକ ବୃହତ ବଜାର। ସ୍ପାଇକ୍ ଏଟିଜିଏମ୍ ଡିଲ୍ ରଦ୍ଦ ହେବା ସତ୍ତ୍ୱେ କମ୍ପାନୀ ଭାରତକୁ ଅନ୍ୟ ଅନେକ ପ୍ରକାରର ଯୁଦ୍ଧାସ୍ତ୍ର ଓ ଯୁଦ୍ଧ ସରଞ୍ଜାମ ବିକ୍ରି ଚାଲୁରଖିବ। ଭାରତର ପ୍ରତିରକ୍ଷା ମନ୍ତ୍ରଣାଳୟ ଚାହେଁ ଯେ ଯେଉଁ ଦେଶ ଭାରତକୁ ପ୍ରତିରକ୍ଷା ସାମଗ୍ରୀ ଓ ସରଞ୍ଜାମ ବିକ୍ରି କରିବ ସେ ଦେଶ ମେକ୍ ଇନ୍ ଇଣ୍ଡିଆ ଇନିସିଏଟିଭ୍ ଅନୁଯାୟୀ ଭାରତର କୌଣସି କମ୍ପାନୀ ସହ ଯୌଥ ଉଦ୍ୟୋଗ ପ୍ରତିଷ୍ଠା କରି ଭାରତରେ ସେହି ପ୍ରତିରକ୍ଷା ସାମଗ୍ରୀ ଓ ସରଞ୍ଜାମ ନିର୍ମାଣ କରିବ ଓ ତାହାର ଜ୍ଞାନକୌଶଳ ଭାରତକୁ ହସ୍ତାନ୍ତର କରିବ। ଇସ୍ରାଏଲୀ ରାଷ୍ଟ୍ରାୟତ୍ତ କମ୍ପାନୀ ରାଫେଲ୍ ଆଡ୍‌ଭାନ୍ସ ଡିଫେନ୍ସ ସିଷ୍ଟମ୍ସ ଲିଃ ଭାରତର ଏହି ସର୍ତ୍ତ ଆଂଶିକ ପୂରଣ କରିବ କିନ୍ତୁ ସ୍ପାଇକ୍ ଏଟିଜିଏମ୍‌ର ଜ୍ଞାନକୌଶଳ ସମ୍ପୂର୍ଣ୍ଣ ଭାବେ ହସ୍ତାନ୍ତର କରିପାରିବ ନାହିଁ ବୋଲି ଭାରତର ପ୍ରତିରକ୍ଷା ମନ୍ତ୍ରଣାଳୟକୁ ଜଣାଇଥିବାରୁ ସ୍ପାଇକ୍ ଡିଲ୍ ରଦ୍ଦ କରାଯାଇଥିବା ଅନୁମାନ କରାଯାଉଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଦୀର୍ଘ ବର୍ଷଧରି ପ୍ରତିରକ୍ଷା କ୍ଷେତ୍ରରେ ଭାରତ ଓ ଇସ୍ରାଏଲ୍ ପରସ୍ପରକୁ ସହଯୋଗ ଦେଉଛନ୍ତି। ୨୦୧୪ରେ ନରେନ୍ଦ୍ର ମୋଦି ପ୍ରଧାନମନ୍ତ୍ରୀ ହେବା ପରଠାରୁ ଉଭୟ ଦେଶ ମଧ୍ୟରେ ବାଣିଜ୍ୟିକ ସମ୍ପର୍କ ବୃଦ୍ଧି ପାଇଛି। ଗତବର୍ଷ ଗ୍ରୀଷ୍ମ ଋତୁରେ ପ୍ରଧାନମନ୍ତ୍ରୀ ମୋଦି ଇସ୍ରାଏଲକୁ ସରକାରୀ ଗସ୍ତରେ ଯାଇଥିଲେ ଓ ଭାରତ ଆସିବା ପାଇଁ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କୁ ନିମନ୍ତ୍ରଣ ଦେଇଥିଲେ। ମୋଦିଙ୍କ ପୂର୍ବରୁ ଭାରତର କେହି ପ୍ରଧାନମନ୍ତ୍ରୀ ତାଙ୍କ କାର୍ଯ୍ୟକାଳ ଭିତରେ ଇସ୍ରାଏଲ୍ ଯାଇନଥିଲେ। ପ୍ରଧାନମନ୍ତ୍ରୀ ମୋଦିଙ୍କ ନିମନ୍ତ୍ରଣ ରକ୍ଷା କରି ପ୍ରଧାନମନ୍ତ୍ରୀ ନେତାନ୍ୟାହୁ ଆସନ୍ତା ୧୪ ତାରିଖରେ ନୂଆଦିଲ୍ଲୀ ପହଞ୍ଚିବେ।





### ପାରଦ ଖସୁଛି

## ଥରୁଛି ଓଡ଼ିଶା



**ଭୁବନେଶ୍ୱର :** ଗତ ଏକସପ୍ତାହ ଧରି ରାଜ୍ୟରେ ପ୍ରବଳ ଥଣ୍ଡା ବଢ଼ିଚାଲିଛି। ଶୀତର ପ୍ରକୋପରେ ଥରୁଛି ଓଡ଼ିଶା। ବିଭିନ୍ନ ଅଞ୍ଚଳରେ ତାପମାତ୍ରା ୧୫ ଡିଗ୍ରୀ ତଳେ ରହିଥିବା ରେକର୍ଡ କରାଯାଇଛି। ଉପକୂଳଠାରୁ ଆରମ୍ଭ କରି ଦକ୍ଷିଣ, ପଶ୍ଚିମ ଓ ଆଭ୍ୟନ୍ତରୀଣ ଓଡ଼ିଶା ସବୁ ଅଞ୍ଚଳରେ ଅସହ୍ୟ ଥଣ୍ଡା ସାଙ୍ଗକୁ କୋହଲା ପବନ ଜନଜୀବନକୁ ଅସ୍ତବ୍ୟସ୍ତ କରି ଦେଇଛି। ଅଧିକାଂଶ ସ୍ଥାନରେ ପାରଦ ୧୦ ଡିଗ୍ରୀ ତଳେ ରହିଛି। ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ସର୍ବନିମ୍ନ ତାପମାତ୍ରା ହାରାହାରି ୩ ଡିଗ୍ରୀ ହ୍ରାସ ପାଇଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ସେପଟେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଦକ୍ଷିଣ -ପୂର୍ବ ବଙ୍ଗୋପସାଗରରେ ଏକ ଲଘୁଚାପ ସୃଷ୍ଟି ହେବାର ଆଶଙ୍କା ରହିଥିବା ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। କିନ୍ତୁ ଏହାର ପ୍ରଭାବ କେତେ ଦୂର ଓଡ଼ିଶା ଉପରେ ରହିବ, ତାହା ଏଯାଏ ସ୍ପଷ୍ଟ ହୋଇନାହିଁ। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, କିଛିଦିନ ହେଲା ରାଜ୍ୟକୁ ୨୫ କିମି ବେଗରେ ଉତ୍ତର-ପୂର୍ବ ଦିଗରୁ ଥଣ୍ଡା ପବନ ବୋହିବା ସହ ଆକାଶ ମେଘମୁକ୍ତ ରହୁଥିବାରୁ ସର୍ବନିମ୍ନ ତାପମାତ୍ରା ହ୍ରାସ ପାଇବା ସହ ଶୀତ ଅନୁଭୂତ ହେଉଥିଲା। କିନ୍ତୁ ଗତ ୨୪ ଘଣ୍ଟା ମଧ୍ୟରେ ପବନର ଘଣ୍ଟାପ୍ରତି ବେଗ ବୃଦ୍ଧି ପାଇଛି। ଫଳରେ ରାଜ୍ୟର ସର୍ବନିମ୍ନ ତାପମାତ୍ରା ହଠାତ୍ ହ୍ରାସ ପାଇବା ସହ ଶୀତର ପ୍ରକୋପ ବୃଦ୍ଧି ପାଇଛି। ଆଜି ୩.୫ ଡିଗ୍ରୀ ସହ ଫୁଲବାଣୀ ରାଜ୍ୟର ସବୁଠାରୁ ଥଣ୍ଡା ସହର ହୋଇଛି। ସେହିପରି ୪ ଡିଗ୍ରୀ ସହ ଦାରିଙ୍ଗବାଡ଼ି ଦ୍ୱିତୀୟ ଓ ୭ ଡିଗ୍ରୀ ସହ ସୁନ୍ଦରଗଡ଼ ତୃତୀୟ ଥଣ୍ଡା ସହର ପାଲଟିଛି। ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ୧୩ଟି ସହରର ତାପମାତ୍ରା ୧୦ ଡିଗ୍ରୀ ତଳେ ରହିଛି। ବିଶେଷ କରି ଆଭ୍ୟନ୍ତରୀଣ ଓ ପଶ୍ଚିମ ଓଡ଼ିଶାରେ ଶୀତର ପ୍ରକୋପ ଅଧିକ ଅନୁଭୂତ ହେଉଛି। ରାଜଧାନୀ ଭୁବନେଶ୍ୱର ମଧ୍ୟ ଶୀତର ଦାଉରୁ ରକ୍ଷା ପାଇପାରି ନାହିଁ। ବୁଧବାର ରାଜଧାନୀର ସର୍ବନିମ୍ନ ତାପମାତ୍ରା ୧୨.୪ ରହିଥିବା ବେଳେ ଗତ ୨୪ ଘଣ୍ଟା ମଧ୍ୟରେ ଏହା ୧୦.୪ ଡିଗ୍ରୀକୁ ଖସି ଆସିଛି। ହୀରାକୁଦରେ ସର୍ବନିମ୍ନ ତାପମାତ୍ରା ୭.୨ ଡିଗ୍ରୀ, ଭବାନୀପାଟଣାରେ ୭.୫, ସୋନପୁରରେ ୯ , କୋରାପୁଟରେ ୯ , ସମ୍ବଲପୁରରେ ୮.୮, କେନ୍ଦୁଝରରେ ୭.୯, ଝାରସୁଗୁଡ଼ାରେ ୭.୯, ବାରିପଦାରେ ୯.୨, ଅନୁଗୁଳରେ ୯ ଓ ବାଲେଶ୍ୱରରେ ୯.୫ ଡିଗ୍ରୀ ରହିଛି। ସେହିପରି ଢେଙ୍କାନାଳ, ଟିଟିଲାଗଡ଼, ବଲାଙ୍ଗିରର ସର୍ବନିମ୍ନ ତାପମାତ୍ରା ୧୦ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଛି। ଆଗକୁ ଯଦି ଲଘୁଚାପ ପ୍ରଭାବରେ ଓଡ଼ିଶାର ବର୍ଷା ହୁଏ, ତା’ହେଲେ ପାଗରେ କିଛିଟା ପରିବର୍ତ୍ତନ ଆସିବ। ନଚେତ୍ ୧୨ ତାରିଖ ଯାଏ ରାଜ୍ୟରେ ଏପରି ଶୀତ ଲହରୀ ଜାରି ରହିବ।

### ସର୍ବଭାରତୀୟ ସ୍ୱାଧୀନତା ସଂଗ୍ରାମୀ ଦିବସ ସମାରୋହ

## ‘ସ୍ୱାଧୀନତା ସଂଗ୍ରାମୀମାନେ ସମାଜ ପାଇଁ ପ୍ରେରଣାର ଉତ୍ସ’



**ଭୁବନେଶ୍ୱର :** ସ୍ୱାଧୀନତା ସଂଗ୍ରାମୀମାନେ ହେଉଛନ୍ତି ମହାନ ଇତିହାସର ଚଳନ୍ତି କିମ୍ବଦନ୍ତୀ। ସେମାନେ ଆମ ସମାଜରେ ପୂଜ୍ୟ। ସେମାନଙ୍କ ସାମାଜିକ ସୁରକ୍ଷା ପାଇଁ ବିଶେଷ ଧ୍ୟାନ ଦେଉଛନ୍ତି ରାଜ୍ୟ ସରକାର। ୨୦୧୭ ଏପ୍ରିଲରୁ ସ୍ୱାଧୀନତା ସଂଗ୍ରାମୀମାନଙ୍କ ପେନସନ୍ ବୃଦ୍ଧି କରାଯାଇଛି। ସେମାନେ ସବୁବେଳେ ସମାଜ ପାଇଁ ପ୍ରେରଣାର ଉତ୍ସ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଉତ୍କଳ କେଶରୀ ଡ. ହରେକୃଷ୍ଣ ମହତାବଙ୍କ ୩୧ତମ ଶ୍ରାଦ୍ଧତିଥି ଅବସରରେ ସ୍ୱାଧୀନତା ସଂଗ୍ରାମୀ ସଦନରେ ସର୍ବଭାରତୀୟ ସ୍ୱାଧୀନତା ସଂଗ୍ରାମୀ ଦିବସ ମହୋତ୍ସବ ଅନୁଷ୍ଠିତ ହୋଇଛି। ମୁଖ୍ୟମନ୍ତ୍ରୀ ଏହାକୁ ଉଦ୍‌ଘାଟନ କରି କହିଛନ୍ତି, ବିଶ୍ୱ ଇତିହାସରେ ଭାରତର ସ୍ୱାଧୀନତା ସଂଗ୍ରାମ ସ୍ୱତନ୍ତ୍ର। ଭାରତର ସ୍ୱାଧୀନତା ଆନ୍ଦୋଳନ, ଦମନ ଓ ଅତ୍ୟାଚାର ବିରୋଧରେ ହେଉଥିବା ସଂଗ୍ରାମର ମୌଳିକ ନୀତିକୁ ପରିବର୍ତ୍ତନ କରିଛି। ଭାରତର ସ୍ୱାଧୀନତା ଆନ୍ଦୋଳନ ସାରା ବିଶ୍ୱରେ ସାଧାରଣ ଲୋକଙ୍କୁ ସଶକ୍ତ କରିଛି। ଅହିଂସାରୂପକ ଅସ୍ତ୍ରରେ ସଂଗ୍ରାମର ଶିକ୍ଷା ଦେଇଛି। ମହାନ ସ୍ୱାଧୀନତା ସଂଗ୍ରାମୀମାନଙ୍କର ତ୍ୟାଗ ଓ ବଳିଦାନରେ ଭାରତର ସ୍ୱାଧୀନତା ସମ୍ଭବ ହୋଇଛି। ଡ. ମହତାବଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଦେଶର ସ୍ୱାଧୀନତା ସଂଗ୍ରାମରେ ଡକ୍ଟର ମହତାବ ଗୁରୁତ୍ୱପୂର୍ଣ୍ଣ ନେତୃତ୍ୱ ନେବା ସହିତ ଓଡ଼ିଶାର ସାମାଜିକ, ଆର୍ଥିକ ଓ ସାହିତ୍ୟ କ୍ଷେତ୍ରରେ ଅନେକ ପରିବର୍ତ୍ତନ ଆଣିଥିଲେ। ମୁଖ୍ୟମନ୍ତ୍ରୀ ସର୍ବଭାରତୀୟ ସ୍ତରରୁ ଆସିଥିବା ସମସ୍ତ ସ୍ୱାଧୀନତା ସଂଗ୍ରାମୀ ଓ ଦାୟଦମାନଙ୍କୁ ନବବର୍ଷର ଅଭିନନ୍ଦନ ଜଣାଇଥିଲେ। ପ୍ରାରମ୍ଭରେ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଆୟୋଜିତ ଏକ ଫଟୋଚିତ୍ର ପ୍ରଦର୍ଶନୀକୁ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିଥିବାବେଳେ ସମାରୋହରେ ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା ଅଭ୍ୟର୍ଥନା ସମିତିର ଅଧ୍ୟକ୍ଷ ଭାବେ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ସାଂସଦ ଡ. ପ୍ରସନ୍ନ ପାଟ୍ଟଶାଣୀ, ବିଧାୟକ ଦେବୀପ୍ରସାଦ ମିଶ୍ର, ପୂର୍ବତନମନ୍ତ୍ରୀ ବିଶ୍ୱଭୂଷଣ ହରିଚନ୍ଦନ ଓ ସୁରେଶ କୁମାର ରାଉତରାୟ ଉଦବୋଧନ ଦେଇଥିଲେ। ସର୍ବଭାରତୀୟ ସ୍ୱାଧୀନତା ସଂଗ୍ରାମୀ ଯୁବ ସାମ୍ମୁଖ୍ୟର ସଭାପତି ସାଂସଦ ଭର୍ତ୍ତୃହରି ମହତାବ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବାବେଳେ ସ୍ୱାଧୀନତା ସଂଗ୍ରାମୀ ସମିତିର ସର୍ବଭାରତୀୟ ସଭାପତି ଏନ୍‌ଆର ମଥାର୍ଡି ସଭାପତିତ୍ୱ କରିଥିଲେ। ଓଡ଼ିଶା ପ୍ରଦେଶ ସ୍ୱାଧୀନତା ସଂଗ୍ରାମୀ ସମିତି ସଭାପତି ଭବାନୀ ଚରଣ ପଟ୍ଟନାୟକ ଉଦବୋଧନ ଦେଇଥିଲେ। ଅପରାହ୍ନରେ ଯୁବ ସାମ୍ମୁଖ୍ୟ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ସ୍ୱାଧୀନତା ସଂଗ୍ରାମୀ ଯୁବ ସାମ୍ମୁଖ୍ୟ ଅଧିବେଶନରେ ଖଣି ଓ ଇସ୍ପାତ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବାବେଳେ ପିସିସି ସଭାପତି ପ୍ରସାଦ ହରିଚନ୍ଦନ, ସରକାରୀ ମୁଖ୍ୟ ସଚେତକ ଅମରପ୍ରସାଦ ଶତପଥୀ, ବିଧାୟକ ପ୍ରଭାତ ତ୍ରିପାଠୀ, ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା, ବିଜେପି ନେତା ପୃଥ୍ୱୀରାଜ ହରିଚନ୍ଦନ ଓ ସିପିଆଇ ନେତା ରାମକୃଷ୍ଣ ପଣ୍ଡା ପ୍ରମୁଖ ଅତିଥି ଭାବେ ଯୋଗଦେଇ ଦେଶର ସୁରକ୍ଷା ଓ ସ୍ୱାଧୀନତା ସଂଗ୍ରାମର ତ୍ୟାଗକୁ ସୁରକ୍ଷିତ ରଖିବାକୁ ଯୁବ ସାମ୍ମୁଖ୍ୟମାନଙ୍କର ଗୁରୁଦାୟିତ୍ୱ ରହିଛି ବୋଲି କହିଥିଲେ। ସ୍ୱାଧୀନତା ସଂଗ୍ରାମୀ ଯୁବ ସାମ୍ମୁଖ୍ୟ ପକ୍ଷରୁ ବିଧାନ ଚନ୍ଦ୍ର ରାୟ, ବିରୂପାକ୍ଷ ତ୍ରିପାଠୀ, ଶ୍ୟାମଚରଣ ପଟ୍ଟନାୟକ, ମାଲା ସିଂ, ଅଭୟ ବଡ଼ଜେନା, ସୁଧାଂଶୁ ମହାପାତ୍ର, ଉପେନ୍ଦ୍ର ପାଢ଼ୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବିଜୟ ଶର୍ମା ସିଭିଲ୍ ଡିଫେନ୍ସ ନିର୍ଦ୍ଦେଶକ



**ଭୁବନେଶ୍ୱର :** ଅଗ୍ନିଶମ ବିଭାଗ ଡିଜି ତଥା ହୋମଗାର୍ଡ କମାଣ୍ଡାଣ୍ଟ ଜେନେରାଲ୍ ବିଜୟ କୁମାର ଶର୍ମାଙ୍କ ପଦବୀର ନାମ ବଦଳାଯାଇ ଡାଇରେକ୍ଟର ସିଭିଲ୍ ଡିଫେନ୍ସ କରାଯାଇଛି। ଗୃହ ବିଭାଗ ପକ୍ଷରୁ ଏନେଇ ଟ୍ୱିଟ୍ କରି ସୂଚନା ଦିଆଯାଇଛି। ଶ୍ରୀ ଶର୍ମା ଉଭୟ ବିଭାଗରେ ଥିଲେ ସୁଦ୍ଧା ବର୍ତ୍ତମାନ କେବଳ ତାଙ୍କୁ ଡାଇରେକ୍ଟର ସିଭିଲ୍ ଡିଫେନ୍ସ କୁହାଯିବ ବୋଲି ସମ୍ପୃକ୍ତ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ପୂର୍ବରୁ ସମ୍ପୃକ୍ତ ପଦବୀକୁ ଅଗ୍ନିଶମ ବିଭାଗ ମହାନିର୍ଦ୍ଦେଶକ, କମାଣ୍ଡାଣ୍ଟ ଜେନେରାଲ୍ ହୋମଗାର୍ଡ ଓ ଡାଇରେକ୍ଟର ସିଭିଲ ଡିଫେନ୍ସ ବୋଲି କୁହାଯାଉଥିଲା। ଏଠାରେ ସୂଚନାଯୋଗ୍ୟ, ତିନିବର୍ଷ ତଳେ ଡାଇରେକ୍ଟର ସିଭିଲ୍ ଡିଫେନ୍ସ ପଦବୀ ସୃଷ୍ଟି କରାଯାଇଥିଲା।

### ବିଚାରପତିଙ୍କ ଘରେ ସିବିଆଇ ଅଧିକାରୀଙ୍କ ପ୍ରବେଶ ମାମଲା

## ଏଫ୍‌ଆଇଆର ଖାରଜ କଲେ ସୁପ୍ରିମ୍‌କୋର୍ଟ

**କଟକ :** ଓଡ଼ିଶା ହାଇକୋର୍ଟର ବିଚାରପତି ସି.ଆର୍ ଦାସଙ୍କ ବାସଭବନରେ ସିବିଆଇ ଅଧିକାରୀଙ୍କ ରାତିଅଧିଆ ପ୍ରବେଶ ଘଟଣାକୁ ନେଇ ସିବିଆଇ ବିରୋଧରେ ରୁଜୁ ଏଫ୍‌ଆଇଆର୍‌କୁ ସୁପ୍ରିମ୍‌କୋର୍ଟ ଖାରଜ କରି ଦେଇଛନ୍ତି। ଏହି ଘଟଣାରେ ତଦନ୍ତକାରୀ ସଂସ୍ଥା ସିବିଆଇ ଓ ସିବିଆଇ ଅଫିସର ସମ୍ପୃକ୍ତ ବିଚାରପତିଙ୍କୁ ଲିଖିତ ଭାବେ କ୍ଷମା ପ୍ରାର୍ଥନା କରି ସାରିଥିବାରୁ ଅଦାଲତ ସିବିଆଇ ବିରୋଧରେ ରୁଜୁ ଏଫ୍‌ଆଇଆର୍‌କୁ ଖାରଜ କରିଛନ୍ତି। ଏ ସମ୍ପର୍କରେ ସିବିଆଇ ପକ୍ଷରୁ ସୁପ୍ରିମ୍‌କୋର୍ଟରେ ଲିଖିତ ସତ୍ୟପାଠ ପ୍ରଦାନ କରାଯିବା ପରେ ଅଦାଲତ ଏପରି ନିର୍ଦ୍ଦେଶ ଦେଇଛନ୍ତି। ସୁପ୍ରିମ୍‌କୋର୍ଟରେ ମାମଲାର ଶୁଣାଣିବେଳେ ଗତ ଡିସେମ୍ବର ୪ ତାରିଖରେ ସିବିଆଇ ପକ୍ଷରୁ ଏଭଳି ଘଟଣା ପାଇଁ କ୍ଷମାପ୍ରାର୍ଥନା କରାଯାଇଥିଲା। ତେବେ ଏହି ଘଟଣାରେ ବିଚାରପତିଙ୍କ ସମ୍ମାନ ଦୃଷ୍ଟିରୁ ସିବିଆଇକୁ ଲିଖିତ ଭାବେ କ୍ଷମା ପ୍ରାର୍ଥନା କରିବାକୁ ପଡ଼ିବ ବୋଲି ସୁପ୍ରିମ୍‌କୋର୍ଟର ବିଚାରପତି ଏ.କେ ସିକ୍ରୀ ଓ ବିଚାରପତି ଅଶୋକ ଭୂଷଣଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରି କହିଥିଲେ। ଓଡ଼ିଶା ହାଇକୋର୍ଟର ବିଚାରପତି ସି.ଆର୍ ଦାସଙ୍କ ବାସଭବନରେ ସିବିଆଇ ଅଧିକାରୀମାନେ ସେପ୍ଟେମ୍ବର ମାସ ୧୯ ତାରିଖ ବିଳମ୍ବିତ ତାରିଖରେ ରାତିଅଧିଆ ପ୍ରବେଶ କରିଥିଲେ। ଓଡ଼ିଶା ହାଇକୋର୍ଟର ପୂର୍ବତନ ବିଚାରପତି ଆଇ.ଏମ୍ କୁଦ୍ଦୁସୀଙ୍କ ବାସଭବନ ଭାବି ସିବିଆଇ ଅଧିକାରୀମାନେ ବିଚାରପତି ସି.ଆର୍ ଦାସଙ୍କ ବାସଭବନକୁ ପ୍ରବେଶ କରିଥିଲେ। ହାଇକୋର୍ଟ ରେଜିଷ୍ଟ୍ରାର୍ କିମ୍ବା ଡିସିପିଙ୍କ ଅନୁମତି ନ ନେଇ ବିଳମ୍ବିତ ରାତିରେ ଜଣେ କାର୍ଯ୍ୟରତ ବିଚାରପତିଙ୍କ ଘରେ ସିବିଆଇ ପଶିବା ଘଟଣା ସମ୍ପୂର୍ଣ୍ଣ ବେଆଇନ ବୋଲି ହାଇକୋର୍ଟ ବାର୍ ପକ୍ଷରୁ କୁହାଯାଇଥିଲା। ଏପରିକି ଏହି ଘଟଣାକୁ ନେଇ କ୍ୟାଣ୍ଟନ୍‌ମେଣ୍ଟ୍ ଥାନାରେ ସିବିଆଇ ବିରୋଧରେ ଏତଲା ଦିଆଯାଇଥିବାବେଳେ ହାଇକୋର୍ଟ ବାର୍ ପକ୍ଷରୁ କାର୍ଯ୍ୟବନ୍ଦ ଆନ୍ଦୋଳନ ମଧ୍ୟ ଡକରା ଦିଆଯାଇଥିଲା। ଏଥିରେ ସିବିଆଇ ଇନିସ୍‌ପେକ୍ଟର ପି.କେ ମିଶ୍ର ଓ ଅନ୍ୟ ୪ ଜଣ ଅଧିକାରୀଙ୍କ ବିରୋଧରେ ଅଭିଯୋଗ କରାଯାଇଥିଲା। ଏହି ପ୍ରସଙ୍ଗକୁ ନେଇ ସେପ୍ଟେମ୍ବର ୨୧ ତାରିଖରେ ହାଇକୋର୍ଟ ବାର୍ ଆସୋସିଏସନ୍ ପକ୍ଷରୁ ଓଡ଼ିଶା ହାଇକୋର୍ଟରେ ମଧ୍ୟ ଏକ ମାମଲା ରୁଜୁ ହୋଇଥିଲା। ଏଥିରେ ସିବିଆଇ ନିର୍ଦ୍ଦେଶକ, କେନ୍ଦ୍ର ସରକାରଙ୍କ ଗୃହ ବିଭାଗ ସଚିବ, ଆଇଜି, ରାଜ୍ୟ ପୁଲିସ୍ ମହାନିର୍ଦ୍ଦେଶକ, ପୁଲିସ୍ କମିଶନର, ରାଜ୍ୟ ସରକାରଙ୍କ ମୁଖ୍ୟ ଶାସନ ସଚିବ, ଡିସିପି, କ୍ୟାଣ୍ଟନମେଣ୍ଟ ଥାନା ଅଧିକାରୀ ପ୍ରମୁଖଙ୍କୁ ପକ୍ଷଭୁକ୍ତ କରାଯାଇ ଏହାର ନିରପେକ୍ଷ ତଦନ୍ତ ଦାବି କରାଯାଇଥିଲା।

## ଓଡ଼ିଆ ଇଞ୍ଜିନିୟରଙ୍କ ବିରଳ କୃତିତ୍ୱ



**ଭୁବନେଶ୍ୱର :** ସୂଚନା ଓ ପ୍ରଯୁକ୍ତି ବିଜ୍ଞାନରେ ବିଟେକ୍ କରିବା ସହ ଏମ୍‌ବିଏ ଡିଗ୍ରୀ ହାସଲ କରିଥିବା ଓଡ଼ିଆ ଯୁବ ଇଞ୍ଜିନିୟର ଦେବୀପ୍ରସାଦ ନାୟକ ଏକ ବିରଳ କୃତିତ୍ୱର ଅଧିକାରୀ ହୋଇପାରିଛନ୍ତି। ଶ୍ରୀ ନାୟକ ବାୟୋମେଡିକାଲ କ୍ଷେତ୍ରରେ ଗବେଷଣା କରି କଲମ୍ବୋ ବିଶ୍ୱବିଦ୍ୟାଳୟର ସମ୍ମାନଜନକ ଡକ୍ଟରେଟ୍ ହାସଲ କରିଛନ୍ତି। ତାଙ୍କର ସନ୍ଦର୍ଭ ‘ରୋଲ୍ ଅଫ୍ ନ୍ୟୁରୋଇମେଜିଙ୍ଗ ଇନ୍ ଆଲଝେମେନ୍ ଡିଜିଜ୍’ ଏହି ବିଶ୍ୱବିଦ୍ୟାଳୟ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଛି। ଜଣେ ଭଲ ଛାତ୍ର ଭାବେ ଖ୍ୟାତି ଅର୍ଜନ କରିଥିବା ଦେବୀପ୍ରସାଦ ସମାଜସେବା ସହ ଅଭାବୀ ଛାତ୍ରମାନଙ୍କୁ ମାଗଣାରେ ଶିକ୍ଷାଦାନ କରିଥାନ୍ତି। ସୂଚନାଯୋଗ୍ୟ, ସେ ଭିଏସ୍‌ଏସ୍ ନଗର ନିବାସୀ ଅବସରପ୍ରାପ୍ତ ଜଣାଶୁଣା ଡାକ୍ତର ଗୋବିନ୍ଦଚନ୍ଦ୍ର ନାୟକଙ୍କ ସୁପୁତ୍ର ଏବଂ ସନାତନ ନାୟକଙ୍କ ନାତି ଅଟନ୍ତି।

## ସରିଲା ପକ୍ଷୀ ଗଣନା : ଚିଲିକାରେ ୯ ଲକ୍ଷ ବିଦେଶୀ ପକ୍ଷୀ

**ବାଣପୁର/ବାଲୁଗାଁ :** ଚଳିତ ଶୀତ ଋତୁରେ ଦୀର୍ଘ ୧୧୦୦ ବର୍ଗ କିଲୋମିଟର ପରିବ୍ୟାପ୍ତ ଚିଲିକାରେ ବିଦେଶାଗତ ପକ୍ଷୀଙ୍କ ସଂଖ୍ୟା ଓ ପ୍ରଜାତି ନିର୍ଦ୍ଧାରଣ ପାଇଁ ଚାଲିଥିବା ପକ୍ଷୀ ଗଣନା ଶେଷ ହୋଇଛି। ଚଳିତ ବର୍ଷ ସମଗ୍ର ଚିଲିକାରେ ୮ଲକ୍ଷ ୯୩ ହଜାର ୩୯୦ଟି ପକ୍ଷୀ ରହିଥିବା ବେଳେ କେବଳ ପକ୍ଷୀ ଅଭୟାରଣ୍ୟ ନଳବଣରେ ୩ଲକ୍ଷ ୨୦ହଜାର ୮୨୬ଟି ପକ୍ଷୀ ଥିବା ଗଣନାରୁ ପ୍ରକାଶ। ଗଣନା ଅନୁଯାୟୀ ଗତ ବର୍ଷ ତୁଳନାରେ ଚଳିତ ବର୍ଷ ଚିଲିକାକୁ ୫୩ ହଜାର ୭୨୯ଟି ପକ୍ଷୀ କମ୍ ଆସିଥିବା ଜଣାଯାଇଛି। ଗତ ବର୍ଷ ସମଗ୍ର ଚିଲିକା ବକ୍ଷରେ ୯ଲକ୍ଷ ୪୭ହଜାର ୧୧୯ଟି ପକ୍ଷୀ ଥିବା ବେଳେ ନଳବଣରେ ୩ ଲକ୍ଷ ୭୪ହଜାର ୭୫୭ଟି ବିଦେଶାଗତ ପକ୍ଷୀଙ୍କ ସମାଗମ ହୋଇଥିଲା। ପାଣିପାଗରେ ବ୍ୟାପକ ପରିବର୍ତ୍ତନ, ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁ ଚିଲିକାର ଜଳସ୍ତର ହ୍ରାସ ନହେବାରୁ ଚିଲିକା ଓ ନଳବଣରେ ପକ୍ଷୀ ସଂଖ୍ୟାରେ ହ୍ରାସ ପାଇଥିବା ବିଭାଗ ସୂତ୍ରରୁ ପ୍ରକାଶ। ଚଳିତ ବର୍ଷ ପ୍ରଥମ କରି ରିଭର ଲାପଓ୍ୱିଙ୍ଗ ପ୍ରଜାତିର ପକ୍ଷୀ ଚିଲିକାରେ ଦୃଷ୍ଟି ଗୋଚର ହୋଇଥିବା ରିପୋର୍ଟରୁ ପ୍ରକାଶ। ଚଳିତ ବର୍ଷ ୧୪୭ ବିଦେଶୀ ଓ ଦେଶୀୟ ପ୍ରଜାତିର ପକ୍ଷୀଙ୍କ ଚିଲିକାରେ ସମାଗମ ହୋଇଥିବା ବେଳେ ଗତ ବର୍ଷ ୧୬୭ ପ୍ରଜାତିର ପକ୍ଷୀ ଚିହ୍ନଟ କରାଯାଇଥିଲା । ଗଣନାରେ ସୁବିଧା ପାଇଁ ଚିଲିକା ବନ୍ୟ ପ୍ରାଣୀ ବିଭାଗ ଅଧିନସ୍ଥ ବାଲୁଗାଁ, ଟାଙ୍ଗୀ, ରମ୍ଭା, ସାତପଡା ଓ ଚିଲିକା ପାଞ୍ଚଟି ରେଞ୍ଜକୁ ୭ଟି ଜୋନ୍‌ରେ ବିଭକ୍ତ କରାଯାଇଥିଲା। ବିଭିନ୍ନ ମହାବିଦ୍ୟାଳୟ ଓ ବିଶ୍ୱ ବିଦ୍ୟାଳୟର ଛାତ୍ରଛାତ୍ରୀ, ମତ୍ସ୍ୟଜୀବୀ ଓ ଗବେଷକ ପ୍ରମୁଖ ୧୨୦ ଜଣଙ୍କୁ ନେଇ ୨୧ଟି ଦଳ ଗଠନ କରାଯାଇ ଚନ୍ଦ୍ରାପୁଟସ୍ଥିତ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷଙ୍କ ଗବେଷଣା ଗୃହରେ ପକ୍ଷୀ ବିଶାରଦମାନେ ଗଣନା ନେଇ ପ୍ରଶିକ୍ଷଣ ଦେଇଥିଲେ।

### ସ୍ମାର୍ଟସିଟିରେ ପରିବହନ ସେବାର ଆଧୁନିକୀକରଣ

## ସାମିଲ ହେବ ୨୦୦ ଅତ୍ୟାଧୁନିକ ବସ୍


**ଭୁବନେଶ୍ୱର :** ୨୦୧୮ ନଭେମ୍ବରରେ ହେବାକୁ ଥିବା ବିଶ୍ୱକପ୍ ହକି ପୂର୍ବରୁ ଭୁବନେଶ୍ୱରରେ ସରକାରୀ ପରିବହନ ସେବାର ସମ୍ପୂର୍ଣ୍ଣ ଆଧୁନିକୀକରଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିର୍ଦ୍ଦେଶ ଦେଇଛନ୍ତି। ସଚିବାଳୟରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ ମୁଖ୍ୟମନ୍ତ୍ରୀ କଟକ ଓ ପୁରୀ ସହିତ ଯୋଗାଯୋଗ ବ୍ୟବସ୍ଥାକୁ ସୁଦୃଢ଼ କରିବା ସହ ଭୁବନେଶ୍ୱରରେ ପରିବେଶ ଅନୁକୂଳ ଅତ୍ୟାଧୁନିକ ଇଲେକ୍ଟ୍ରିକ ବସ୍ ଚଳାଚଳର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଛନ୍ତି। ଭୁବନେଶ୍ୱରରେ ଯେପରି ନାଗରିକମାନେ ଅଧିକରୁ ଅଧିକ ସାଧାରଣ ପରିବହନ ସେବାର ସୁବିଧା ନେବେ, ସେଥିପାଇଁ ବ୍ୟାପକ ଜନସଚେତନତା ସୃଷ୍ଟି କରିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି। ଭବିଷ୍ୟତରେ ୧୬ ପ୍ରତିଶତ ଯାତ୍ରୀ ଯେପରି ସାଧାରଣ ପରିବହନ ସେବା ବ୍ୟବହାର କରିବେ, ତାକୁ ଦୃଷ୍ଟିରେ ରଖି କାର୍ଯ୍ୟକ୍ରମ ଗ୍ରହଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଭୁବନେଶ୍ୱରରେ ବିଏମ୍‌ସି ପକ୍ଷରୁ ଏଥିପାଇଁ ଗ୍ରହଣ କରାଯାଇଥିବା କାର୍ଯ୍ୟକ୍ରମ ଅନୁଯାୟୀ ପ୍ରଥମ ପର୍ଯ୍ୟାୟରେ ଆଉ ୨୦୦ଟି ଅତ୍ୟାଧୁନିକ ବସ୍‌କୁ ସାମିଲ କରାଯିବ। ଏହାଦ୍ୱାରା ଭୁବନେଶ୍ୱରରେ ନଗର ନିଗମର ବସ୍ ସଂଖ୍ୟା ୩୧୦କୁ ବୃଦ୍ଧି ପାଇବ। ବର୍ତ୍ତମାନ ପ୍ରଚଳିତ ୧୧୦ଟି ବସ୍‌କୁ ମଧ୍ୟ ନବୀକରଣ କରାଯିବ। ଏଥିପାଇଁ ଆବଶ୍ୟକ ଦୁଇଟି ଡିପୋ ମଧ୍ୟ ନିର୍ମାଣ କରାଯିବ। ପ୍ରଥମ ପର୍ଯ୍ୟାୟରେ ଏଥିପାଇଁ ୧୨୫ କୋଟି ଟଙ୍କା ଖର୍ଚ୍ଚ କରାଯିବ। ପରବର୍ତ୍ତୀ ପର୍ଯ୍ୟାୟରେ ସହରର ଗୁରୁତ୍ୱପୂର୍ଣ୍ଣ ୩୦ କିଲୋମିଟର ରାସ୍ତାରେ ୯୨ଟି ଇଲେକ୍ଟ୍ରିକ୍ ଏସି ବସ୍ ଯାତ୍ରୀ ପରିବହନରେ ସାମିଲ ହେବ ବୋଲି ବୈଠକରେ ସୂଚନା ଦିଆଯାଇଛି। ଏତଦ୍‌ବ୍ୟତୀତ ଯାତ୍ରୀମାନେ ଯେପରି ସୁବିଧାରେ ପରିବହନ ସେବା ପାଇବେ, ପରିବହନ ବ୍ୟବସ୍ଥାକୁ ଆଇଟିଏସ୍ ସହିତ ସଂଯୁକ୍ତ କରାଯିବ, ଯାହାଦ୍ୱାରା ଏକ ନିର୍ଦ୍ଦିଷ୍ଟ ଆପ୍ ବ୍ୟବହାର କରି ଯାତ୍ରୀମାନେ ଭେହିକିଲ ଟ୍ରାକିଙ୍ଗ୍‌ଠାରୁ ଆରମ୍ଭ କରି ପାସେଞ୍ଜର ଇନଫରମେଶନ ସିଷ୍ଟମ ଓ ରୁଟ୍ ପ୍ଲାନ ଆଦି ସମ୍ପର୍କରେ ସବିଶେଷ ତଥ୍ୟ ପାଇପାରିବେ। ବର୍ତ୍ତମାନ ଭୁବନେଶ୍ୱରର ବିଭିନ୍ନ ରୁଟ୍‌ରେ ୧୧୦ଟି ବସ୍ ବିଏମ୍‌ସି ପକ୍ଷରୁ ଚଳାଚଳ କରୁଛି। ମୋଟ ଯାତ୍ରୀ ପରିବହନର ମାତ୍ର ୬ ପ୍ରତିଶତ ଏହି ବସ୍ ସେବାର ସୁବିଧା ନେଉଛନ୍ତି। ଦିଲ୍ଲୀରେ ମେଟ୍ରୋ ରେଳ ସୁବିଧା ସତ୍ତ୍ୱେ ୩୩ ପ୍ରତିଶତ ଯାତ୍ରୀ ବସ୍ ସେବା ବ୍ୟବହାର କରୁଛନ୍ତି। ସହର ମଧ୍ୟରେ ବସ୍‌ରେ ଅଧିକ ଯାତ୍ରୀ ଯିବାଆସିବା କଲେ, ସଡ଼କରେ ଅନ୍ୟ ଗାଡ଼ିର ଚଳାଚଳ କମ୍ ରହିବ। ଯଦ୍ୱାରା ଭିଡ଼ କମିବା ସହ ଦୁର୍ଘଟଣା ମଧ୍ୟ କମିବ। ସେହିପରି ଇନ୍ଧନ ଖର୍ଚ୍ଚ କମ୍ ହେବ ଏବଂ ପ୍ରଦୂଷଣ ମଧ୍ୟ ରୋକାଯାଇ ପାରିବ ବୋଲି ବୈଠକରେ କୁହାଯାଇଛି।

### ଧାନର ଏମ୍‌ଏସ୍‌ପି ପ୍ରସଙ୍ଗରେ କେନ୍ଦ୍ର ସରକାରଙ୍କ ସ୍ପଷ୍ଟୀକରଣ

## ବଢ଼ିବନି ଦର, ଓଡ଼ିଶା ପାଇଁ ଶକ୍ତ ଧକ୍କା

**ଭୁବନେଶ୍ୱର :** ଧାନର ଉତ୍ପାଦନ ଖର୍ଚ୍ଚ ଆଧାରରେ କେନ୍ଦ୍ର ସରକାର ନିର୍ଦ୍ଧାରଣ କରିଥିବା କ୍ୱିଣ୍ଟାଲ୍ ପିଛା ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍‌ଏସ୍‌ପି) ଗତ ୩ବର୍ଷ ଧରି ଚାଷୀଙ୍କୁ ୩୮ରୁ ୪୧ ପ୍ରତିଶତ ମୁନାଫା ଦେଉଛି। ତେଣୁ ଧାନର ହାରାହାରି ଉତ୍ପାଦନ ଖର୍ଚ୍ଚ ଉପରେ ଏମ୍‌ଏସ୍‌ପି ଅତିକମ୍‌ରେ ୨୫ ପ୍ରତିଶତ ବୃଦ୍ଧିର ପ୍ରାସଙ୍ଗିକତା ନାହିଁ। ଏହାସହିତ ଏମ୍‌ଏସ୍‌ପି ନିର୍ଦ୍ଧାରଣ ପାଇଁ ପ୍ରଚଳିତ ମାନଦଣ୍ଡକୁ ମଧ୍ୟ ଏବେ ପରିବର୍ତ୍ତନ କରିବାର କୌଣସି ଯୋଜନା ନାହିଁ। ରାଜ୍ୟସଭାରେ କେନ୍ଦ୍ର କୃଷି ରାଷ୍ଟ୍ରମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତ୍ ଏହି ସୂଚନା ଦେଇଛନ୍ତି। ଧାନର ଏମ୍‌ଏସ୍‌ପି ପ୍ରସଙ୍ଗରେ କେନ୍ଦ୍ର ସରକାରଙ୍କ ଏହି ସ୍ପଷ୍ଟୀକରଣ ଓଡ଼ିଶା ପାଇଁ ଶକ୍ତଧକ୍କା ସଦୃଶ ହୋଇଛି। କ୍ୱିଣ୍ଟାଲ୍ ପିଛା ଧାନର ଉତ୍ପାଦନ ଖର୍ଚ୍ଚ ଉପରେ ଅତିରିକ୍ତ ୨୫ ପ୍ରତିଶତ ଅର୍ଥକୁ ଏମ୍‌ଏସ୍‌ପି ଆକାରରେ ନିର୍ଦ୍ଧାରଣ ପାଇଁ ଓଡ଼ିଶା ଗତ ମାର୍ଚ୍ଚ ମାସଠାରୁ ଦାବି କରି ଆସୁଛି ଓ ବିଧାନସଭାରେ ଏନେଇ ସର୍ବସମ୍ମତ ସଂକଳ୍ପ ପ୍ରସ୍ତାବ ମଧ୍ୟ ଗୃହୀତ କରାଇଛି। ରାଜ୍ୟସଭାରେ କେନ୍ଦ୍ର କୃଷି ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଶେଖାୱତ୍ ଲିଖିତ ଉତ୍ତର ଦେଇ କହିଛନ୍ତି ଯେ, ଧାନର ଏମ୍‌ଏସ୍‌ପି ନିର୍ଦ୍ଧାରଣ ଫର୍ମୁଲାକୁ ପରିବର୍ତ୍ତନ କରିବାର ଏବେ କୌଣସି ପ୍ରସ୍ତାବ ନାହିଁ। ଅବଶ୍ୟ ବିଭିନ୍ନ ସମୟରେ ସରକାରଙ୍କ ଦ୍ୱାରା ବିଶେଷଜ୍ଞ କମିଟି ଗଠନ କରାଯାଇ ସର୍ବନିମ୍ନ ସହାୟକ ମୂଲ୍ୟ ନିର୍ଦ୍ଧାରଣ ପାଇଁ ଫସଲର ଉତ୍ପାଦନ ମୂଲ୍ୟର ଆକଳନ ସମ୍ବନ୍ଧୀୟ ପ୍ରକ୍ରିୟା ଓ ପଦ୍ଧତିର ସମୀକ୍ଷା କରାଯାଉଛି। ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ଏମ୍‌ଏସ୍‌ପି ସର୍ବଭାରତୀୟସ୍ତରରେ ହାରାହାରି ଉତ୍ପାଦନ ଉପରେ ପର୍ଯ୍ୟାପ୍ତ ମୁନାଫା ପ୍ରଦାନ କରିଥାଏ। ୨୦୧୬-୧୭ ମସିହାରେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କ୍ୱିଣ୍ଟାଲ ପିଛା ୧୪୭୦ଟଙ୍କା ନିର୍ଦ୍ଧାରିତ ହୋଇଥିଲା। ଏଗ୍ରିକଲ୍‌ଚରାଲ୍ କଷ୍ଟ୍ ଆଣ୍ଡ୍ ପ୍ରାଇସ୍ କମିଶନ୍ (ସିଏସିପି) ଦ୍ୱାରା ସର୍ବଭାରତୀୟସ୍ତରରେ ଆକଳନ କରାଯାଇଥିବା ହାରାହାରି ଉତ୍ପାଦନ ଖର୍ଚ୍ଚ (ଉତ୍ପାଦନ ଖର୍ଚ୍ଚ + ପାରିବାରିକ ଶ୍ରମ) କ୍ୱିଣ୍ଟାଲ୍ ପିଛା ୧୦୪୫ ଟଙ୍କା ହୋଇଥିବାରୁ ଚାଷୀଙ୍କୁ ୪୨୫ ଟଙ୍କା ଲାଭ ମିଳିଥିଲା। ସେହିପରି ୨୦୧୭-୧୮ ମସିହା ପାଇଁ ଧାନର ଏମ୍‌ଏସ୍‌ପି କ୍ୱିଣ୍ଟାଲ୍ ପିଛା ୧୫୫୦ଟଙ୍କା ନିର୍ଦ୍ଧାରଣ କରାଯାଇଛି, ଯାହା ସିଏସିପିଙ୍କ ଦ୍ୱାରା ସର୍ବଭାରତୀୟସ୍ତରରେ ଉତ୍ପାଦନ ଖର୍ଚ୍ଚ ଆକଳନ ଅନୁସାରେ କ୍ୱିଣ୍ଟାଲ୍ ପିଛା ୧୧୧୭ଟଙ୍କା। ତେଣୁ ଏ ବର୍ଷର ଏମ୍‌ଏସ୍‌ପିରୁ ଚାଷୀଙ୍କୁ ୪୩୩ ଟଙ୍କା ଲାଭ ମିଳୁଛି। ସିଏସିପିଙ୍କ ସୁପାରିସ୍ ଆଧାରରେ କେନ୍ଦ୍ର ସରକାର ଧାନ ସମେତ ପ୍ରମୁଖ କୃଷିଜାତ ସାମଗ୍ରୀର ଏମ୍‌ଏସ୍‌ପି ନିର୍ଦ୍ଧାରଣ କରିଥାନ୍ତି। ଏହି ସମୟରେ ଉତ୍ପାଦନ ଖର୍ଚ୍ଚ, ସାମଗ୍ରିକ ଚାହିଦା-ଯୋଗାଣ ଅନୁପାତ, ଘରୋଇ ଓ ଆନ୍ତର୍ଜାତିକ ଦର, ଅର୍ଥନୀତି ଉପରେ ଏହାର ପ୍ରଭାବ ଆଦିକୁ ଦୃଷ୍ଟିରେ ରଖି ସରକାର ଏହି ଏମ୍‌ଏସ୍‌ପି ନିର୍ଦ୍ଧାରଣ କରିଥାନ୍ତି। ସେହିପରି ରାଜ୍ୟସଭାରେ ଅନ୍ୟ ଏକ ପ୍ରଶ୍ନର ଉତ୍ତରରେ କୃଷି ରାଷ୍ଟ୍ରମନ୍ତ୍ରୀ ପୁରୁଷୋତ୍ତମ ରୁପାଲା କହିଛନ୍ତି ଯେ, ଧାର୍ଯ୍ୟ ଏମ୍‌ଏସ୍‌ପିରେ କୃଷିଜାତ ସାମଗ୍ରୀ କିଣିବା ପାଇଁ ସରକାର ପ୍ରସ୍ତାବ ଦେଇଥାନ୍ତି। କିନ୍ତୁ ଚାଷୀ ଚାହିଁଲେ ନିଜର ସୁବିଧା ଅନୁସାରେ ନିଜର ଉତ୍ପାଦିତ ସାମଗ୍ରୀକୁ ସରକାରୀ ଏଜେନ୍ସି କିମ୍ବା ଖୋଲା ବଜାରରେ ବିକ୍ରି କରିପାରିବେ। ସୂଚନାଯୋଗ୍ୟ, ଧାନର ଉତ୍ପାଦନ ଖର୍ଚ୍ଚ ଉପରେ ଅତିକମ୍‌ରେ ୨୫ ପ୍ରତିଶତ ଅଧିକ ଅର୍ଥକୁ ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍‌ଏସ୍‌ପି) ଭାବେ ନିର୍ଦ୍ଧାରଣ କରିବାକୁ ଓଡ଼ିଶା ବିଧାନସଭାରେ ଏକ ସଂକଳ୍ପ ପ୍ରସ୍ତାବ ଗତବର୍ଷ ମାର୍ଚ୍ଚ ମାସରେ ଗୃହୀତ ହୋଇଛି। ରାଜ୍ୟର ଆକଳନ ଅନୁସାରେ ଧାନ କ୍ୱିଣ୍ଟାଲ୍ ଉତ୍ପାଦନ ପିଛା ଏବେ ୨୩୪୪ ଟଙ୍କା ଖର୍ଚ୍ଚ ହେଉଥିବାରୁ ସର୍ବନିମ୍ନ ସହାୟକ ମୂଲ୍ୟ ଅତିକମ୍‌ରେ ୨୯୩୦ଟଙ୍କା କରିବା ପାଇଁ ପ୍ରଧାନମନ୍ତ୍ରୀଙ୍କୁ ଭେଟିବା ନିମନ୍ତେ ବାଚସ୍ପତିଙ୍କ ଅଧ୍ୟକ୍ଷତାରେ ଏକ ଗୃହ କମିଟି ଗଠନ ହୋଇଛି । କିନ୍ତୁ ଏପର୍ଯ୍ୟନ୍ତ ଗୃହ କମିଟିକୁ ଭେଟିବା ପାଇଁ ପ୍ରଧାନମନ୍ତ୍ରୀ ସମୟ ଦେଇନାହାନ୍ତି।





ନିଜ ସୁଖ ପାଇଁ କରାଯାଇଥିବା କର୍ମ ସୀମିତ ସୁଖ ଦେଇଥାଏ; କିନ୍ତୁ ପରୋପକାର ପାଇଁ କରାଯାଇଥିବା କର୍ମ ନିତ୍ୟ ନୂତନ ଆନନ୍ଦ ଦିଏ : ଚାଣକ୍ୟ

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

# ସମ୍ପାଦକୀୟ..

## ଶାନ୍ତି ପାଇଁ ବାର୍ତ୍ତା କାହିଁ !

ମିଛ ଆଭିଜାତ୍ୟର ଦ୍ୱାହି ଦେଇ ବର୍ତ୍ତମାନର ମଣିଷ ନିଷ୍ଠୁର ଓ ଅହଂକାରୀ ହେବାକୁ ଯେଉଁଭଳି ଚେଷ୍ଟା କରୁଛି ତାହା ବ୍ୟକ୍ତିତ୍ୱ ସ୍ଖଳନ ପାଇଁ ପଥ ପରିଷ୍କାର ଭଳି ମନେ ହେଉଛି । ସାଂପ୍ରତିକ ସମୟରେ ନୀତିନିଷ୍ଠ ଓ କର୍ତ୍ତବ୍ୟ ପରାୟଣତାର କଠୋର ସାଧନା ପୂର୍ବଭଳି ଆଉ ଏତେ ସହଜ ହୋଇ ରହିନାହିଁ । ତାହା ହୋଇଥିଲେ ସମାଜରେ ବସ୍ତୁବାଦର ପ୍ରକୋପ ଏଭଳି ହୁ ହୁ ହୋଇ ବଢ଼ିଚାଲନ୍ତାନି । ପ୍ରତ୍ୟେକ କ୍ଷେତ୍ରରେ ଲାଞ୍ଚ, ମିଛ ଓ ପ୍ରତିହିଂସା ମଣିଷକୁ ମଣିଷ ପଣିଆ ନିକଟରୁ ଦୂରେଇ ଦେଉଛି । ସାଂପ୍ରତିକ ମଣିଷ ମାନସିକ ସ୍ତରରେ ନିଜକୁ ଏଭଳି ପ୍ରସ୍ତୁତ କରିସାରିଲାଣି ଯେ, ସେ ଆଗପରି କଠୋର ପରିଶ୍ରମ ମାଧ୍ୟମରେ ଉପାର୍ଜନ କରି ସୁଖ, ଶାନ୍ତି ଅନୁଭବ କରିବାକୁ ଚାହୁଁନାହିଁ । ତେଣୁ ଯେନତେନ ଉପାୟରେ ବିପୁଳ ଅର୍ଥ ଉପାର୍ଜନ କରି ଏକ ବିଳାସମୟ ଜୀବନ ଅତିବାହିତର ଅଦ୍ଭୁତ ଚିନ୍ତାରେ ମସ୍‌ଗୁଲ ହୋଇପଡିଛି । ଏଭଳି ଚିନ୍ତା ମଣିଷକୁ ଭାରାକ୍ରାନ୍ତ କରୁଥିଲେ ବି ଏ ବାବଦରେ ସେ ମୁହୂର୍ତ୍ତଟେ ମଧ୍ୟ ଚିନ୍ତା କରିବାକୁ ଉପଯୁକ୍ତ ମଣୁନାହିଁ । ଆଜିର ମଣିଷ ଶାନ୍ତି ପାଇଁ ସଂଘର୍ଷ କରିବା ଅପେକ୍ଷା ସୁଖ ପାଇଁ ଅଧିକ ଚିନ୍ତାଶୀଳ ହୋଇଯାଇଛି । ଯେଉଁ ଚିନ୍ତାରେ ମାଟି, ଆକାଶ ଓ ପ୍ରାଚୁର୍ଯ୍ୟ ଭୋଗର ସମସ୍ତ କଳ୍ପିତ ରାଜ୍ୟଟିଏ ନିଜର ଆସ୍ଥାନ ଜମେଇ ଦେଇଛି । ସ୍ୱପ୍ନ ସାମ୍ରାଜ୍ୟର ନୂତନ ଔଦ୍ଧତ୍ୟକୁ ନେଇ ନିଷ୍ଠୁର ପ୍ରାଣୀଟିଏ ହୋଇ ସମାଜରେ ବଞ୍ଚିବାକୁ ଅଧିକ ଭଲପାଉଛି ବୋଧେ ମଣିଷ ! ଯେଉଁଥିପାଇଁ ଅପରର ଦୁଃଖରେ ସହଭାଗୀ ହେବାଠୁ ନିଜ ସୁଖକୁ ଅଧିକ ଶ୍ରେୟ ମଣୁଛି ଏବଂ ଏଥିପାଇଁ ଅହରହ ଚେଷ୍ଟା କରିଚାଲିଛି । ପାରିପାର୍ଶ୍ୱିକ ଅବସ୍ଥା ଯାହା ଥାଉନା କାହିଁକି ନିଜର ସ୍ୱଳ୍ପ ପରିସର ଭିତରେ ଏକ ବନ୍ଦୀ ଜୀବନ ବିତାଇବାକୁ ମଣିଷ ଯେଉଁ ନାରଖାର ଛବି ଆଙ୍କି ଚାଲିଛି ତାହାର ଅନ୍ତିମ ପରିଣତି କ'ଣ ସେ ବିଷୟରେ ଆଦୌ ଗୁରୁତ୍ୱ ଦେଉନି । ଯୌଥ ପରିବାରର ଆନନ୍ଦ ଆଉ ମଣିଷକୁ ଆକର୍ଷିତ କରିପାରୁନାହିଁ । ସେ ନିଜ କୁ-ସାମ୍ରାଜ୍ୟର ଶ୍ରେଷ୍ଠ ସମ୍ରାଟ ହେବାକୁ ଘୃଣ୍ୟ ପନ୍ଥାର ଅବଲମ୍ବନ କରିବାରେ କୁଣ୍ଠା ପ୍ରକାଶ କରୁନାହିଁ ।

ବିଷୟାନୁଭୂତିର ଆତ୍ମଗର୍ବ ମଣିଷକୁ ଅତିମାତ୍ରାରେ ଦହଗଞ୍ଜ କରୁଥିଲେ ବି ଏଥିରୁ ନିସ୍ତାର ପାଇବାର ମାର୍ଗ ନଖୋଜି ସେ ଅଧିକରୁ ଅଧିକ ସୁଖ ପ୍ରାପ୍ତିର ମାୟାରେ ଛନ୍ଦି ହୋଇପଡୁଛି । ଯାବତୀୟ ବର୍ବରକାଣ୍ଡ, ନୀତିହୀନ କର୍ମ, ବ୍ୟଭିଚାର ଓ ସ୍ୱାର୍ଥପର ହେବାର ସମସ୍ତ କୌଶଳ ଆପଣାଇ ନିଜକୁ ସ୍ୱତନ୍ତ୍ର ଭାବେ ଦେଖେଇବାର ହୀନ ପ୍ରୟାସ ଯୋଗୁଁ ମଣିଷ ନିଜେ କଳଙ୍କିତ ହେବା ସହିତ ସମାଜକୁ ଅତି କଳୁଷିତ କରିଦେଉଛି । ସେମାନଙ୍କ ଯୋଗୁ ହିଂସା, ଦ୍ୱେଷ, କ୍ରୋଧ ଓ ଅସଂଯମତା ବଢ଼ିଚାଲିବା ଫଳରେ ରକ୍ତପାତ, ପାଶବିକତା ଓ ସାମାଜିକ ବିଶୃଙ୍ଖଳା ସୃଷ୍ଟି ହେଉଛି । ସମ୍ପର୍କର ଉଚ୍ଚତର ସୋପାନ ନଷ୍ଟ ହୋଇ ନୀଚ ସୋପାନଟିଏ ସୃଷ୍ଟି ହେବା ଦ୍ୱାରା ଚରିତ୍ରବତ୍ତାର ଶ୍ରେଷ୍ଠ ଗୁଣ ଦିନକୁ ଦିନ ହଜିଯାଉଛି । ଆଜିକାଲି ଯନ୍ତ୍ରବତ କାର୍ଯ୍ୟ ଜରିଆରେ ଆଧୁନିକ ମଣିଷ ନିଜର ପ୍ରାଚୀନ ପରମ୍ପରା ଓ ଐତିହ୍ୟକୁ ତୁଚ୍ଛ କରିବାକୁ ଶ୍ରେୟ ମନେକରୁଛି । ଫଳରେ ପିଢ଼ି ପିଢ଼ି ମଧ୍ୟରେ ଦୀର୍ଘ ପାର୍ଥକ୍ୟ, ଅସାମଞ୍ଜସ୍ୟତା ଦେଖାଦେଉଛି । ପୂର୍ବପିଢ଼ିର ସହନଶୀଳତା ଓ ଆନ୍ତରିକତା ବର୍ତ୍ତମାନ ପିଢ଼ି ନିକଟରେ ଦୁଷ୍ପ୍ରାପ୍ୟ ହେବା ଦ୍ୱାରା କାହାର ପରାମର୍ଶକୁ କେହି ସହଜରେ ଗ୍ରହଣ କରିପାରୁନାହିଁ । ରକ୍ତ ସମ୍ପର୍କ ହେଉ କି ଲେଖାଯୋଖା, ସବୁଥିରେ ଛଳନାର ବୁଢ଼ିଆଣୀ ଜାଲ ତାର କାୟା ବିସ୍ତାର କରିଚାଲିଛି । ରକ୍ତ ସମ୍ପର୍କ ହେଉ କି ଲେଖାଯୋଖା, ସବୁଥିରେ ଛଳନାର ବୁଢ଼ିଆଣୀ ଜାଲ ତା'ର କାୟା ବିସ୍ତାର କରିଚାଲିଛି । ଗୁରୁଜନ-ଲଘୁଜନ ମାନ୍ୟତାଠାରୁ ଭାଇଚାରାର ଗଭୀର ଆନ୍ତରିକତା ଭିତରେ ଅନେକ ଗୁଣ ପରିବର୍ତ୍ତନ ହୋଇଥିବା ସ୍ପଷ୍ଟ ଅନୁଭବ ହେଉଛି । ହୃଦୟର ଭାଷା ଅପେକ୍ଷା ଓଠର ଭାଷାକୁ ଆୟୁଧ କରି ବର୍ତ୍ତମାନର ମଣିଷ ଗୋଟେ ଛଦ୍ମ ଜୀବନଯାପନ ପାଇଁ ପଥ ପରିଷ୍କାର କରିକରି ଚାଲିଛି । ଛଦ୍ମତାକୁ ଉପଯୁକ୍ତ ବିବେଚନା କରି ମଣିଷ ଖୋଳପା ଭିତରେ ବଞ୍ଚିରହିବାର ଅଦମ୍ୟ ଉତ୍ସାହ ବୃଦ୍ଧି କରିଚାଲିଛି । ପରିଣତ ବୟସରେ ଏକା ଏକା ବଞ୍ଚିବାର ଅସହ୍ୟ ଦୁଃଖ ଭିତରେ ଉପର ଠାଉରିଆ ଆନନ୍ଦରେ ବିଭୋର ହେଉଛି ମଣିଷ । ଚାରିପାଖରେ ହାହାକାର, ବେଦନା ଓ ଅନ୍ତର୍ଦାହର ନିଷ୍ଠୁର ମୁହୂର୍ତ୍ତ କିଭଳି ଅତିକ୍ରମ କରୁଛି ତାହା ଅତ୍ୟନ୍ତ ଦୁଃଖଦାୟକ ।

ଗୁରୁ-ଶିଷ୍ୟର ପରମ୍ପରାଠୁ ଆରମ୍ଭ କରି ପାରିବାରିକ ଜୀବନ ବି ନଷ୍ଟ ହେଉଛି ଏଭଳି ମାନସିକତାର ଉତ୍ଥାନ ଫଳରେ । ଗୋଟେ କୃତ୍ରିମ ସମ୍ପର୍କର ବିକୃତ ରଙ୍ଗରେ ରଙ୍ଗାୟିତ ହୋଇ ଚାଲିଛି ମଣିଷର ଜୀବନ । ପରନ୍ତୁ ଏହାଦ୍ୱାରା ମଣିଷ କେଉଁ ଦିଗରେ ନିଜକୁ ନେଉଛି ତାହା ବୁଝିବା ଅବସ୍ଥାରେ ସେ ନାହିଁ । ପ୍ରତ୍ୟେକ କ୍ଷେତ୍ରରେ ମୁଁ'ତ୍ୱର ଅହଂକାର ମଣିଷକୁ ଏଭଳି ବଶୀଭୂତ କରିଛି ଯେ, ସେ ଆପଣା ପରର ଭେଦଭାବକୁ ମଧ୍ୟ ସଠିକ୍ ଢଙ୍ଗରେ ବୁଝିବାକୁ ସମର୍ଥ ନୁହେଁ । ମୁଖ୍ୟ ପ୍ରସଙ୍ଗରୁ ଦୂରେଇ ଯାଇ ଗୌଣ ପ୍ରସଙ୍ଗକୁ ସାବ୍ୟସ୍ତ କରିବା ଦିଗରେ ଅହରହ ଅପଚେଷ୍ଟାର ବଳୟ ସୃଷ୍ଟି ହୋଇଚାଲିଛି । ଏଥିରେ ସାମିଲ ମଣିଷଗଣ ଯେ ବୁଝିପାରୁନାହାନ୍ତି ଅବକ୍ଷୟର ସମସ୍ତ ଦୋଷ ନିଜ ନିଜର ଜୀବନକୁ କଳୁଷିତ ଓ କଣ୍ଟକିତ କରିଚାଲିଛି । ଅନ୍ୟର ମାନ୍ୟତାକୁ ସ୍ୱୀକାର କରିବା ଭଳି ସ୍ଥିତିରେ ଆଉନାହିଁ ଆଜିର ମଣିଷ । ପ୍ରତି ମୁହୂର୍ତ୍ତରେ ନିଜକୁ ବଳିୟାନ କରି ଗଢ଼ି ତୋଳିବାର ଦୁର୍ବାର ଲାଳସା ଆଜି ମଣିଷକୁ ଭିତରେ ଭିତରେ ଏଭଳି ଦୁର୍ବଳ କରିଚାଲିଛି ଯେ, ଯେଉଁଥିରେ ଭୟଙ୍କର ବ୍ୟାଧି, ମାନସିକ ଅବସାଦ ଓ ଯନ୍ତ୍ରଣା ଭର୍ତ୍ତି ହୋଇଯାଉଛି । ପରିଣାମ ସ୍ୱରୂପ ଲୋକଙ୍କ ଭିତରେ ଆତ୍ମହତ୍ୟା ପ୍ରବଣତା ବୃଦ୍ଧି ପାଇଚାଲିଛି । ଏଥିସହିତ ଅକାଳ ମୃତ୍ୟୁ, ଦୁର୍ଘଟଣାଜନିତ ମୃତ୍ୟୁ ଏବଂ ହତ୍ୟା ଭଳି ନାରକୀୟ ଘଟଣା ସାମାଜିକ ଅବକ୍ଷୟର ଗୋଟିଏ ଗୋଟିଏ ନମୂନା ମାତ୍ର । ପୂର୍ବେ ଯଶ ଓ ଖ୍ୟାତି ଅର୍ଜନ ଆଶାରେ ବିଜ୍ଞଜନମାନେ ସାଧୁତାର ପଥ ଅନୁସରଣ କରୁଥିଲା ବେଳେ ଏବେ ଏହା ଦୁଷ୍ପ୍ରାପ୍ୟ ହେବାକୁ ବସିଛି । ଅପଯଶର ଭୟ ମଣିଷ ମନକୁ ପୂର୍ବଭଳି ଆଉ ଆତଙ୍କିତ କରୁନାହିଁ । ନିଶାଖୋର ଓ ବଡ ଠକଟିଏ ହେବାକୁ କାହା ଭିତରେ ଦ୍ୱିଧା ନଥିଲା ଭଳି ଜଣାପଡୁଛି । ପ୍ରତିଷ୍ଠାର ବାହାନା ନେଇ ଯାବତୀୟ ଅପକର୍ମରେ ଲିପ୍ତ ମଣିଷ ସମାଜକୁ କିଭଳି ଦିଗ୍‌ଦର୍ଶନ ଦରକାର ତାହା ଏବେ ଚିନ୍ତାର ବିଷୟ । ପୂର୍ବକାଳରେ ଅସହାୟକୁ ସହାୟ ହେବା ପାଇଁ ଧନୀକ ଗୋଷ୍ଠୀ ପଥପାର୍ଶ୍ୱରେ ବୃକ୍ଷରୋପଣ କରିବାଠୁ ଆରମ୍ଭ କରି ଗ୍ରାମର ଶେଷ ମୁଣ୍ଡରେ ଜଳାଶୟ ତିଆରି କରୁଥିଲେ । ସେମାନଙ୍କ ବିଚାରଧାରା ଏଭଳି ଥିଲା ଯେ ଗ୍ରୀଷ୍ମ ବର୍ଷାରୁ ଗରିବ ଲୋକଟିଏ କିଭଳି ରକ୍ଷା ପାଇବ ଏବଂ ଅସମୟରେ ଏହି ବୃକ୍ଷ ଓ ଜଳାଶୟ ସେମାନଙ୍କ ଜୀବନଧାରାରେ ସାମିଲ ହୋଇପାରିବ । ସେତେବେଳର ଦୟାଶୀଳ ମଣିଷମାନେ ଅପରର ଦୁଃଖ ଦେଖିଲେ ସେମାନଙ୍କ ହୃଦୟ ବିଦାରି ହୋଇଯାଉଥିଲା ଏବଂ କେଉଁ ଉପାୟରେ ପୀଡିତକୁ ସାହାଯ୍ୟ କରିହେବ ସେଥିପାଇଁ ବିଚାର ବିମର୍ଷ ମଧ୍ୟ କରାଯାଉଥିଲା । କିନ୍ତୁ ଆଜିକାଲି ଦୁଃଖ କଷ୍ଟରେ ଥିବା ମଣିଷ ପାଇଁ ପାଖ ପଡୋଶୀ ବି ସାମାନ୍ୟ ଚିନ୍ତା ଟିକିଏ କରିବାକୁ କୁଣ୍ଠା ପ୍ରକାଶ କରୁଛନ୍ତି । ସହଯୋଗ ତ ଦୂରର କଥା କେବଳ ପଦୁଟିଏ କଥା କହି ଅସହାୟ ମୁହଁରେ ସାମାନ୍ୟ ଆଶ୍ୱାସନା ଭରିଦେବାକୁ ଆଉ କେହି ଆଗେଇ ଆସୁନାହାନ୍ତି । ଏଭଳି ଅବସ୍ଥାରେ ଆମେ ଭବିଷ୍ୟତ ପିଢ଼ିକୁ କେଉଁ ବାର୍ତ୍ତା ଦେବା ଯେ ଯେଉଁଥିରେ ହୃଦୟ ଆନନ୍ଦରେ ଭରି ଉଠିବ ।

# ଟ୍ରମ୍ପଙ୍କ ହୁଙ୍କାର-ପାକ୍‌ରେ ହାହାକାର



ସୌମେନ୍ଦ୍ର ଜେନା

ସନ୍ତ୍ରାସବାଦୀଙ୍କୁ ସହଯୋଗ କରିବା, ଆଫଗାନ ମାଟିରେ ବାରମ୍ବାର ବିସ୍ଫୋରଣ ଘଟାଇ ସେଠାକାର ସରକାରଙ୍କୁ ତାଲିବାନର ଭୟ ଦେଖାଇବା, କାଶ୍ମୀର ସୀମାରେ ବାରମ୍ବାର ଅସ୍ତ୍ର ବିରତିକୁ ଉଲ୍ଲଂଘନ କରି ଗୁଳିଚାଳନା କରିବା, ସନ୍ତ୍ରାସବାଦୀଙ୍କୁ ଭାରତକୁ ପଠାଇବା, ସରକାର ସନ୍ତ୍ରାସବାଦୀଙ୍କୁ ସ୍ୱାଧୀନତା ସଂଗ୍ରାମୀ କହିବା, ଚୀନର ଦମ୍ଭରେ ଆମେରିକାକୁ ନାଲିଆଖି ଦେଖାଇବା ଉଦ୍ୟମକୁ ଆଡ ହାତରେ ଡୋନାଲଡ ଟ୍ରମ୍ପ ଏଡାଇ ଦେଇ ପ୍ରତିବର୍ଷ ପାକ୍ ସରକାରଙ୍କୁ ଦେଉଥିବା ବାର୍ଷିକ ସହାୟତା ଅର୍ଥ ବନ୍ଦ କରିବାକୁ ଧମକ ଦେବାପରେ ସାରା ପାକିସ୍ଥାନ ଦୋହଲିଯିବା ପରି ଅବସ୍ଥା ସୃଷ୍ଟି ହୋଇଛି । ଭାରତ ଓ ଆଫଗାନିସ୍ଥାନ ସହ ଆଲୋଚନା ଆରମ୍ଭ କରିବାକୁ ବୁଦ୍ଧିଜୀବୀମାନେ ପାକ୍‌ର ଗଣମାଧ୍ୟମରେ ଆଲୋଚନା କରୁଛନ୍ତି ।

ନୂଆବର୍ଷ ଦିନ ଆମେରିକାର ରାଷ୍ଟ୍ରପତି ଡୋନାଲଡ୍ ଟ୍ରମ୍ପ ପାକିସ୍ଥାନକୁ ପ୍ରତିବର୍ଷ ଦିଆଯାଉଥିବା ଆର୍ଥିକ ସହାୟତାକୁ ବନ୍ଦ କରିବାକୁ ଧମକ ଦେଲେ । ଜେରୁଜେଲମ୍‌କୁ ଇସ୍ରାଏଲର ରାଜଧାନୀ ଭାବେ ଗ୍ରହଣ ନକରିବାକୁ ନେଇ ଯେଉଁ ମତଦାନ ଜାତିସଂଘରେ ହୋଇଥିଲା ସେଥିଲେ ପାକିସ୍ଥାନ ଆଗୁଆ ହୋଇ ଆମେରିକା ବିରୋଧରେ ମତଦାନ କରିଥିଲା । ମତଦାନ ପରେ ଟ୍ରମ୍ପ ନିଜର କଠୋର ଆଭିମୁଖ୍ୟ ପ୍ରଦର୍ଶନ କରିବାକୁ ଯାଇ ଆଗାମୀ ଦିନରେ ସମର୍ଥନ କରିନଥିବା ଦେଶକୁ ଦେଖିନେବାକୁ ପ୍ରକାଶ କରିଥିଲେ । ଏଣେ ଭାରତ କର୍ତ୍ତୃପକ୍ଷ ବାରମ୍ବାର ଆମେରିକାକୁ ପାକିସ୍ଥାନର ଦୋହରା ଚାଲ ବିଷୟରେ କହି ଆସୁଥିଲେ ହେଁ ଓବାମା ସରକାର ଏଥିପ୍ରତି ଅଧିକ ଗୁରୁତ୍ୱ ନଦେଇ ଚୁପ୍ ରହିଥିଲେ । ଚୀନ ସହ ପାକ୍‌ର ମିତ୍ରତା, ସିପେକ୍ ନାମରେ ପାକ୍ ଅଧିକୃତ କାଶ୍ମୀରବାସୀଙ୍କୁ ଯନ୍ତ୍ରଣା, ଗ୍ୱାଦର ବନ୍ଦର ଯୋଗୁ ବଲୋଚମାନଙ୍କୁ ପ୍ରତାଡନା ଆଦି ଜାରି ରହିଥିଲେ ହେଁ ସେଥିପ୍ରତି ଅଧିକ ଗୁରୁତ୍ୱ ଦିଆଯାଉନଥିଲ । କିନ୍ତୁ ନରେନ୍ଦ୍ର ମୋଦିଙ୍କ ଲାଲକିଲ୍ଲା ଭାଷଣ ପରେ ଦେଶ ଓ ବିଦେଶରେ ବଲୋଚମାନଙ୍କ ଉତ୍ପୀଡନ ସଂପର୍କରେ ଗଣମାଧ୍ୟମଗୁଡିକ ଅଧିକ ସକ୍ରୀୟ ହେବା ଯୋଗୁ ବିଦେଶରେ ଅନେକ ସ୍ଥାନରେ ଏ ବିଷୟରେ ତମାମ ବିକ୍ଷୋଭ, ପ୍ରତିବାଦ ଜାରିରହିଛି । ଆମେରିକା, ଇଂଲଣ୍ଡ, ଇଉରୋପଠାରୁ ଆରମ୍ଭ କରି ଅନେକ ଦେଶରେ ବଲୋଚ ସଂଗଠନଗୁଡିକ ପାକିସ୍ଥାନର ବର୍ବରତା ନେଇ ବୁଝାଇବାକୁ ସକ୍ଷମ ହୋଇଛନ୍ତି । ଭାରତ ସରକାର ବଲୋଚ ଭାଷାରେ ଆକାଶବାଣୀର ସମ୍ବାଦସେବା ପ୍ରସାରଣ କରିବାପରେ ବଲୋଚବାସୀ ନିଜର ଏକ ପ୍ରସାରଣ ସେବା ପାଇ ପାରିଛନ୍ତ, ରେଡିଓ ମାଧ୍ୟମରେ ସମ୍ବାଦ ଶୁଣିପାରୁଛନ୍ତି । ଏଣେ ଚୀନର ସଡକ ଯୋଜନା ମାଧ୍ୟମରେ ଚୀନା ବସ୍ତୁର ପ୍ରସାର ପାଇଁ ଯେପରି ଉଦ୍ୟମ ଚାଲିଛି ସେଥିରେ ଆମେରିକାର ଅନେକ କ୍ଷତିହେବାର ସମ୍ଭାବନା ରହିଛି । ନିକଟରେ ଚୀନ, ପାକିସ୍ଥାନ ଓ ଆଫଗାନ ବୈଦେଶିକ ମନ୍ତ୍ରୀଙ୍କ ମଧ୍ୟରେ ଏନେଇ ଚୀନରେ ଆଲୋଚନା ବଢ଼ିବା ଘଟଣାକୁ ଆମେରିକା ପସନ୍ଦ କରିନାହିଁ । ଏସିଆରେ ଆମେରିକା ଅନେକ ଅର୍ଥ ଖର୍ଚ୍ଚ କରି ଯେତିକି ଲାଭ ନେଉନାହିଁ ଚୀନ ତାଠାରୁ ବହୁଗୁଣ ଲାଭ ଶସ୍ତା ବସ୍ତୁ ବିକ୍ରିରୁ କରୁଛି । ଆଫଗାନିସ୍ଥାନରେ ଚୀନର ବଜାର ବଢିଲେ ଆମେରିକାର ପ୍ରଭାବ ସୀମିତ ହେବ । ପାକ୍ ସହାୟତାରେ ଚୀନ ଆଫଗାନିସ୍ଥାନକୁ ନିଜ ପକ୍ଷକୁ ନେବାଲାଗି ଅର୍ଥଲୋଭ ଦେଖାଉଛି । ଦୀର୍ଘଦିନ ଧରି ଆଫଗାନିସ୍ଥାନ ପାଇଁ ଆମେରିକାର ଯେତେ ଜନଧନ କ୍ଷତିହେଲାଣି ତାହା ଭରଣା ହେବା ସହଜ ନୁହେଁ । କିନ୍ତୁ ପାକ୍‌ର ଡବଲଗେମ୍ ଆମେରିକା କର୍ତ୍ତୃପକ୍ଷଙ୍କୁ କଠୋର ହେବାକୁ ବାଧ୍ୟ କରିଛି । ଟ୍ରମ୍ପ ଶାସନକୁ ଆସିବା ଆଗରୁ ଯେଉଁ ପଦକ୍ଷେପ ନେବେ ବୋଲି ନିର୍ବାଚନ ପ୍ରଚାରବେଳେ କହୁଥିଲେ ଏବେ ସେହି ପଦକ୍ଷେପ ନେଇଛନ୍ତି । ସନ୍ତ୍ରାସବାଦର କାରଖାନା ପାକିସ୍ଥାନକୁ ସାବାଡ କରିବାଲାଗି ଟ୍ରମ୍ପ ଚେତାବନୀ ପୂର୍ବରୁ ଦେଇଥିଲେ । ଅଥଚ ପାକ୍ ସରକାର ହାଫିଜ ସୟିଦ ପରି ସନ୍ତ୍ରାସବାଦୀଙ୍କୁ କାରାଗାରରୁ ବାହାର କରି ଏବେ ନେତା ହେବାରେ ସାହାଯ୍ୟ କରୁଛନ୍ତି । ପାକ୍ ସେନାବାହିନୀର ସମର୍ଥନ ହାଫିଜ ସହ ରହିଛି । ପରଭେଜ ମୁସାରଫ ଏ ନେଇ ନିଜର ସମର୍ଥନ ଘୋଷଣା କରିଛନ୍ତି । କିନ୍ତୁ ହାଫିଜ୍ ସହ ସଭାରେ ସାମିଲ ହୋଇଥିବା ପାଲେଷ୍ଟାଇନ ରାଷ୍ଟ୍ରଦୂତଙ୍କ ଫଟୋ ନଜରକୁ ଆସିବାପରେ ଭାରତ ସରକାର ପାଲେଷ୍ଟାଇନ କର୍ତ୍ତୃପକ୍ଷଙ୍କ ନିକଟରେ କଡା ପ୍ରତିବାଦ କରିବାପରେ ଉକ୍ତ ରାଷ୍ଟ୍ରଦୂତଙ୍କୁ ପାକିସ୍ଥାନରୁ ପାଲେଷ୍ଟାଇନ ଫେରାଇ ନେବାକୁ ଘୋଷଣା କରିଛି । ଭାରତର ଏହି ଆଭିମୁଖ୍ୟକୁ ଟ୍ରମ୍ପଙ୍କ ପ୍ରଶାସନ ପସନ୍ଦ କରିଛି । ସନ୍ତ୍ରାସବାଦୀଙ୍କୁ ଦମନ ନ କଲେ ନେଭି ସିଲ ପଠାଇ ସେମାନଙ୍କୁ ପାକ୍ ମାଟିରେ ଖତମ୍ କରିବାକୁ ଟ୍ରମ୍ପ ପୂର୍ବରୁ ପାକ୍ ସରକାରଙ୍କୁ ଜଣାଇଥିଲେ । ଅଥଚ ପାକ ସରକାରଙ୍କ ଉପରେ ତାର ପ୍ରଭାବ ପଡିନଥିଲା । ଆଫାଗାନିସ୍ଥାନର ତାଲିବାନକୁ ପାକ୍‌ସେନା ସହାୟତା ଯୋଗାଉଥିବାରୁ ଆଫଗାନିସ୍ଥାନରେ ଏବେ ଆତ୍ମଘାତୀ ଆକ୍ରମଣ ବଢିବାରେ ଲାଗିଛି । ସିରିଆ ଓ ଇରାକ୍‌ରୁ ଛତ୍ରଭଙ୍ଗ ଦେଇଥିବା ଆଇଏସ୍ ବାହିନୀର ସନ୍ତ୍ରାସବାଦୀମାନେ ଏବେ ଦକ୍ଷିଣ ଆଫଗାନିସ୍ଥାନରେ ଶରଣ ନେଇଥିବା ଖବର ମିଳିଛି । ଯାହାଫଳରେ ସେଠାରେ ଅଧିକ ସଂଖ୍ୟକ ବିସ୍ଫୋରଣ ହେବାରେ ଲାଗିଛି । ତାଲିବାନ ଆକ୍ରମଣ ପଛରେ ପାକ୍ ଗୁଇନ୍ଦା ସଂସ୍ଥା ଆଇଏସ୍‌ଆଇର ସୂଚନା ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଛି । ଗୋଟିଏ ପଟେ ମୁସଲିମ ଦେଶଗୁଡିକୁ ଅଧିକ କଠୋର କରିବା ସପକ୍ଷରେ ପାକ୍ ସେନାବାହିନୀ ଇସଲାମିକ ସାମରିକ ମେଣ୍ଟର ମୁଖ୍ୟ ତଥା ପାକ୍‌ସେନାର ପୂର୍ବତନ ସ୍ଥଳ ସେନା ମୁଖ୍ୟ ରାହିଲ ସରିଫଙ୍କ ମାଧ୍ୟମରେ ପ୍ରୟାସ କରୁଛି । ଆମେରିକା ଆରବ ଜଗତରେ ଇସଲାମିକ ମେଣ୍ଟକୁ ଦୁର୍ବଳ କରିବାକୁ ପ୍ରୟାସ କରି ସାଉଦି ଆରବକୁ ଅର୍ଥ ଦେଇ କିଛିଟା ସକ୍ଷମ ହୋଇଛି । କିନ୍ତୁ ପାକ୍ ସେନା ଇସଲାମିକ ସନ୍ତ୍ରାସ ମାଧ୍ୟମରେ ପ୍ରଭାବ ବିସ୍ତାର କରି ଅନ୍ୟଦେଶର କ୍ଷତି କରିବାରେ ବ୍ୟସ୍ତ ରହିଛି । ଗୋଟିଏ ପଟେ ସନ୍ତ୍ରାସବାଦ ସହ ଲଢିବା ଲାଗି ଆମେରିକାଠାରୁ ଅର୍ଥନେଇ ଅପରପକ୍ଷେ ଆମେରିକା ବିରୋଧୀ ଜନମତ ସୃଷ୍ଟି କରିବାରେ ପାକିସ୍ଥାନ ଲାଗିପଡିଛି ।

ପାକିସ୍ଥାନକୁ ଧମକ ଦେଇ ଟ୍ରମ୍ପ ସମସ୍ତଙ୍କୁ ଚକିତ କରିଦେଇଛନ୍ତି । ଯଦି ପ୍ରକୃତରେ ଟ୍ରମ୍ପ ପ୍ରଶାସନ କଠୋରତାର ସହ ପଦକ୍ଷେପ ଗ୍ରହଣ କରନ୍ତି ତାହେଲେ ପାକ୍ କର୍ତ୍ତୃପକ୍ଷ ସୀମିତ ହୋଇପାରନ୍ତି । ଓରେୟା ମକବୁଲ, ହିଲାଲି, ରୌଫ-ହସନ, ଜୈଦ ହମିଦ, କାଲରା ଆଦି ଅନେକ ଆଲୋଚକ ୨୦ଜଣ ସନ୍ତ୍ରାସବାଦୀଙ୍କୁ ଧରାଇଦେବାପାଇଁ ଆମେରିକା ଯେଉଁ ତାଲିକା ପାକ୍ ସରକାରଙ୍କୁ ଦେଇଛି ସେ ବିଷୟ ନେଇ ଶିଘ୍ର ଫଇସଲା କରିବା ଆବଶ୍ୟକ ବୋଲି କହୁଛନ୍ତି । କେତେକ ନିକି ହେଲି ଅମୃତସରର ଝିଅ ହୋଇଥିବାରୁ ସେ ଟ୍ରମ୍ପଙ୍କ ମାଧ୍ୟମରେ ପାକିସ୍ଥାନ ବିରୁଦ୍ଧରେ ଟ୍ୱିଟ କରାଇଛନ୍ତି ବୋଲି ଅଭିଯୋଗ କରୁଛନ୍ତି । କେତେକ ସରିଫଙ୍କ ମାଧ୍ୟମରେ ଭାରତସହ ଏବଂ ଇମରାନ୍ ଖାଁଙ୍କ ମାଧ୍ୟମରେ ଆଫଗାନିସ୍ଥାନ ସହ ଆଲୋଚନା ଆରମ୍ଭ କରିବା ଠିକ୍ ହେବ ବୋଲି କହୁଛନ୍ତି । କିନ୍ତୁ ସୀମିତ ସମୟ ମଧ୍ୟରେ ପଦକ୍ଷେପ ନହେଲେ ପରିଣାମ ଭଲ ହେବ ନାହିଁ ବୋଲି ସାରା ସାଣ୍ଡାର୍ସ ପ୍ରକାଶ କରିଛନ୍ତି । ଏଣେ ଆର୍ଥିକ ଦୃଷ୍ଟିରୁ ଅତ୍ୟନ୍ତ ଦୁର୍ବଳ ସ୍ଥିତିରେ ଥିବା ପାକିସ୍ଥାନ ଆଉଏକ ଯୁଦ୍ଧର ସମ୍ମୁଖୀନ ହୋଇପାରିବ ତାହା ସମ୍ଭବ ନୁହେଁ । ବଡ କଥା ହେଲା ଆମେରିକା ପାକିସ୍ଥାନର ପଡୋଶୀ ଦେଶ ନୁହେଁ ଯେ ପାକ୍ ସେନା ଅଧିକ କିଛି କରିପାରିବ କିନ୍ତୁ ଆମେରିକା କଟକଣା ଲଗାଇଲେ ପାକିସ୍ଥାନର ଅନେକ କ୍ଷତି ହେବ । ଆର୍ଥିକ କଟକଣା ଲଗାଇଲେ ପାକିସ୍ଥାନର ଆଭ୍ୟନ୍ତରୀଣ ସ୍ଥିତି ଦୋହଲିଯିବ । ଆମେରିକା ବିରୁଦ୍ଧରେ ଚୀନ ମଧ୍ୟ ଅଧିକ ସହାୟତା ପାକିସ୍ଥାନକୁ ଦେବନାହିଁ । ଫଳରେ ପାକିସ୍ଥାନକୁ ଆମେରିକା ସହ ଏକାକୀ ଯୁଦ୍ଧ ଲଢିବାକୁ ହୋଇପାରେ । ଏପ୍ରକାର ସମ୍ଭାବନା ଦେଖାଯାଉଥିବାରୁ ପାକିସ୍ଥାନରେ ହାହାକାର ପଡିଛି । ସମସ୍ତେ ବିବ୍ରତ ଓ ଚିନ୍ତିତ ଅବସ୍ଥାରେ ରହିଛନ୍ତି ।

*ଭାରତୀୟ ସମ୍ବାଦ ସେବା(ଭାସ୍)*
*ଭୁବନେଶ୍ୱର-୭୫୧୦୦୩*

# ମହାନ୍ ସ୍ୱାଧୀନତା ସଂଗ୍ରାମୀ ଶହୀଦ୍ ଜୟୀ ରାଜଗୁରୁ



ଡକ୍ଟର ଧୀରେନ୍ଦ୍ର ନନ୍ଦ

*(ପୂର୍ବ ପ୍ରକାଶ ଉତ୍ତାରୁ...)*


ପରବର୍ତ୍ତୀ ସମୟରେ ଜୟୀ ରାଜଗୁରୁଙ୍କର ବିଚାର ହୋଇଥିଲା ୧୮୦୬ ମସିହା ଡିସେମ୍ବର ୫ ତାରିଖରେ । ଚତୁର ଇଂରେଜ ଅଧିକାରୀ କର୍ଣ୍ଣେଲ ହାରକୋର୍ଟ ରାଜା ଦ୍ୱିତୀୟ ମୁକୁନ୍ଦ ଦେବଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ ଜୟୀ ରାଜଗୁରୁଙ୍କ ବିରୋଧରେ ଏକ ପୂର୍ବ ପ୍ରସ୍ତୁତ ଚିଠି ମାଧ୍ୟମରେ କୋର୍ଟରେ ଦର୍ଶାଇ ଜୟୀ ରାଜଗୁରୁଙ୍କୁ ଦୋଷୀ ସାବ୍ୟସ୍ତ କଲେ । ଏହା ଆଶ୍ଚର୍ଯ୍ୟ ଥିଲା କି, ଜୟୀ ରାଜଗୁରୁ ଘଟି ଯାଇଥିବା ସମସ୍ତ କାର୍ଯ୍ୟ ପାଇଁ କୋର୍ଟ ସାମ୍ନାରେ ନିଜକୁ ଦୋଷୀ ଭାବରେ ଦର୍ଶାଇଥିଲେ । ରାଜ୍ୟର ପ୍ରଜା ମାନଙ୍କର ବୃହତର ସ୍ୱାର୍ଥ ଦୃଷ୍ଟିରୁ ରାଜ୍ୟର ସ୍ୱାଧୀନତା ପାଇଁ ରାଜାଙ୍କର ରକ୍ଷାକର୍ତ୍ତା ଭାବରେ ଇଂରେଜ ମାନଙ୍କ ବିରୋଧରେ ଲଢ଼ିଥିଲେ ବୋଲି ସେ ସାହସର ସହିତ କୋର୍ଟରେ କହିଥିଲେ । ମାଟି ମାଆର ସୁରକ୍ଷା ପାଇଁ ଏହା ଥିଲା ତାଙ୍କର ପ୍ରଥମ କର୍ତ୍ତବ୍ୟ । ସେ ପୁଣି କହିଥିଲେ ଖୋର୍ଦ୍ଧା କେବେହେଲେ ମୋଗଲ, ମରହଟ୍ଟା, ଇଂରେଜ ବା ଅନ୍ୟ କେହି ଶାସକଙ୍କ ହାତକୁ ଯାଇ ନଥିଲା । ତେଣୁ ଖୋର୍ଦ୍ଧାର ସୁରକ୍ଷା ଏବଂ ସ୍ୱାଧୀନତା ପାଇଁ ଲଢିବା ଥିଲା ତାଙ୍କର ପ୍ରଧାନ କାର୍ଯ୍ୟ । ଏହା କେବେହେଲେ ତାଙ୍କ ପାଇଁ ଭୁଲ ନଥିଲା ଏବଂ ସେ ଯେଉଁ ଇଂରେଜ ମାନଙ୍କ ବିରୋଧରେ ସଂଗ୍ରାମ କରିଥିଲେ, ସେଥିପାଇଁ ଗର୍ବିତ ଥିଲେ ବୋଲି ସେ ଦୃଢତାର ସହିତ କହିଥିଲେ । ରାଜାଙ୍କ ଦ୍ୱାରା ତାଙ୍କ ପ୍ରତି ହୋଇଥିବା ବିଶ୍ୱାସ ଘାତକତାକୁ କେବେହେଲେ ସେ ଗୁରୁତ୍ୱ ଦେଇ ନଥିଲେ ଏବଂ ଏହି ପ୍ରକାର ଦୋଷୀ ହୋଇଥିବା ଯୋଗୁ ସେ ଯେକୌଣସି ପ୍ରକାର ଦଣ୍ଡକୁ ସ୍ୱୀକାର କରିବାକୁ ପ୍ରସ୍ତୁତ ଅଛନ୍ତି ବୋଲି କହିଥିଲେ, ଯାହା ଥିଲା ଜୟୀ ରାଜଗୁରୁଙ୍କର ମହାନତାର ବିଶେଷ ପରିଚୟ । ଐତିହାସିକ ପ୍ରଫେସର ନାରାୟଣ ରାଓ ଜୟୀ ରାଜଗୁରୁଙ୍କୁ ପୁରୁ ରାଜାଙ୍କ ସହିତ ତାଙ୍କର ସାହସିକତା ପାଇଁ ତୁଳନା କରି କହିଛନ୍ତି ଯେ, ସାହସୀ ପୁରୁ ରାଜା ଆଲେକ୍‌ଜାଣ୍ଡାରଙ୍କୁ ଯେଉଁଭଳି ସାହସିକତାର ସହ ଉତର ଦେଇଥିଲେ, ସେଥିରେ ଆଲେକ୍‌ଜାଣ୍ଡାର୍ ସନ୍ତୁଷ୍ଟ ହୋଇ ପୁରୁ ରାଜାଙ୍କୁ ତାଙ୍କର ସିଂହାସନ ଫେରାଇ ଦେଇଥିଲେ । ମାତ୍ର ଦୁଷ୍ଟଚରିତ୍ର କପଟି ଇଂରେଜ ପ୍ରଶାସକ ଜୟୀ ରାଜଗୁରୁଙ୍କର ଏଭଳି ସାହସିକତାର କଥା ଶୁଣି ତାଙ୍କୁ ଫାଶି ଦେବାର ନିଷ୍ପତି ଶୁଣାଇଥିଲେ । ଏହି ମିଥ୍ୟା ବିଚାରର ସଂଦର୍ଭ ବିଚାରର ବହୁଦିନ ଆଗରୁ ପ୍ରସ୍ତୁତ କରାଯାଇଥିଲା । ମାତ୍ର କେବଳ ଔପଚାରିକତା ଦୃଷ୍ଟିରୁ ଏଭଳି ବିଚାରର ଅଭିନୟ କରାଯାଇଥିଲା । ଭାରତ ମାତାର ସାହସୀ ନିର୍ଭିକ ପୁତ୍ର ଜୟୀ ରାଜଗୁରୁଙ୍କୁ ଖୋର୍ଦ୍ଧାର ମଧ୍ୟ ଭାଗରେ ଥିବା ଏକ ବିଶାଳ ବରଗଛର ଚାରୋଟି ଡାଳକୁ ଟାଣି ଆଣି ଏକାଠି କରି ଦୁଇ ଗୋଡ ଏବଂ ଦୁଇ ହାତ ଗୁଡିକୁ ସେହି ଡାଳ ମାନଙ୍କରେ ଅଲଗା ଅଲଗା ଚାରି ଡାଳିଆ କରି ବାନ୍ଧି ଦେଇ ସେହି ଡାଳ ଗୁଡିକୁ ପୂର୍ବ ଅବସ୍ଥାକୁ ଛାଡି ଦିଆଯାଇ ଅତ୍ୟନ୍ତ ନୃସଂଶ ଭାବରେ ହତ୍ୟା କରାଯାଇଥିଲା । ଯାହାଦ୍ୱାରା ଜୟୀ ରାଜଗୁରୁଙ୍କର ଶରୀର ତତକ୍ଷଣାତ୍ ଦୁଇଫାଳ ହୋଇଯାଇଥିଲା ଏବଂ ସେଠାରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ । ଜୟୀ ରାଜଗୁରୁ ତାଙ୍କର ମାଟି ମାଆ ଉଦ୍ଦେଶ୍ୟରେ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ । ତାଙ୍କର ସେହି ଜଘନ୍ୟ ହତ୍ୟା ସମୟରେ ସେ ଅତ୍ୟନ୍ତ ନମ୍ର ଭାବରେ 'ବୀର ସପ୍ତପଦୀ'ର ଏକ ଶ୍ଳୋକ ଉଚ୍ଚାରଣ କରି ଅତ୍ୟନ୍ତ ସାହସିକତାର ସହିତ ନିଜର ମୃତ୍ୟୁକୁ ସ୍ୱୀକାର କରି ନେଇଥିଲେ । ତେଣୁ ଲୋକକଥାରେ କୁହା ଯାଇଛି - 'ଜୟୀଆ ପଛେ ଜୀବନ ଦେଲା ନୂଆଁଇ ନାହିଁ ମଥା' । ତାଙ୍କର ବଳିଦାନ ପରେ ସେହି ସମୟର ଓଡିଶା ରାଜ୍ୟ ତାର ସ୍ୱାଧୀନତାର ସତା ହରାଇଥିଲା ଏବଂ ଓଡିଶାର ସ୍ୱର୍ଣ୍ଣିମ ଇତିହାସରେ ପୂର୍ଣ୍ଣଚ୍ଛେଦ ପଡିଥିଲା । ସେହି ସମୟରେ ଏହି ଘଟଣା ଏଭଳି କୋକୁଆ ଭୟ ସୃଷ୍ଟି କରିଥିଲା ଯେ ପରବର୍ତ୍ତୀ ୧୧ ବର୍ଷ ପର୍ଯ୍ୟନ୍ତ ଏହି ବୀର ମାଟିରେ କୌଣସି ସଂଗ୍ରାମ ମୁଣ୍ଡ ଟେକି ନଥିଲା ।

ଆଜିର ପାଇକ ବିଦ୍ରୋହର ଦୁଇଶତ ବର୍ଷ ପୂର୍ତ୍ତୀ ପାଳନର ଏହି ମହାର୍ଘ୍ୟ ମୁହୂର୍ତ୍ତରେ ଆମେ ସେହି ମହାନ ବିପ୍ଳବୀ ବୀର ପୁଙ୍ଗବ ଜୟୀ ରାଜଗୁରୁ ଏବଂ ତାଙ୍କର ବଳିଦାନକୁ ବିସ୍ମରଣ କରିପାରିବା ନାହିଁ, ଯାହାକି ପାଇକ ମାନଙ୍କୁ ଇଂରେଜ ମାନଙ୍କ ବିରୋଧରେ ସଂଗ୍ରାମ କରିବା ପାଇଁ ଦୁର୍ବାର ପ୍ରେରଣା ଯୋଗାଇଥିଲା ଏବଂ ସେହି ପାଇକ ମାନଙ୍କର କୀର୍ତ୍ତିକଳାପ, ତାଙ୍କର ସାହସ ଓ ପରାକାଷ୍ଠା ପରବର୍ତ୍ତୀ ସମୟରେ ଅନେକ ଗୁଡିଏ ବିଦ୍ରୋହର ମୂଳଦୁଆ ପକାଇଥିଲା । ବକ୍ସି ଜଗବନ୍ଧୁଙ୍କ ଦ୍ୱାରା ୧୮୧୭ ମସିହାର ବିଦ୍ରୋହ, ମାଧବ ଚନ୍ଦ୍ର ରାଉତରାୟଙ୍କ ଦ୍ୱାରା ୧୮୨୭ ମସିହାର ତାପଙ୍ଗ ବିଦ୍ରୋହ, ଶରଣ ସିଂହ ଏବଂ କୃତିବାସ ପାଟ୍ଟଶାଣୀଙ୍କ ଦ୍ୱାରା ୧୮୩୬ ମସିହାର ବାଣପୁର ବିଦ୍ରୋହ, ଚନ୍ଦନ ହଜୁରୀ ଏବଂ ଚାଖି ଖୁଂଟିଆଙ୍କ ଦ୍ୱାରା ୧୮୫୭ ମସିହାର ବିଦ୍ରୋହ, ବୀର ସୁରେନ୍ଦ୍ର ସାଏଙ୍କ ଦ୍ୱାରା ସମ୍ବଲପୁରର ବିଦ୍ରୋହ, ଚକରା ବିଶୋଇଙ୍କ ଦ୍ୱାରା ଘୁମୁସର ଓ ବୌଦ୍ଧର କନ୍ଧ ବିଦ୍ରୋହ, ରାଧାକ୍ରିଷ୍ଣ ଦଣ୍ଡସେନାଙ୍କ ଦ୍ୱାରା ପାରଳାଖେମୁଣ୍ଡିର ଶବର ବିଦ୍ରୋହ, ଭାଗଲପୁର ଏବଂ ବୀରଭୂମିର ସାନ୍ତାଳ ବିଦ୍ରୋହ, ଡୋମା ଦୋରାଙ୍କ ଦ୍ୱାରା ମାଲକାନାଗିରିର କୋୟା ବିଦ୍ରୋହ, ବିର୍ସାମୁଣ୍ଡାଙ୍କ ଦ୍ୱାରା ଛୋଟନାଗପୁରର ମୁଣ୍ଡା ସମ୍ପ୍ରଦାୟର ବିଦ୍ରୋହ ଆଦି ସମସ୍ତ ବିଦ୍ରୋହ ଗୁଡିକ ଇଂରେଜ ଆଇନ ବିରୋଧରେ ସଂଗଠିତ ହୋଇପାରିଥିଲା । ଜୟୀ ରାଜଗୁରୁ ଭାରତମାତାର ଯଜ୍ଞବେଦୀରେ ଆତ୍ମୋତ୍ସର୍ଗର ଯେଉଁ ଜ୍ୱଳନ୍ତ ଉଦାହରଣ ସୃଷ୍ଟି କରିଯାଇଛନ୍ତି, ତାହା ଦେଶର ଅଗଣିତ ସ୍ୱାଧିନତା ସଂଗ୍ରାମୀ ମାନଙ୍କର ଏକ ମହାନ୍ ଆଦର୍ଶ ରୂପେ ପରିଗଣିତ ହୋଇପାରିଛି । ଦେଶ ଭକ୍ତିର ଲେଲିହାନ ଶିଖା ଜୟୀ ରାଜଗୁରୁଙ୍କ ଭିତରେ ଏପରି ଭାବରେ ଉଦଭାଷିତ ହୋଇଥିଲା ଯେ, ସେ ସମସ୍ତ ପ୍ରକାର ବିଦ୍ରୋହର ରୋମାଂଚକାରୀ ପ୍ରତୀକ ଥିଲେ । ଏହି ବୀର ଜାତୀୟତାବାଦୀ ନେତାଙ୍କ ପ୍ରେରଣା ସମସ୍ତଙ୍କ ମଧ୍ୟରେ ଦେଶ ଭକ୍ତିର ମାନସିକତାକୁ ଆହୁରି ପ୍ରଜ୍ୱଳିତ କରିଥିଲା ।

ବର୍ତମାନ ସମୟ ଉପନୀତ ହୋଇଛି, ଖୋର୍ଦ୍ଧାର ସେହି ବୀର ପାଇକ ପୁଙ୍ଗବ ମାନଙ୍କର ତଥା ପାଇକ ନେତା ଶହୀଦ୍ ଜୟୀ ରାଜଗୁରୁଙ୍କର ସ୍ମୃତିକୁ ରୋମନ୍ଥନ କରିବା ପାଇଁ, ଯେଉଁ ପାଇକ ମାନେ ଜୟୀ ରାଜଗୁରୁଙ୍କ ନେତୃତ୍ୱରେ ଯୁଦ୍ଧାସ୍ତ୍ରରେ ସଜ୍ଜିତ ହୋଇ ଓଡିଶା ମାଟିରେ ଇଂରେଜ ମାନଙ୍କୁ ଧ୍ୱସ୍ତ ବିଧ୍ୱସ୍ତ କରିଦେଇଥିଲେ । ଜୟୀ ରାଜଗୁରୁଙ୍କ ଜୀବନ ହେଉଛି ଦେଶ ଭକ୍ତି ଏବଂ ଆତ୍ମୋତ୍ସର୍ଗର ଏକ ରୋମାଂଚକର ଗାଥା । ପ୍ରଚଣ୍ଡ କୂଟନୀତି, ଦୁର୍ବାର ସାହସ ଏବଂ ବୀରତ୍ୱ ବଳରେ ଜୟୀରାଜଗୁରୁ ଇଂରେଜ ମାନଙ୍କର ଶାସନକୁ ଦୃଢ଼ ପ୍ରତିହତ କରିପାରିଥିଲେ । କିନ୍ତୁ ପରିତାପର ବିଷୟ ଇତିହାସ ପୃଷ୍ଠାରେ ତାଙ୍କର ଇଂରେଜ ମାନଙ୍କ ବିରୋଧରେ ଏହି ଦୁର୍ବାର ପ୍ରତିରୋଧାତ୍ମକ ବିପ୍ଳବ ତାର ଯୋଗ୍ୟ ଆସନ ପାଇପାରି ନାହିଁ । ସେ ପ୍ରକୃତରେ ଜାତୀୟତାବୋଧର ଏକ ଲଢୁଆ ବ୍ୟାଘ୍ର ଥିଲେ । ବାସ୍ତବରେ ସେ ହେଉଛନ୍ତି ଏହି ଜାତିର ଜୀବନ୍ତ ଇତିହାସ । ଅଧିକନ୍ତୁ, ଜୟୀ ରାଜଗୁରୁଙ୍କ ୧୮୦୪ ମସିହା ବିଦ୍ରୋହଟି ଇଂରେଜ ମାନଙ୍କର କୁତ୍ସିତ କୁଚକ୍ରାନ୍ତ ଏବଂ ପ୍ରତାରଣା ପୂର୍ଣ୍ଣ ଶାସନ ବିରୋଧରେ, ଇଂରେଜ ସାମ୍ରାଜ୍ୟବାଦ ବିରୋଧରେ ତଥା ଜାତୀୟ ସମ୍ମାନ ସପକ୍ଷରେ ଏକ ସଂଗଠିତ ସଂଗ୍ରାମ ଥିଲା । ମହାନ୍ ସହୀଦ୍ ବିପ୍ଳବୀ ଜୟକୃଷ୍ଣ ରାଜଗୁରୁ ମହାପାତ୍ରଙ୍କର ବୀରତ୍ୱ, ନିଷ୍ଠା, ବଳିଦାନ ଏବଂ ଦେଶପ୍ରେମ ଅବିସ୍ମରଣୀୟ । ପାଇକ ବିଦ୍ରୋହର ଦୁଇଶତ ବାର୍ଷିକୀ ପାଳନ ଅବସରରେ ମହାନ୍ ଶହୀଦ୍ ଜୟୀ ରାଜଗୁରୁଙ୍କ ଦ୍ୱାରା ପରିଚାଳିତ ଇଂରେଜ ଶାସନ ବିରୋଧରେ ସଂଗ୍ରାମକୁ ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ ଭାବରେ ପରିଗଣିତ କଲାବେଳେ ମନରେ ସ୍ୱତଃ ଖୋରଧାର ବୀର ପାଇକ ଏବଂ ଶହୀଦ୍ ବିପ୍ଳବୀ ଜୟୀ ରାଜଗୁରୁଙ୍କ ମହାନ୍ ସ୍ମୃତି ଉଦଜୀବିତ ହୁଏ । ଆଜି କେବଳ ତାଙ୍କ ସ୍ମୃତିଚାରଣ କରିବାର ଦିନ ନୁହେଁ, ବରଂ ତାଙ୍କର ଆଦର୍ଶବାଦକୁ ବାସ୍ତବ ରୂପରେଖ ଦେବାର ସମୟ । ଆସନ୍ତୁ ଆମେ ସମସ୍ତେ ଆଜି ଶପଥ ନେବା, ଜୟୀ ରାଜଗୁରୁ ମାତୃଭୂମିର ସୁରକ୍ଷା ପାଇଁ ଯେପରି ନିଜର ଲହୁ ଲୁହକୁ ଅର୍ପଣ କରିଛନ୍ତି, ଆମେ ଆଜିର ଦିନରେ ଆମର ନିଃସ୍ୱାର୍ଥପର ବଳିଦାନ, ଉତ୍ସର୍ଗୀକୃତ ଭାବନା ଏବଂ ଲଢୁଆ ମନୋବୃତ୍ତିକୁ ନେଇ ଦେଶର ଉନ୍ନତି କରିବାରେ ଅଗ୍ରସର ହେବା, ଯାହାକି ତାଙ୍କର ଏହି ଶ୍ରେଷ୍ଠ ବଳିଦାନ ପାଇଁ ହେବ ପ୍ରକୃତ ସମ୍ମାନ ।

*ଅଧକ୍ଷ, ଜୟୀ ରାଜଗୁରୁ ସ୍ମୃତି ସଂସଦ, ଓଡିଶା*
*ମୋ- ୯୪୩୭୦୦୬୭୨୫*

ସମ୍ପାଦନା କାର୍ଯ୍ୟାଳୟ
ଏକମାତ୍ର
ପ୍ଲଟ୍-୧୮୬ ,ଲେନ୍-୨
ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୨୦
ଦୂରଭାଷ
୦୯୩୩୮୨୨୫୯୩୦
୦୭୦୦୮୫୬୭୯୮୯
୯୪୩୭୧୩୩୭୭୭




# ଅମୁହାଁ ଦେଉଳ

**ଡ. ମୌସୁମୀ ପରିଡ଼ା**

**ସେ**ସବୁ ପ୍ଲାନିଂ କାର୍ଯ୍ୟରେ ପରିଣତ ହେବା ପୂର୍ବରୁ ସବୁକିଛି ଅଲରେଡି ଆଓଟ୍ ଅଫ୍ ଅର୍ଡର। ରେଞ୍ଜ୍ ବାହାରେ ଫ୍ଲଟ୍। ନିଜେ ତନ୍ଦ୍ରା ଏବେ ଦେବଦାସ ପ୍ରେମରେ ଉବୁଟୁବୁ। ସବୁଦିନ ତନ୍ଦ୍ରାକୁ ନିଜ ଘରେ ଦେଖି ନିଜକୁ ସ୍ୱାଭାବିକ କରି ଆସୁଥିବା ରେଣୁକା ପୁଣି କିଛି ହରାଇ ଦେଇଥିବାର ଗ୍ଲାନିବୋଧରେ ଘାରି ହୋଇଛି ! ଭାବୁଛି ସେ ରାଗିବ ତା ଉପରେ ! ବିରକ୍ତ ହୋଇ କହିବ-"ଆଉ କହନା ସେ ଦେବଦାସ କଥା। ତୁ ଯାଆ। ମୁଁ ସୁସ୍ଥ ଅନୁଭବ କଲେ ଆପେ କ୍ଲାସକୁ ଯିବି। ତୋର ଆଉ ଏଠିକୁ ଆସି ବାରମ୍ବାର ଗୋଟେ ନାଁକୁ ଜପିବାର କିଛି ଆବଶ୍ୟକତା ନାହିଁ"।

ହେଲେ ତଂଟି ପାଖେ ଅଟକିଯାଏ ସବୁତକ ରାଗ। ସ୍ୱାର୍ଥପର ହୋଇପାରିବ ସେ ଏତେ ? ଏମିତି କେତେ ଜିନିଷ ତା ପାଇଁ କୁରୁବାନ୍ କରିଦେଇଛି ହିସାବ ନାହିଁ। କେତେବେଳେ ପସନ୍ଦ ଆସିଥିବା ଶାଢୀ,ଗାଉନ୍ କିମ୍ବା ଜିନ୍ସ,ଟିଫିନ୍,ତା ଲାଇକିଙ୍ଗର ଚକୋଲେଟ୍,ଆଇସ୍କ୍ରିମ୍ ସବୁ ତ ଦେଇଦେଇଛି ତନ୍ଦ୍ରାକୁ। ଆଉ ତା ଉପରେ ନିଜର ସବୁତକ ଅଧିକାର ସାବ୍ୟସ୍ତ କରି ତନ୍ଦ୍ରା ବି ଛଡେଇ ନେଇଛି।

ସେମାନଙ୍କ ଭିତରେ 'ମୋର ତୋର'ର ପ୍ରଶ୍ନ କାଇଁ ଆସିଲା ଯେ! ଏଇ ଗୋଟେ ଯାଗାରେ ସାରା ଜଗତ ବି ପରାସ୍ତ ହୁଏ। କିନ୍ତୁ ସେ ଏମିତି କରିବାକୁ ଦେବନି। ସାଙ୍ଗ 'ସାଙ୍ଗ' ହିସାବରେ ହିଁ ରହିବ। ସାରା ଜୀବନ ବଂଚିବାକୁ ଗୋଟେ ଭଲ ସାଙ୍ଗ ଖୁବ୍ ଦରକାର। ଜୀବନ ସଫଳ ହୋଇଯିବ। ସାଙ୍ଗ ତ ସେଇ ଯେ ଗୁଣ ଅବିଗୁଣ ସବୁକୁ ଗ୍ରହଣ କରିନିଏ। ବେଳପଡିଲେ ଅନ୍ୟର ଦୋଷକୁ ନିଜ ମଥାକୁ ନେଇଯାଏ। ତାକୁ ସଜାଡେ। ଧୋଇଧାଇ ନୂଆ ରୂପରେ ରଖିଦେଇ ପଚାରେ-ତୋତେ ଠିକ୍ ଲାଗୁଛି ତ !

ରାତିସାରା ଖୁବ୍ ଚିନ୍ତା କଲା ସେ..ନା ଏଥର ବି ତନ୍ଦ୍ରା ପାଇଁ ସବୁ କୁରୁବାନ୍। ବାଥ୍ରୁମ୍ ଯାଇ ଭଲକରି ମୁହଁ ଧୋଇପକାଇଲା। ଆଖି ବନ୍ଦ କରି ଦୀର୍ଘଶ୍ୱାସ ନେଲା। ନା ମନକୁ ଦୃଢ କରିବାକୁ ହିଁ ହେବ। ସେ ଏତେ ଦୁର୍ବଳ ନୁହେଁ। ଭାଙ୍ଗିଯିବନି କି ନଇଁବନି। ସାମାନ୍ୟ କେଇବର୍ଷର ଆକର୍ଷଣ ପାଇଁ ଅମୂଲ୍ୟ ବନ୍ଧୁତାକୁ ନିଜ ହାତରେ ମାରି ଦେବନି। ମନେପଡିଲା ତନ୍ଦ୍ରାର ଛୋଟଛୋଟ ପିଲାଳିଆମୀ। ଲାଗିଲା ସେ ଯେମିତି ଏବେ ବି ସ୍କୁଲ୍ ଛାତ୍ରୀ ! ହସିପକାଇଲା ରେଣୁକା ତା ଅମଳିନ ବ୍ୟକ୍ତିତ୍ୱର ଆଭାରେ।

ତାପରଦିନ ଫେରି ଆସିଥିଲା ସେ ନିଜ ବାସ୍ତବତା ଭିତରକୁ। ସେଦିନ ଅବଶ୍ୟ ତନ୍ଦ୍ରା ଖୁବ୍ ବାଧ୍ୟ କରିଥିଲା ଦେବଦାସକୁ ଭେଟିବାକୁ ଯିବାକୁ। ମନା କରୁଥିଲା ରେଣୁକା। ନିଜକୁ ଦୃଢ ନିଶ୍ଚିତ କରିସାରିଲା ପରେ ପୁଣି କାହିଁକି ? କିନ୍ତୁ ଯୋର୍ କରି ଭିଡି ନେଇଥିଲା ସେ ହସ୍ପିଟାଲକୁ ମାନବିକତାର ନିଦର୍ଶନ ସ୍ୱରୂପ ତାକୁ କ୍ଷମା ମାଗିବାକୁ। ସତରେ ଦେବଦାସକୁ ଏମିତି ଅସହାୟ ଅବସ୍ଥାରେ ଦେଖି ଭଲ ଲାଗୁନଥିଲା। ଅବଶ୍ୟ ୟା'ଭିତରେ ତନ୍ଦ୍ରା ଓ ଦେବଦାସ ଭିତରର ଅନ୍ତରଙ୍ଗତା ବଢିଥିଲା।

ତନ୍ଦ୍ରା ଖୁବ୍ କେୟାର୍ ନେଉଥିଲା ତାର। କେବେ ଦିନେ ରୋଷେଇ ଘରେ ପଶୁନଥିବା ଅମାନିଆଁ ଝିଅଟି ନିଜ ହାତ ତିଆରି ଖାଦ୍ୟ ପରଶି ଦେଉଥିଲା ଦେବଦାସକୁ। ସେ ଖାଇବା ସରିବା ଯାଏଁ ଜଗି ବସୁଥିଲା। ବଳେଇ ବଳେଇ ଖୁଆଉଥିଲା ଠିକ୍ ତା ମାଆ ପରି। ଦୂରେଇ ଦେଖୁଥିଲା ରେଣୁକା ସେମାନଙ୍କୁ। ଏବେ ସେମାନେ ପୁରା ପରଫେକ୍ଟ ଲାଗୁଥିଲେ। ସେମାନଙ୍କୁ ନିରୋଳାରେ କିଛି ସମୟ ଛାଡିଦେଇ ସେ ସାଇତି ରଖୁଥିଲା ଜୀବନର ଏ ବିଚିତ୍ର ଅନୁଭୂତିକୁ।

ଆରେ ତୁ ଏତେ ଦୂରରେ କାଇଁ ଛିଡା ହୋଇଛୁ। ଏଇଟା କଣ ଡିଆଁ ରୋଗ ହୋଇଛି କି ? ତାଗିଦା କଲା ତନ୍ଦ୍ରା। ସତେ ଯେପରି ସେ ମଣିଷଟା ବି ତା ଅକ୍ତିଆରରେ। ସାରା ସଂସାରଟାକୁ ସେ ନିଜର ଜାଗିରି ବୋଲି ଭାବିପାରେ। ଅବଶ୍ୟ ସେ ଖୁବ୍ ଭାଗ୍ୟବତୀ। ସବୁ ତ ପାଇଛି। ନିଜ ପସନ୍ଦର ପ୍ରେମିକ ବି।

ମୋ ଉପରେ ରାଗିଛ କି ରେଣୁକା। ସେଦିନ ମୁଭି ପାଇଁ ନେବାକୁ "ନାଇଁ" କହୁଥିଲି ବୋଲି। ଆଗୁଆ ପଚାରିଲା ଦେବଦାସ।

ନା..ସେମିତି କିଛି ନୁହଁ। ଓଲଟା ମୁଁ କରିଥିବା ଭୁଲ୍ ପାଇଁ ଖୁବ୍ ଅନୁତପ୍ତ। କ୍ଷମା କରିଦେବ ଦୟାକରି। ବାଧ୍ୟ ହୋଇ ପାଖକୁ ଆସୁ ଆସୁ କହିଲା ରେଣୁକା।

ଆକ୍ୱାଗାର୍ଡ଼ରୁ ପାଣି ଆଣିବାକୁ ବଟଲ୍ ନେଇ ଚାଲିଯାଉଥିଲା ତନ୍ଦ୍ରା। ସେ ବି ତାକୁ ସାହାଯ୍ୟ କରିବାକୁ ତା ସହିତ ଆସୁଥିଲା।

ତୁମକୁ କଣ ହସ୍ପିଟାଲ୍ ଭଲ ଲାଗେନି ରେଣୁକା ? ଦେବଦାସର ଏଭଳି ପ୍ରଶ୍ନରେ ପୁଣି ସେ ରହିଗଲା ସେଇଠି।

ନା..ସେମିତି କିଛି ନୁହଁ। କେବେ ବି ଆସିବାକୁ ପଡିନି। ଏ ଯାଗାରେ ବହୁତ କିଛି ଘଟଣା ଘଟେ।

ତୁମ ମନସ୍ତତ୍ୱ ସମସ୍ତଙ୍କ ଠାରୁ ଭିନ୍ନ ଆଉ ପରିପକ୍ୱ। ମୁଁ ବହୁ ଆଗରୁ ତୁମ ସହିତ ମିଶିବାକୁ ଚେଷ୍ଟା କରିଛି। କିନ୍ତୁ ପାରିନି। ସେଇ ଚମ୍ପୁ ହୋଇ ରହିଯାଇଛି ତୁମମାନଙ୍କ ପାଇଁ! ଅଳ୍ପ ହସି ଦୁଷ୍ଟାମି କଲା ସେ। **(କ୍ରମଶଃ...)**

ନିର୍ବାଚିତ କବିତା

# ଏକା ଏକା



**ବଂଶୀଧର ଷଡଙ୍ଗୀ**

**ଏ**କାଏକା ରହିବା
ବହୁତ କଷ୍ଟ ଦଉଚି, ପ୍ରଭୁ !
ଏତିକି ବେଳେ ହିଁ ଗୋଡ ଖସି
ଖେଦ ହେବା ସ୍ୱାଭାବିକ ଏବଂ
ତତେ ଗାଳି ଦେବାର ଉଚିତ୍ ମୁହୂର୍ତ୍ତ।
ପତା ପଡୁନଥିବା ଏଡ଼େ ଏଡ଼େ ଆଖିକରି
ବସିଚୁ ଉଚ୍ଚାସନରେ ଓ ସବୁ ଦେଖୁଚୁ।
କ'ଣ ନା, "ହାତଗୋଡ଼ କିଛି ନାଇଁ
କିଛି କରିପାରୁନି ରେ।" କହି ଖସିଯାଇଚୁ।

ତତେ ସ୍ୱୟଂ ସମ୍ପୂର୍ଣ୍ଣ କରି ଗଢ଼ିବାକୁ
ଚେଷ୍ଟା କରିଥିଲା ଜଣେ ରାଜା।
ତୁ କିନ୍ତୁ ତା' କରେଇ ଦେଲୁନି।
ଜଣେ ବୁଢ଼ା ବିଶ୍ୱକର୍ମା ରୂପରେ ଆସି
ନିଜେ ନିଜକୁ ଅସମ୍ପୂର୍ଣ୍ଣ କରି
ଗଢ଼ିଦେଲୁ। ତତେ ଆମଠୁ
ଅଲଗା କରି ରଖି, ନିଜେ ସମ୍ପୂର୍ଣ୍ଣତାର
ଊର୍ଦ୍ଧ୍ୱକୁ ଚାଲିଗଲୁ।

ଏବେ ତୁ ମୋ'ଝିଅର ଫୁଲ କୁଣ୍ଡରେ
ବସାକରି କୁନି ଚଢ଼େଇଟିଏ ହେଇ
ମୋର ଶୁକୁଟ ଦେଖିବାରେ ଲାଗିପଡିଚୁ।

ତତେ କେତେଥର ଡାକିଚି, ଆ, ସାଥୀହୋଇ
ପାନ ବିଡି ଖାଇ ସମୁଦ୍ର କୂଳରେ ବୁଲିବା।
ତୁ ମୋ'କଥା ଶୁଣିନୁ।
ଏବେ ତ ମୁଁ ସବୁ ଛାଡ଼ି ଦେଇଚି,
କ'ଣ ଖାଇବାକୁ ଡାକିବି ?
କିଛି ଗୋଟେ ନିଶା ନଥିଲେ
ଏକାଠି ବୁଲିବା କି ଗପସପ କରିବାରେ
ଆନ୍ତରିକତା ଥାଏ ନା, ବୋଧହୁଏ।

ଏବେ ତୁ ତୋର କୋଳାହଳ ଭିତରେ ଥା'।
ଏକାଏକା ରହିବା ମୋର
ଅଭ୍ୟାସରେ ପଡିଗଲାଣି।
ସତରେ କ'ଣ ମୁଁ ଏକା ?
ତେବେ ଏତେ ଗାଳି କାହାକୁ ଦେଲି ?
ଏତେ କଥା କାହାକୁ ଜଣାକଲି ?

*ଗୁହାଳପଡା, ପୋ-ନିମାପଡା,*
*ଜିଲ୍ଲା-ପୁରୀ, ପିନ୍ - ୭୫୨୧୦୬*

# ସାର୍



**କୃଷ୍ଣ କୁମାର ମହାନ୍ତି**

**କୋ**ଉଠି ନା କୋଉଠି
ସଂଧ୍ୟାତାରାଟେ ହେଇ ଫୁଟିଥାଏ ମୁଁ।

ନଥାଏ ଜୋଛନା
ନଥାଏ ବିଛଣା
ନଥାଏ ବି ନାରଙ୍ଗୀ ରାତି।

ଶିମିଳିତୁଳା ପରି ଉଡିବୁଲୁଥାଏ
ମୁଁ।
ଆପଣଙ୍କ ସୁଖଲଗ୍ନା ହେବା ବେଳର
ମଳୟକୁ ଧରି,
କେବେ କେବେ କୁହୁଡି ପରି
ଛିଣ୍ଡା ଛିଣ୍ଡା ଅସ୍ପଷ୍ଟ ଗୋଟେ
ଧୂଆଁକୁ ଧରି।

ସବୁଥର
ଖିଲ୍‌ଖିଲ୍ ହସଟିଏ ହେଇ ଝରିଯାଏ
ମୁଁ।
ଅକାମନାମାନଙ୍କ ସହ ବାଟ ଚାଲିବାକୁ
ଥାଏ ତ
ଚାଲୁଥାଏ...
ମୃଗତୃଷ୍ଣା ପରି ଆପଣ ନଥାନ୍ତି କୋଉଠି ବି।

ମୋର ଏଇ ଆଜାନୁଲମ୍ବିତ ଏକାକୀତ୍ୱ
ମୋର ଏଇ
ପ୍ରଣୟର ସୂତ୍ର,
ମୋର ଝୁରିମରିବା...
କୋଉ ଗୋଟେ ମହାର୍ଘ ମୁହୂର୍ତ୍ତରେ
ଖସିଯାଏ ହାତମୁଠାରୁ।

ଦେବଦୂତ ପରି ଦିଶନ୍ତି ଆପଣ
ଆଖି ପାଉନଥିବା ସେଇ
ଅପହଞ୍ଚ ନର୍କରେ।

ଝଲକାଏ ଧୂଳି ହୋଇ ଲୋଟୁଥାଏ
ମୁଁ,
ସ୍ୱଘୋଷିତ ମୋର ସ୍ୱର୍ଗରେ।

କୋଉ ପାପିନୀର ଅଭିଶାପ
ଭୋଗୁଥାଏ ମୁଁ...
ବିଚ୍ଛେଦରେ, ବିରହରେ
ଅସାଡ ହେଇସାରିଥିବା ଗୋଟେ
ତୃଷ୍ଣାରେ...।

*(୨୫ ଜାନୁଆରୀ ୧୪)*

**ବ୍ୟାସକବିନଗର**
**ଚାନ୍ଦମାରିପଡିଆ,ବାଲେଶ୍ୱର-୧**
*ମୋ : ୯୪୩୮୭୭୮୦୫୨*

# ଆତଙ୍କିତ ଅଶ୍ରୁ

**ଦିବ୍ୟଜ୍ୟୋତି ମହାନ୍ତି**



**ଛ**ଅ ବର୍ଷର ଝିଅ ଅହଲ୍ୟା ଆଖିରେ ସେଦିନ ବାନ୍ଧିଥିଲା ଅସୁମାରୀ ଅଶ୍ରୁ । ଜୀବନକୁ ଠିକ୍ ଭାବରେ ବୁଝିନଥିଲେ ବି ଖାଲି ଏତିକି ବୁଝିଥିଲା ସେ ଯାହା ପାଇଁ ପ୍ରଥମ ଶବ୍ଦ ଉଚ୍ଚାରଣ କରିଥିଲା, ଯିଏ ତାକୁ ସମସ୍ତଙ୍କ ସହ ପରିଚୟ କରାଇଦେଇଥିଲା, ସିଏ ଯାହାକୁ ମା' ବୋଲି ଡାକୁଥିଲା, ଲୋକଙ୍କ କହିବା ମୁତାବକ ଯିଏ ତାକୁ ଦଶ ମାସ ଦଶଦିନ ଗର୍ଭ ଯନ୍ତ୍ରଣା ସହି ଜନ୍ମ ଦେଇଥିଲା ସିଏ ଆଜି ସବୁଦିନ ପାଇଁ ଶୋଇଯାଇଛି । ବାପା ଏବଂ ଘରର ଅନ୍ୟାନ୍ୟ ସଦସ୍ୟ ମାନେ କାମରେ ବ୍ୟସ୍ତ କିନ୍ତୁ ସମସ୍ତଙ୍କ ନଜର ଆଢୁଆଳରେ ଘରର ଗୋଟିଏ କୋଣରେ ବସିଥିଲା ଅହଲ୍ୟା । ଅଦିନିଆ ବର୍ଷା ପରି ତା' ଆଖିରୁ ବହିଚାଲିଥିବା ଲୋତକ ବିନ୍ଦୁଗୁଡିକ ସେଦିନ ଯେକୌଣସି ଲୌହମାନବକୁ ବି ଭିଜାଇ ଦେଇଥାନ୍ତା ।

ଏମିତି କିଛି ଦିନ ବିତିଗଲା ସମସ୍ତେ ଭୁଲିଗଲେ ତା ମା'କୁ ଏପରିକି ତା ବାପା ବି ମଧ୍ୟ । ତା' ମାଆଙ୍କ ଜାଗାରେ ଘରକୁ ଆସିଲେ ଜଣେ ନୂଆ ସଦସ୍ୟ । ବାପା ତା' ସହ ତାଙ୍କର ପରିଚୟ କରାଇ ଦେଇ କହିଲେ ଏ ହେଉଛନ୍ତି ତୋର ନୂଆ ମାଆ । ଆଜିଠୁ ତୁ ୟାଙ୍କୁ ମା' ବୋଲି ଡାକିବୁ । ଏତକ କହି ହାତରେ ଗୋଟେ ଚକ୍‌ଲେଟ୍ ଧରାଇଦେଇ ବାପା ଚାଲିଗଲେ ସିନା ମାତ୍ର ଅହଲ୍ୟାର କଅଁଳ ମନଟା ତା ମା' ଜାଗାରେ ଏ ନୂଆ ସଦସ୍ୟା ଜଣଙ୍କୁ ଗ୍ରହଣ କରିପାରୁନଥିଲା । ତାଙ୍କୁ ମା'ବୋଲି ସମ୍ବୋଧନ କରିବା ତ ଦୂରର କଥା ସେ ତାଙ୍କ ମୁହଁକୁ ବି ଅନାଇବାକୁ ଚାହୁଁ ନଥିଲା । ବାପାଙ୍କ ଭୟରେ ସେ ତାଙ୍କୁ ମା' ବୋଲି ଡାକିଲା ମାତ୍ର ପଡିଶା ଘରର ଲୋକମାନେ କୁହନ୍ତି ସେ କାଳେ ତାର ମା' ନୁହେଁ ସାବତ ମାଆ । ଆଉ ସେହି ସାବତ ମାଆ ଜଣଙ୍କ ବାପାଙ୍କ ଅନୁପସ୍ଥିତିରେ ତାକୁ ଖୁବ୍ ମାଡ ମାରନ୍ତି, ଘରର ସବୁତକ କାମ କରାନ୍ତି ହେଲେ ସେ ଏ ସବୁ କିଛି ବାପାଙ୍କୁ କହିପାରେନି । ସାବତ ମାଆ କହିଛି ସିଏ ଯଦି ବାପାଙ୍କୁ ଏ ସବୁ କଥା କୁହେ ତେବେ ବାପାଙ୍କୁ ସେ କାଳେ ଜୀବନରୁ ମାରିଦେବ । ସବୁଦିନେ ସେ ଅନେକ ମାଡ ଗାଳି ଖାଇଲେ ବି ତା' ବାପାଙ୍କ ମଙ୍ଗଳ ପାଇଁ ମଉନ ପାଲଟିଯାଏ । ଦିନର ମାଡକୁ ଭୁଲିବାକୁ ଯାଇ ରାତିରେ ସମସ୍ତେ ଶୋଇଗଲାପରେ ବି ସେ ଏକୁଟିଆ ତା ରୁମ୍‌ରେ ବସି ପଂଚମ ଜନ୍ମଦିନରେ ମାଆ ଦେଇଥିବା କଣ୍ଢେଇକୁ ହାତରେ ଧରି ଝରକା କଡର ଜହ୍ନକୁ ଦେଖୁଥାଏ । ଦେଖୁଥାଏ ପୁଣି ଜହ୍ନ ପାଖରେ ଥିବା ସବୁ ତାରାମାନଙ୍କ ଅପେକ୍ଷା ଉଜ୍ଜ୍ୱଳ ତାରାଟିକୁ । ମାଆ ମଲାପରେ ଦିନେ ଏମିତି ନିଛାଟିଆ ନିଃସଙ୍ଗ ରାତିଟାରେ ବାପା କହିଥିଲେ ଦେଖ୍ ଜହ୍ନ ପାଖରେ ଥିବା ସେ ଉଜ୍ଜ୍ୱଳ ତାରାଟି ହେଉଛି ତୋ ମାଆ । ସେ ଉପରେ ଥାଇ ତୋତେ ନିତି ଦେଖୁଛି ।

ଏହାରି ଭିତରେ ତାକୁ ସତର ପୁରି ଅଠର ଚାଲିଲାଣି । ପୁଣି ତା'ର ଏ ବଢୁଥିବା ବୟସକୁ ନେଇ ଘରେ ନିତି ନୂଆ ନୂଆ ପାଲା । ସାବତ ମାଆ ସଦା ବାପାଙ୍କୁ କୁହେ ଝିଅ ଘିଅ, କେତେବେଳେ କେଉଁ କଥା ତା'ର ଶୀଘ୍ର ବାହାଘର କରାଇଦିଅ । ଗୋଟେ ବଡ ଚିନ୍ତା ମୁଣ୍ଡରୁ ଯିବ । ମାତ୍ର ତା' ସାବତ ମାଆର ଏପରି କହିବାର ତାତ୍ପର୍ଯ୍ୟକୁ ସେ ଠିକ୍ ବୁଝିପାରେ । ତାକୁ ବାପାଙ୍କଠୁ ଶୀଘ୍ର ଦୂରେଇ ଦେଇ ତା ବାପାଙ୍କ ସବୁ ସମ୍ପତି ହଡପ କରିବାର ଯୋଜନାକୁ ସେ ବେଶ୍ ଭଲ ଭାବରେ ଜାଣେ । ଶେଷରେ ସାବତ ମାଆର କଥା ଅନୁଯାୟୀ ତା'ର ବାହାଘର ହୋଇଗଲା ଗୋଟେ ମଦ୍ୟପ ମଣିଷ ସହିତ । ଯିଏ ମଦର ନିଶାରେ ଚବିଶ ଘଂଟା ବୁଡିରୁହେ ।

ବାହା ହୋଇ ଶାଶୁ ଘରକୁ ଗଲାପରେ ପ୍ରତ୍ୟେକ ରାତିରେ ସେ ମଦ୍ୟପ ମଣିଷଟି ପାଲଟିଯାଏ ଗୋଟେ ମହାଦାନବ । ରାତିର ଅନ୍ଧକାର ଭିତରେ ତା ଶରୀରଟାକୁ ଖିନ୍‌ଭିନ୍ କରି ଖାଇଯାଏ । ରକ୍ତ ପିଉଥିବା ପିଶାଚ ଭଳି ସେ ତାର ଦାନ୍ତର ଦାଗରେ ଶରୀରରୁ ଯେପରି ସବୁତକ ରକ୍ତ ଶୋଷିନିଏ । ତାକୁ ଅନେକ କଷ୍ଟ ହୁଏ ସେ ଭିତରେ ବହୁତ ଚିତ୍କାର କରେ ମାତ୍ର କେବେ ତା'ର ବିରୋଧ କରିପାରେନି । କାରଣ ସିଏ ଯଦି ଏହାର ବିରୋଧ କରିବ ତେବେ ସେ ମଦ୍ୟପ ମଣିଷଟି ତାକୁ ନେଇ ବିକିଦେବ କେଉଁ ବେଶ୍ୟାଳୟରେ ।

ବାହାଘରର ଚାରିବର୍ଷ ପରେ ଲୁହର ନଈରେ ଆନନ୍ଦର ଚାରଟେ ବାନ୍ଧି ତା କୋଳରେ ଜନ୍ମ ନେଲା ଗୋଟେ ପୁତ୍ର ସନ୍ତାନ । ସେ ତା ମୁହଁକୁ ଚାହିଁ ବଂଚିବାକୁ ଲାଗିଲା ମାତ୍ର ଏହାରି ଭିତରେ ଏକ ଦୂରା ରୋଗ୍ୟରେ ମରିଗଲା ତାର ମଦ୍ୟପ ସ୍ୱାମୀ । ଘୋଡା ମଦୁଆ ହେଉ ପଛେ, ନିତି ମାରଧର କରୁପଛେ ସେ ହିଁ ତ ଆଜି ପର୍ଯ୍ୟନ୍ତ ତାକୁ ଚଳାଇ ଆସିଥିଲା । ସେ ମରିଗଲା ପରେ କିପରି ଚଳିବ ସେଥିପାଇଁ ତାକୁ କିଛି ବୁଦ୍ଧିବାଟ ଦିଶିଲାନି । ତା ଆଖିରେ ସେଦିନ ଅଜସ୍ର ଅଶ୍ରୁ ବଦଳରେ ଭରିଗଲା ଅମାପ ଅନ୍ଧକାର । ତା' ଉପରେ ଆକାଶ ଛିଡି ପଡିଲା ପରି ମନେହେଲା, ତା' ପାଦ ତଳୁ ମାଟି ଅତଡାଟା ଧସିଯିବା ଭଳି ତା'କୁ ଲାଗିଲା ।

ଯାହା ହେଉ ଶେଷରେ ପର ଘରେ କାମଧନ୍ଦା କରି ବାସନକୁସନ ମାଜି ପୁଅକୁ ତା'ର ଗୋଟ ବଡ ମଣିଷ କଲା ଓ ଗୋଟେ ବଡଘରେ ବାହାଦେଲା । କିନ୍ତୁ ବାହାଘରର ଚାରିମାସ ପରେ ସେ କାଳେ ପୁଅ ବୋହୁଙ୍କ ପାଇଁ ଅଡୁଆ ହୋଇଗଲା । ଗାଉଁଲି ଅପାଠୁଆ ବୁଢ଼ି ଲୋକଟା କାଳେ ତାଙ୍କ ମାନସମ୍ମାନକୁ ତଳେ ପକାଇଲା । ସେଥିପାଇଁ ପୁଅ ତାକୁ ଛାଡି ଦେଇଯାଇଛି ଗୋଟେ ମନ୍ଦିରରେ । ଜୀବନର ସବୁ ସମୟରେ ଅହଲ୍ୟା ଆଖିରେ ଆତଙ୍କ ଖେଳାଉଥିବା ଅଶ୍ରୁ ବଦଳରେ ଥିଲା ଆଜି କିପରି ଏକ ଆନନ୍ଦ ଓ ଆତ୍ମସନ୍ତୋଷର ଅଶ୍ରୁ । କାରଣ ଜୀବନର ଶେଷ ସମୟରେ ସେ ଭଗବାନଙ୍କ ସେବା କରି ବଂଚୁଛି । ମଲାବେଳେ ବି ଭଗବାନଙ୍କ ଦୂଆରେ ହିଁ ମରିବ । ଯେଉଁଠି ନଥିବ ଆଉ କିଛି ମୋହ ମାୟାର ସମ୍ପର୍କ, ଥିବ କେବଳ ଭକ୍ତ ଓ ଭଗବାନର ସମ୍ପର୍କ ।

*ମୋ -୭୩୭୭୫୧୦୨୫୪*

# କୁନାବାପାଙ୍କ କୁନିକଥା

୩୧



**ନୂ**ଆବର୍ଷର ଶୁଭେଚ୍ଛା ବାର୍ତ୍ତାରେ ମୋବାଇଲର ମେସେଜ ଇନବକ୍ସ ଓ ହ୍ୱାଟ୍ସଆପର ନୋଟିଫିକେସନ କୁଁ-କାଁରେ ଏକତିରିଶ ତାରିଖ ରାତିଟା ଉଜାଗର ଅବସ୍ଥାରେ କାଟିଲେ କୁନାବାପା। ବୋଉ ଉପରେ ନଳିତାବିଡା ଭଳି ସାନଭାଇର ନାମୀ ହୋଟେଲରେ ଜିରୋ ନାଇଟ ସେଲିବ୍ରେସନ ଯୋଗୁ ଘରେ ଅନୁପସ୍ଥିତି। ତେଣୁ ଫୋନକୁ ସ୍ୱିଚ୍ ଅଫ୍ ବି କରିହେଉନି। ଏଇ କିଛିଦିନ ତଳେ ମୁମ୍ବାଇର ହୋଟେଲରେ ନିଆଁ ଲାଗି ପନ୍ଦର ଜଣଙ୍କ ମୃତ୍ୟୁ ଖବରବି ମନରୁ ଲିଭିନି। ତେଣେ ମଦ ମାଂସରେ ମସଗୁଲ ସହରରେ ମତୁଆଲା ଯୁବକଙ୍କ କାରନାମାବି କିଛି କମ୍ ନୁହେଁ। ତେବେ ଅନିଦ୍ରା ରହିବାରେ ବଡ ସହାୟତା ଦେଲେ କିଛି ଦୂରବନ୍ଧୁ। ରାତି ବାରଟାରୁ ଫୋନରେ ଶୁଭେଚ୍ଛା ଜଣେଇଲେ। ଏ ସବୁ କାଳେ କୁନାର ନିଦ ଭାଙ୍ଗିଦେବ, ତେଣୁ କୁନାବୋଉଙ୍କ ପରାମର୍ଶରେ ବେଡରୁମ ଛାଡି ଡ୍ରଇଂରୁମର ସୋଫାରେ କଟିଲା ରାତି। ପାହାନ୍ତି ନିଦରୁ କିଏବା ବଞ୍ଚେ, ତେବେ ରାତି ଦୁଇଟା ବେଳକୁ କୁନାକାକା ଫୋନରେ ଜଣେ ସାଙ୍ଗ ରୁମରେ ରହିବାର ସୂଚନା ଦେବା ପରେ କୁନାବାପା ସେଇ ଡ୍ରଇଂ ରୁମରେ ଲମ୍ବା ସୋଫାରେ ଟିକେ ଗଡିପଡିଲେ, ଫୋନ୍‌କୁ ସୁଇଚ୍‌ଅଫ କରି। ସକାଳୁ କୁନାଭୋଉଙ୍କ ଡାକରେ ନିଦ ଭାଙ୍ଗିଲା। କୁନାବୋଉ କହିଲେ, ଚାଲ ଜଲଦି ଗାଧେଇଲ। ମନ୍ଦିର ଯିବ, ଏଇ ନୂଆବର୍ଷର ପ୍ରଥମ ଦିନରେ ଯାହା ଭଲକାମ କରିବ, ବର୍ଷସାରା ତା'ର ସୁଫଳ ମିଳିବ। କୁନାକୁ ବି ମୁଁ ରେଡି କରୁଛି। ଶୀତୁଆ ସକାଳରେ, ନିଦୁଆ ଆଖିରେ ବାଥରୁମରେ ବସି ତୁଳେଇଲେ କୁନାବାପା। କୁନାବୋଉଙ୍କ ଡାକରେ ଧଡପଡ ହୋଇ କାକ ସ୍ନାନ ସାରି ବାହାରିବାକୁ ବାଧ ହେଲେ। ମନ୍ଦିରରେ ପହଞ୍ଚିବା ବେଳକୁ, ମନ୍ଦିର ଆଗରେ ଲମ୍ବା ଲାଇନ। ଠିଆ ଠିଆ ତୁଳେଇ ଘଣ୍ଟାଏ ପରେ ଦର୍ଶନର ପରମ ସୌଭାଗ୍ୟ ପ୍ରାପ୍ତ ହେଲା। ପୂଜକଙ୍କୁ ଦକ୍ଷିଣ ଦେଇ ଫେରିଲେ ଘରକୁ, ଆଉ ସିଧାଯାଇ ବେଡ ଉପରେ ଲମ୍ବେଇ ହେଇ ପଡିଲେ। କୁନାବୋଉ ବି ନିଜ କାମରେ ବ୍ୟସ୍ତ ରହିଲେ। ନିଦରୁ ଉଠି ଆଖି ମଳିଲେ, ତ' ମନେ ପଡିଲା ମୋବାଇଲ କଥା। ପାହାନ୍ତିଆରୁ ବିଚରା ଫୋନଟା ବି ବୋବେଇ ବୋବେଇ ହାଲିଆ ହେଲାପରେ ଶୋଇଚି। ଫୋନ ଅନ କରୁକରୁ, ପୁଣି, ଟୁଙ୍ଗ ଟାଙ୍ଗ ଆରମ୍ଭ। ଗୁଡାଏ ମିସଡ କଲର ମେସେଜ। ଫୋନର ଏତେ ହରକତ ଦେଖି, କୁନାବୋଉ କହିଲେ, ଆହେ ତମେ କେତେ ଫେମସ ସତେ ! କେତେ ବନ୍ଧୁ ଆଉ ଶୁଭେଚ୍ଛୁ ତମର, ମୋର ପଚାଶଟା ମେସେଜ ମାତ୍ର, ଆଉ ତମର ଶୁଭେଚ୍ଛାରେ ମେମୋରି କାର୍ଡ ବି ସରିଯାଉଛି। ହଉ, ଏଇ ଭୋଗ ଟିକକ ଧରିଲ। ଭୋଗ ଧରେଇ 'ହାପି ନିଉ ଇଅର' କହିଲେ କୁନାବୋଉ। କୁନାବାପା ସେମ ଟୁ ୟୁ କହିଲେ, ଆଉ କିଛି ଭାବି ବସିଲେ। ସତରେ ଆମେ କେତ ବନ୍ଧୁବତ୍ସଳ, ବନ୍ଧୁର ରଙ୍ଗରେ ବା ଅତିଥିଙ୍କ ରଙ୍ଗରେ ଏମିତି ରଙ୍ଗିଯାଉ, ଯେ, ନିଜକୁ ବି ହଜେଇଦେଉ। ଆମେ ବଙ୍ଗାଳୀ ଦେଖିଲେ 'ଦାଦା', ପଞ୍ଜାବି ଦେଖିଲେ 'ପାଜି', ଦକ୍ଷିଣୀ ଦେଖିଲେ 'ଆନ୍ନା' ଏମିତିକି କଥାରେ ଦମ୍ ରଖିବାକୁ ଯାଇ ଇଂରାଜୀ କିମ୍ବା ହିନ୍ଦୀରେ କଥା କହିଦେଉ। ତେବେ ଏହା ଏକ ଉଚ୍ଚ ପରମ୍ପରା ନିଶ୍ଚୟ କିନ୍ତୁ ନିଜର ଓଡ଼ିଆପଣ ନ ହଜେଇ, ଏସବୁ କଲେ ଉତ୍ତମ। ତେବେ ଇଂରାଜୀ ନବବର୍ଷ ବା ନୂତନ ଖ୍ରୀଷ୍ଟାବ୍ଦର ଅଭିନନ୍ଦନ ସହ ଆମେ ଯେପରି ନିଜକୁ ଯେପରି ମିଶେଇ ଦେଲେଣି, ଆମ ପରମ୍ପରାରେ ନୂତନ ବର୍ଷ କେବେ ହୁଏ ଓ ତାକୁ କିପରି ପାଳନ କରାଯାଏ ତାହା ଭୁଲିଯାଇନେ ତ ?

ସର୍ବେ ଭବନ୍ତୁ ସୁଖୀନଃ।

**- ଶାରଦା ପ୍ରସାଦ ମହାପାତ୍ର, ଦୂରଭାଷ : ୯୭୭୮୭୬୭୩୭୪**




**ଆ**ଜିକାଲି ଟ୍ରାଫିକ୍ ଏତେ ଭିଡ ଯେ ଗାଡି ତ ଦୂରକଥା ଚାଲିକି ଯିବା ବଡ କଷ୍ଟ ହେଇପଡୁଛି। ତା'ଭିତରେ ପୁରି ପିଏମ୍‌ଜିରେ ଅନବରତ ଧାରଣା। ଆଜି ବୋଧେ ଅଙ୍ଗନବାଡି କର୍ମୀ ଧାରଣାରେ ବସିଛନ୍ତି, ମୁଁ ବେରିକେଡ କଡେ କଡେ ଚାଲିଚାଲି ଯାଉଥାଏ ଷ୍ଟେସନ ଆଡେ। ସେପଟରୁ ଜଣେ ମହିଳା ଡାକ ପକାଇଲେ ମତେ ଏ ବିଭୁ କୁଆଡେ ଯାଉଛି ଟିକେ ଶୁଣ। ମୁଁ ଚିହ୍ନି ନପାରିଲେ ବି ତାଙ୍କ ପାଖକୁ ଗଲି, ସେମତେ କହିଲେ କ'ଣ ବେ ମତେ ଚିହ୍ନି ପାରୁନୁ। ମୁଁ ତୁଳସୀ ଯିଏ ତତେ ଦିନେ ସ୍କୁଲରେ ଟଭା କୋସେ ପାଇଁ ଆଣ୍ଠୁକୁ କାମୁଡି ଦେଇଥିଲା। ମୁଁ କହିଲି ହଁ ଏଙ୍କେ ସେ ଦାଗ ସେମିତି ଅଛି। ସେ କହିଲା ରହିବନି କେମିତି ମୁଁ କ'ଣ କମ୍ ଜୋରରେ କାମୁଡି ଥିଲଚି। ଆରେ ବାହାସାହା ହେଲୁଣି ନା ନାହିଁ। ପ୍ରେମ ଫ୍ରେମ ନିଶ୍ଚେ କରିଥିବୁ। ମୁଁ ହସିଦେଇ କହିଲି ନାଁ ତୁଳସୀ ବୟସ ସିନା ପ୍ରେମ ଦେଲା... ହୃଦୟ ଭାଙ୍ଗି ଚୁନା ହେଲା। ଛାଡ ତୁ ସେଥିରୁ କ'ଣ ପାଇବୁ। ତୁଳସୀ କହିଲା ଜାଣିଛୁ ବିଭୁ ଯଦି ପ୍ରେମ ଫ୍ରେମ କ'ଣ ସେ ସମୟରେ ମୁଁ ଜାଣିଥାନ୍ତି; ତେବେ କେବେବି ତୋ ହୃଦୟ ଭାଙ୍ଗିବାକୁ ଦେଇନଥାନ୍ତି। ଆରେ ବିଭୁ ଦେଖିଲୁ ଭଦ୍ରକକୁ ଡିଏମ୍‌ୟୁ କେତେ ବେଳେ ଅଛି; ସେଠୁ ପୁଣି ମତେ ବାସୁଦେବପୁର ଯିବାର ଅଛି। ମୁଁ ମୋବାଇଲ ଦେଖି କହିଲି ଜଷ୍ଟ ଏଇ କୋଡିଏ ମିନିଟ୍ ଭିତରେ। ତୁଳସୀ ତା ବେଗପତ୍ର ପ୍ରସ୍ତୁତ କରି ଏଇ ପାଞ୍ଚ ଛଅ ବର୍ଷର ପିଲାଟିକୁ ଟାଣିଟୁଣି ଆଣି ଝାଡି ଦେଇ ପିଲାଯିର ହାତ ଧରି ମତେ ବାଏ ବାଏ କରି ଚାଲିଲା ଷ୍ଟେସନ ଆଡେ। ପବନର ଉଡିଗଲା ପିଠିପଟୁ ଶାଢ଼ୀ, ଦେଖାଗଲା ପାଞ୍ଚଗାର ଦାଗ। ମୋ ଆଣ୍ଠୁରେ ତୁଳସୀର କାମୁଡା ଚିହ୍ନ ଜୀବଦାନ ପାଇଗଲା ଭଳି ଲାଗିଲା। ମୋଅର ବି କାଇଁ ମନେ ହେଲା ସେ ସ୍କୁଲ ସମୟରେ ପ୍ରେମ ଫ୍ରେମ କ'ଣ ମୁଁ ବି ଟିକେ ଜାଣି ଥାଆନ୍ତି କି ?

# କାହାପାଇଁ ଗୋପାଳପୁର ବେଳାଭୂମି ମହୋତ୍ସବ !

**ବ୍ରହ୍ମପୁର (ସରୋଜ କୁମାର ମହାନ୍ତି) :** ଲୋକମାନଙ୍କର କର୍ମବ୍ୟସ୍ତତା ଭିତରେ କିଛି ଚିତ୍ତବିନୋଦ କରିବାପାଇଁ ସାଂସ୍କୃତିକ ବିଭାଗ ବିଭିନ୍ନ ସମୟରେ ବିଭିନ୍ନ କାର୍ଯ୍ୟ କରିଥାନ୍ତି । ହେଲେ ଏହାପାଇଁ ଖର୍ଚ୍ଚ ହେଉଛି କୋଟି କୋଟି ଟଙ୍କା । ତାହା ଠିକ୍ ଭାବରେ ଖର୍ଚ୍ଚ ହେଉଛି ନା ଭୁଲ ଭାବରେ ତାହାର ଖବର କାହା ପାଖରେ ରହୁନି । ଗତ ଡିସେମ୍ବର ମାସ ୨୪ ତାରିଖରୁ ଆରମ୍ଭ ହୋଇ ଗୋପାଳପୁର ବେଳାଭୂମି ମହୋତ୍ସବ ୨୮ ତାରିଖ ପର୍ଯ୍ୟନ୍ତ ଚାଲିଥିଲା । ହେଲେ ଏହାକୁ ମନୋରମ କରିବା ପାଇଁ ରାଜ୍ୟ ବାହାରୁ ମଧ୍ୟ କଳାକାର ଆସିଥିଲେ । ହେଲେ ପରିଚାଳନା ବ୍ୟବସ୍ଥା ଏତେ ଖରାପ ଯେ ନକହିବା ଭଲ । ବଲିଉଡ୍ ଓ ହଲିଉଡ୍‌ର ମଧ୍ୟ କଳାକାର ଆସିଥିଲେ ତା'ସହିତ ଆଞ୍ଚଳିକ ବା ଆମ ଗଞ୍ଜାମ ଜିଲ୍ଲାର ମଧ୍ୟ କିଛି କଳାକାରଙ୍କୁ କଳାପରିଦର୍ଶନ ପାଇଁ ସୁଯୋଗ ଦିଆଯାଇଥିଲା । ପ୍ରଥମ କଥାଟି ହେଲା ଯେଉଁ କଳାକାରମାନେ ଅନ୍ୟକୁ ଆନନ୍ଦ ଦେବା ପାଇଁ ନିଜେ ରଙ୍ଗ ବୋଲି ଅଭିନୟକ ରୁଥିଲେ ହେଲେ ସେମାନଙ୍କୁ ଯେଉଁପ୍ରକାର ବ୍ୟବହାର କରାଗଲା ତାହା ନକହିବା ଠିକ୍ ହେବ । ସେମାନେ ବସିବା ପାଇଁ ପାସ୍‌ର ବ୍ୟବସ୍ଥା ନଥିଲା କି ଠିଆହୋଇ ଦେଖିବାର ମଧ୍ୟ ସୁଯୋଗ ମିଳିଲାନି । ବଡ ଦୁଃଖର ବିଷୟ ସେମାନେ ଯେଉଁ ଠାରେ ଗ୍ରୀନ୍ ରୁମ୍ ପାଇଥିଲେ ସେଠାରେ ଲାଇନ୍ ଲଗାଇ ରହିବାକୁ ପଡୁଥିଲା । ପୁରୁଷ ଓ ମହିଳାମାନଙ୍କ ପାଇଁ କିଛି ସ୍ୱତନ୍ତ୍ରତା ନଥିଲା । ପରିଶ୍ରାଗାରର ମଧ୍ୟ ସୁବିଧା ନଥିଲା । ଯଦି କେହି ପରିଶ୍ରାଗାରକୁ ନଯାଇ ବାହାକୁ ଗଲା ତାହା ହେଲେ ସେ ଆସିଲେ ପୋଲିସମାନେ ତାଙ୍କୁ ଭିତରକୁ ଛାଡୁ ନଥିଲେ । କୌଣସି କଳାକାରଙ୍କ ସୁବିଧା ଅସୁବିଧା କେହି ବୁଝୁ ନଥିଲେ । ବଡ ଲଜ୍ଜାର କଥା ହେଲା ଯେଉଁମାନେ କଳା ପାଇଁ ରଙ୍ଗ ବୋଲି ହେଉଥିଲେ ସେମାନଙ୍କ ସଫାସୁତୁରା ପାଇଁ କୌଣସି ସୁବିଧା ନଥିଲା । ବାଧ ହୋଇ ସେମାନେ ମୁହଁ ଘୋଡାଇ ଘରକୁ ଫେରୁଥିଲେ । ଭିଆଇପି ପାସ୍ ଦିଆଗଲା ବେଳେ ସେଥିରେ ନିଜର ଚିହ୍ନା ପରିଚୟମାନେ ଦେଖାପାସରେ ଅର୍ଥାତ ପାସ୍ ନଥାଇ ମଧ୍ୟ ଯାଇ ବସୁଥିଲେ । ମାତ୍ର କଳାକାରମାନଙ୍କୁ ଛିଡାହୋଇ ଦେଖିବାର ସୁଯୋଗରୁ ବଞ୍ଚିତ କରାଗଲା ଓ ସେଥିରେ ନିୟୋଜିତ ହୋଇଥିବା କର୍ମଚାରୀମାନେ ନିରଭଦ୍ରଷ୍ଟା ସାଜି ମୁହଁ ଦେଖାଇବାର ଚାଲିଥିଲା । ଏଥିସହିତ ଲୋକମାନଙ୍କ ସଂଖ୍ୟା ଏତେ ମାତ୍ରାରେ ବଢୁଥିଲା ଯେ, ବସିବାର ବ୍ୟବସ୍ଥା କରାଯାଇ ନଥିଲା । ବସିବାତ ଦୂରର କଥା ଠିଆହୋଇ ଦେଖିବାର ମଧ୍ୟ ସୁବିଧା ନଥିଲା । ଏହି ପ୍ରକାରର ସମସ୍ୟା ଭିତରେ ପୋଲିସଙ୍କ ଦବଙ୍ଗଗିରି ମଧ୍ୟ କମ ନଥିଲା । କଳାକାରମାନେ ଯେଉଁ ସ୍ୱଳ୍ପ ବିଶ୍ରାମ କିମ୍ବା ମେକପ୍‌ର ସ୍ଥାନ ଚିହ୍ନଟ ପାଇଁ କୁହାଯାଇଥିଲା, ସେମାନଙ୍କ ଠିକଣା ଖୋଜିଲା ବେଳକୁ ସେମାନେ ନାକେଦମ ହୋଇଯାଇଥିଲେ । କଳାକାରମାନଙ୍କୁ ମୋଟା ଅଙ୍କର ଟଙ୍କା ଦେଇ ଆଣିଥଲେ, ମାତ୍ର ଆଞ୍ଚଳିକ ବା ଜିଲ୍ଲା କଳାକାରଙ୍କ କିଛି ସମ୍ମାନ ନାହିଁ । ଏହି ସମସ୍ୟା ବିଭିନ୍ନ ଖବରକାଗଜରେ ପ୍ରକାଶିତ ହେଲାପରେ ମଧ୍ୟ କାହାର ଖାତିରି ନାହିଁ । ଯାହା ଲୋକମାନଙ୍କ ଆମୋଦ ପ୍ରମୋଦ ପାଇଁ କରାଯାଉଛି ତାହା କେତେଦୂର ସଠିକ୍ ତାହା ସହଜେ ଅନୁମେୟ । ମାନ୍ୟବର ଗୋପାଳପୁର ବିଧାୟକ ଯଦି ଆସନ୍ତାବର୍ଷକୁ ଲୋକମାନଙ୍କ ଆମୋଦପ୍ରମୋଦରୁ ଆଖିଆଗରେ ରଖି କରୁଛନ୍ତି ତା'ହେଲେ ବ୍ୟବସ୍ଥା ଓ କଳାକାରମାନେ ଯେଉଁ ସମସ୍ୟା ଭୋଗୁଛନ୍ତି ତାହା ଉପରେ ଧ୍ୟାନ ଦେବାକୁ ଦାବି ହେଉଛି । ଏଥିସହିତ ସଂସ୍କୃତି ବିଭାଗ ଓ ଜିଲ୍ଲା ଟୁରିଜିମ୍ ବିଭାଗ ଧ୍ୟାନ ଦେବାକୁ ସାଧାରଣରେ ଦାବି ହେଉଛି ।

# ଓଡ଼ିଶାକୁ ଭୁଲିଗଲେ କେନ୍ଦ୍ର କୃଷି ରାଷ୍ଟ୍ରମନ୍ତ୍ରୀ : ମହାରଥୀ

**ଭୁବନେଶ୍ୱର :** ୨୦୧୭ରେ ପ୍ରାକୃତିକ ବିପର୍ଯ୍ୟୟ ଦ୍ୱାରା କ୍ଷତିଗ୍ରସ୍ତ ହୋଇଥିବା ୧୪ ରାଜ୍ୟ ମଧ୍ୟରେ ଓଡ଼ିଶାର ନାଁ ନଥିବାରୁ ରାଜ୍ୟ ସରକାର ଘୋର ଅସନ୍ତୋଷ ପ୍ରକାଶ କରିଛନ୍ତି । ରାଜ୍ୟରେ ଅଦିନିଆ ବର୍ଷା ଓ ଚକଡ଼ା ପୋକ ଯୋଗୁ ବ୍ୟାପକ ଅଞ୍ଚଳର ଫସଲ ନଷ୍ଟ ହୋଇଛି । ଅନେକ ଚାଷୀଙ୍କ ସଂପୂର୍ଣ୍ଣ କ୍ଷେତ ଉଜୁଡ଼ି ଯାଇଛି । ଓଡ଼ିଶା ସରକାର ପ୍ରାକୃତିକ ବିପର୍ଯ୍ୟୟ ଦ୍ୱାରା କ୍ଷତିଗ୍ରସ୍ତ ହୋଇଥିବା କ୍ଷୟକ୍ଷତିର ଆକଳନ କରିବା ପରେ ଗତ ନଭେମ୍ବର ୯ ତାରିଖରେ କେନ୍ଦ୍ର ସରକାରଙ୍କୁ ୨୨୪ ପୃଷ୍ଠାର ରିପୋର୍ଟ ଦେଇଥିଲେ । ଗତ ନଭେମ୍ବର ମାସରେ କେନ୍ଦ୍ର କୃଷି ରାଷ୍ଟ୍ର ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ ଓଡ଼ିଶା ଗସ୍ତରେ ଆସିଥିବା ବେଳେ ଏହି କ୍ଷୟକ୍ଷତିର ଆକଳନ ମଧ୍ୟ କରିଥିଲେ । ତେବେ କେନ୍ଦ୍ର ସରକାର ରାଜ୍ୟ ସରକାରଙ୍କ ରିପୋର୍ଟ ଉପରେ କୌଣସି ପଦକ୍ଷେପ ନେଇନାହାନ୍ତି । ଆଜି ଲୋକସଭାରେ ବିଜେଡ଼ି ସାଂସଦ ରାମଚନ୍ଦ୍ର ହାଂସଦାଙ୍କ ଏକ ପ୍ରଶ୍ନର ଉତ୍ତରରେ କେନ୍ଦ୍ର ସ୍ୱରାଷ୍ଟ୍ର ରାଷ୍ଟ୍ର ମନ୍ତ୍ରୀ କିରଣ ରିଜିଜୁ ପ୍ରାକୃତିକ ବିପର୍ଯ୍ୟୟ ଦ୍ୱାରା କ୍ଷତିଗ୍ରସ୍ତ ୧୪ ରାଜ୍ୟର ନାମ ତାଲିକା ପ୍ରକାଶ କରିଛନ୍ତି । କିନ୍ତୁ ଏହି ତାଲିକାରେ ଓଡ଼ିଶାର ନାଁ ନାହିଁ । କେନ୍ଦ୍ରର ଏଭଳି ଆଚରଣରେ ରାଜ୍ୟ କୃଷି ମନ୍ତ୍ରୀ ପ୍ରଦୀପ ମହାରଥି ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି । ସେ କହିଛନ୍ତି ଯେ କେନ୍ଦ୍ର ସରକାର ଓଡ଼ିଶାର କ୍ଷୟକ୍ଷତି ରିପୋର୍ଟ ଉପରେ କୌଣସି ପଦକ୍ଷେପ ନେଇନାହାନ୍ତି । ଏପରିକି ପାର୍ଲାମେଣ୍ଟରେ ଶସ୍ୟହାନୀ ସଂପର୍କରେ ଆଲୋଚନା ଚାଲିଥିବା ବେଳେ କେନ୍ଦ୍ର ସ୍ୱରାଷ୍ଟ୍ର ରାଷ୍ଟ୍ର ମନ୍ତ୍ରୀ ଠିକ୍ ଉତ୍ତର ରଖି ନାହାନ୍ତି । କେନ୍ଦ୍ର କୃଷି ରାଷ୍ଟ୍ର ମନ୍ତ୍ରୀ ଦିଲ୍ଲୀ ଫେରିବା ପରେ ଓଡ଼ିଶା କଥା ଭୁଲି ଯାଇଛନ୍ତି ବୋଲି ଶ୍ରୀ ମହାରଥି ଅଭିଯୋଗ କରିଛନ୍ତି । ବିଜେପି ରାଜ୍ୟ ଉପ ସଭାପତି ସମୀର ମହାନ୍ତି କହିଛନ୍ତି ଯେ କେନ୍ଦ୍ର କୃଷି ରାଷ୍ଟ୍ର ମନ୍ତ୍ରୀ କିଛି ଭୁଲି ନାହାନ୍ତି । ବରଂ ରାଜ୍ୟ ସରକାର କୃଷି ମନ୍ତ୍ରଣାଳୟରେ ଠିକ୍ ସମୟରେ ରିପୋର୍ଟ ଦାଖଲ କରିପାରି ନାହାନ୍ତି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସ୍ଥାନ ପାଇଲା ...

୧୨୩ ମିଲିମିଟର । ଜାଲ୍ ନୋଟ୍ କାରବାରକୁ ରୋକିବା ପାଇଁ ଏହି ସ୍ୱଳ୍ପ ମୂଲ୍ୟର ନୋଟ୍ ପ୍ରଚଳନ କରାଯାଇଥିବା ଆର୍‌ବିଆଇ ପକ୍ଷରୁ କୁହାଯାଇଛି । ତେବେ ଧୀରେଧୀରେ ବଜାରରୁ ପୁରୁଣା ୧୦ ଟଙ୍କିଆ ନୋଟ୍ ଅପସାରଣ କରାଯିବ ବୋଲି ବ୍ୟାଙ୍କ ପକ୍ଷରୁ କୁହାଯାଇଛି । ଏହା ପୂର୍ବରୁ କୋଣାର୍କ ଚକର ଛବି ଥିବା ୨୦ ଟଙ୍କିଆ ନୋଟ୍ ମଧ୍ୟ ଆର୍‌ବିଆଇ ପକ୍ଷରୁ ଜାରି କରାଯାଇଥିଲା । ଏଠାରେ ସୂଚନାଯୋଗ୍ୟ ଯେ ଆର୍‌ବିଆଇ ୨୦୦୫ ମସିହାରେ ପୁରୁଣା ୧୦ ଟଙ୍କିଆ ନୋଟ୍‌ର ଡିଜାଇନ୍ ପରିବର୍ତ୍ତନ କରିଥିଲା । ସେହିପରି ଆର୍‌ବିଆଇ ଗତ ଅଗଷ୍ଟ ମାସରେ ଗାନ୍ଧି ସିରିଜ ଅନ୍ତର୍ଗତ ନୂଆ ୨୦୦ ଟଙ୍କିଆ ନୋଟ୍ ପ୍ରଚଳନ କରିବା ସହିତ ନୂତନ ଡିଜାଇନ୍‌ର ୫୦ ଟଙ୍କିଆ ନୋଟ୍ ପ୍ରଚଳନ କରିଛି ।

### ତାତି ବଢ଼ାଉଛି ...

ସେହି ଅନୁସାରେ ନିର୍ବାଚନ ତାରିଖ ଘୋଷଣା କରାଗଲେ ଫେବୃଆରୀ ସୁଦ୍ଧା ନିର୍ବାଚନ ଅନୁଷ୍ଠିତ ହୋଇଯିବା କଥା । ମାତ୍ର ସ୍ୱର୍ଗତ ସୁବଳ ସାହୁଙ୍କ ବିରୋଧରେ ନିର୍ବାଚନୀ ଅନିୟମିତତା ନେଇ ପରାଜିତ ପ୍ରାର୍ଥୀ ପ୍ରସନ୍ନ ଆଚାର୍ଯ୍ୟ ହାଇକୋର୍ଟରେ କରିଥିବା କେସ୍‌ର ଫଇସଲା ଅକ୍ଟୋବର ମାସ ୧୬ ତାରିଖରେ ହୋଇଥିଲା । ଯଦି ହାଇକୋର୍ଟଙ୍କ ରାୟର ଛଅ ମାସ ମଧ୍ୟରେ କରାଯାଏ ତାହେଲେ ନିର୍ବାଚନ ଏପ୍ରିଲ ମାସ ଆଡ଼କୁ ହେବ ବୋଲି ମନେକରାଯାଉଛି । କଂଗ୍ରେସ ଓ ବିଜେଡି ସମେତ ସମ୍ବିଧାନ ବିଶେଷଜ୍ଞ କିନ୍ତୁ ଉପନିର୍ବାଚନ ସମ୍ପୃକ୍ତ ସଦସ୍ୟଙ୍କ ମୃତ୍ୟୁର ଛଅମାସ ମଧ୍ୟରେ ହେବା କଥା ବୋଲି ମତ ଦେଇଛନ୍ତି । ସମ୍ବିଧାନ ବିଶେଷଜ୍ଞ ଅମରେଶ୍ୱର ମିଶ୍ରଙ୍କ କହିବା ଅନୁଯାୟୀ ହାଇକୋର୍ଟଙ୍କ ରାୟ ସହିତ ଉପନିର୍ବାଚନର କୌଣସି ସମ୍ପର୍କ ନାହିଁ । ଜଣେ ସଦସ୍ୟଙ୍କ ମୃତ୍ୟୁକୁ ନେଇ ବିଧାନସଭା ପକ୍ଷରୁ ଜାରି କରାଯାଇଥିବା ବିଜ୍ଞପ୍ତିର ୬ ମାସ ମଧ୍ୟରେ ନିର୍ବାଚନ ଅନୁଷ୍ଠିତ ହେବା କଥା । ତେବେ ତାରିଖକୁ ନେଇ ଦ୍ୱନ୍ଦ୍ୱ ଲାଗିରହିଥିବା ବେଳେ ନିର୍ବାଚନ କମିଶନଙ୍କ ପକ୍ଷରୁ ଭୋଟ୍‌ନେଇ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି । ବିଜେପୁର ନିର୍ବାଚନ ମଣ୍ଡଳିରେ ଥିବା ୨୭୦ଟି ବୁଥ୍ ପାଇଁ ଗୁଜରାଟରୁ ଭିଭିପିଏଟି ଓ ଇଭିଏମ୍ ମେସିନ୍ ଅଣାଯାଇ ସାରିଛି । ଏହା ବାଦ୍ କାଳେ କିଛି ମେସିନ ଖରାପ ହୋଇଯିବ ସେଥିପାଇଁ ୨୦ ପ୍ରତିଶତ ଅଧିକ ମେସିନ୍ ମଗାଯାଇଛି ବୋଲି ରାଜ୍ୟ ନିର୍ବାଚନ ଅଧିକାରୀ ସୂଚନା ଦେଇଛନ୍ତି । ବର୍ତ୍ତମାନ ଚୂଡ଼ାନ୍ତ ଭୋଟର ଲିଷ୍ଟ ଜାରି ହୋଇନଥିବା ବେଳେ ସେପ୍ଟେମ୍ବର ମାସ ସୁଦ୍ଧା ଦିଆଯାଇଥିବା ତଥ୍ୟ ଅନୁସାରେ ସମ୍ପୃକ୍ତ ନିର୍ବାଚନ ମଣ୍ଡଳୀରେ ୧,୧୪,୭୨୦ ପୁରୁଷ ଏବଂ ୧,୦୪,୮୫୩ ମହିଳା ଭୋଟର୍ ଚିହ୍ନଟ ହୋଇଛନ୍ତି । ନିର୍ବାଚନ ସାମଗ୍ରୀ କିଣାଯିବା ସହିତ କର୍ମଚାରୀଙ୍କୁ ଟ୍ରେନିଂ ମଧ୍ୟ ଦିଆଯାଇ ସାରିଛି । ସେହିପରି ମେସିନଗୁଡ଼ିକର ପ୍ରଥମ ପର୍ଯ୍ୟାୟ ଚେକିଂ ଶେଷ ହୋଇସାରିଛି ବୋଲି ରାଜ୍ୟ ନିର୍ବାଚନ ଅଧିକାରୀ କହିଛନ୍ତି । ହେଲେ ବିଜେପୁର ଉପନିର୍ବାଚନର ଫଳାଫଳ ଆଗାମୀ ସାଧାରଣ ନିର୍ବାଚନକୁ ପ୍ରଭାବିତ କରିବାର ଆଶଙ୍କା ଥିବାରୁ ଏନେଇ ଶାସକ ବିଜେଡି, ବିଜେପି ଓ କଂଗ୍ରେସ ମଧ୍ୟରେ ଜୋରଦାର ଛକାପଞ୍ଝା ଚାଲିଛି । ବିଜେଡି ଏହି ଆସନକୁ ନିଜ ହାତକୁ ଟାଣିବା ପାଇଁ ସବୁପ୍ରକାର ଉଦ୍ୟମ କରୁଥିଲା ବେଳେ ବିଜେପି ମଧ୍ୟ ଏହାକୁ ହାତେଇବା ପାଇଁ ଦମ୍ ଲଗାଇ ଦେଇଛି । ହେଲେ ଦୀର୍ଘବର୍ଷ ହେବ ଏଠାରେ କଂଗ୍ରେସର ରାଜୁତି ଥିଲା ବେଳେ ବର୍ତ୍ତମାନ ପରିପ୍ରେକ୍ଷୀରେ ଫଳାଫଳ କେଉଁ ଆଡକୁ ଯିବ ତାକୁ ନେଇ ମଧ୍ୟ ସଂଶୟରେ ରହିଛି ରାଜ୍ୟ କଂଗ୍ରେସ ।

### ଦେଇଥିଲେ ...

ଭାରତୀୟ ରେଳବାଇ ପାଖରେ ପର୍ଯ୍ୟାପ୍ତ ୱାଗନ୍ ନିର୍ମାଣ କ୍ଷମତା ଥିବାରୁ ଏହି ପ୍ରକଳ୍ପର ଆଉ ଆବଶ୍ୟକତା ନାହିଁ ବୋଲି କୁହାଯାଇଛି । ୨୦୧୧-୧୨ ରେଳ ବଜେଟ୍‌ରେ ତତ୍କାଳୀନ ରେଳମନ୍ତ୍ରୀ ମମତା ବାନାର୍ଜୀ ଏହି ପ୍ରକଳ୍ପ ଘୋଷଣା କରିଥିଲେ । ତା'ପରଠାରୁ ଏହି ପ୍ରକଳ୍ପ ନେଇ ସବୁ ବର୍ଷ କେନ୍ଦ୍ର ସରକାର କିଛିକିଛି ଟୋକନ ମନି ଘୋଷଣା କରିଆସୁଥିଲେ । ମାତ୍ର ଏବେ ଦିଆଯାଇଥିବା ତଥ୍ୟ ଅନୁସାରେ ସମ୍ପୃକ୍ତ ପ୍ରକଳ୍ପ ହେବାର ସମ୍ଭାବନାକୁ କେନ୍ଦ୍ର ସରକାର ସମ୍ପୂର୍ଣ୍ଣ ଭାବରେ ଖାରଜ କରିଦେଇଛନ୍ତି । ପୂର୍ବରୁ କଳାହାଣ୍ଡିର ନର୍ଲାଠାରେ ପ୍ରସ୍ତାବିତ ରେଳଡବା ମରାମତି କାରଖାନାକୁ ବିଶାଖାପାଟଣା ସ୍ଥାନାନ୍ତର କରିଦିଆଯାଇଛି । ଆର୍ଥିକ ଦୃଷ୍ଟିକୋଣରୁ ଲାଭ ଦେବାର ସମ୍ଭାବନା ନଥିବାରୁ ପ୍ରକଳ୍ପକୁ ବିଶାଖାପାଟଣା ସ୍ଥାନାନ୍ତର କରାଯାଇଥିବା କେନ୍ଦ୍ର ସରକାରଙ୍କ ପକ୍ଷରୁ କୁହାଯାଇଥିଲା । ଏନେଇ ଅନୁଧ୍ୟାନ କରିବା ପାଇଁ ସେତେବେଳେ ଏକ କମିଟି ମଧ୍ୟ ଗଠନ କରାଯାଇଥିଲା । କମିଟିର ରିପୋର୍ଟ ଅନୁସାରେ ନର୍ଲା ରେଳଡବା ମରାମତି କାରଖାନାକୁ ସ୍ଥାନାନ୍ତର କରାଯାଇଥିବା କେନ୍ଦ୍ର ସରକାର ସଫେଇ ଦେଇଥିଲେ । ବର୍ତ୍ତମାନ ଆର୍‌ଟିଆଇ ସୂତ୍ରରୁ ମିଳିଥିବା ତଥ୍ୟ ଅନୁସାରେ ପୂର୍ବତଟ ରେଳବାଇ ଅଧୀନରେ ଆଉ କୌଣସି ୱାଗନ୍ ତିଆରି କାରଖାନାର ପ୍ରସ୍ତାବ ନଥିବା ରେଳବାଇ ସ୍ପଷ୍ଟ କରିଛି ।

### ଲୋକଙ୍କ ବିଶ୍ୱାସ ...

ପୋଲିସ ନିଜ ଚେଷ୍ଟା ଜାରି ରଖିବା ଉଚିତ୍ ବୋଲି ସେ କହିଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ବରିଷ୍ଠ ନାଗରିକଙ୍କ ପାଇଁ ଏକ ୱେବ୍ ଆପ୍ଲିକେସନ 'ଆପ୍' ସହିତ ଅନ୍‌ଲାଇନ ପଞ୍ଜୀକରଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଏଥିସହିତ ବରିଷ୍ଠ ନାଗରିକଙ୍କ ପାଇଁ ଲିଫଲେଟ୍, ନୋଡାଲ ଅଫିସରଙ୍କ ଲାଗି ପୁସ୍ତିକାର ମଧ୍ୟ ଉନ୍ମୋଚନ କରିଥିଲେ । ୪ଜଣ ବରିଷ୍ଠ ନାଗରିକଙ୍କୁ ମୁଖ୍ୟମନ୍ତ୍ରୀ ପରିଚୟ ପତ୍ର ପ୍ରଦାନ କରିବା ସହ ବରିଷ୍ଠ ନାଗରିକଙ୍କ ପାଇଁ ଆୟୋଜିତ ଏକ ସ୍ୱାସ୍ଥ୍ୟ କ୍ୟାମ୍ପ୍‌ର ଉଦ୍‌ଘାଟନ ମଧ୍ୟ କରିଥିଲେ । କଟକ ଓ ଭୁବନେଶ୍ୱରରୁ ୯୫୮ଜଣ ବରିଷ୍ଠ ନାଗରିକ ଉତ୍ସବରେ ଯୋଗ ଦେଇଥିଲେ । ଏଯାବତ୍ ପୋଲିସ ଭୁବନେଶ୍ୱରରୁ ୬୮୩୬ ବରିଷ୍ଠ ନାଗରିକଙ୍କ ନାମ ପଞ୍ଜୀକରଣ କରିସାରିଥିବାବେଳେ କଟକରୁ ୪୪୯୯ଜଣ ବରିଷ୍ଠ ନାଗରିକଙ୍କ ନାମ ପଞ୍ଜୀକରଣ କରିଛି । ଉତ୍ସବରେ ପୋଲିସ ଡିଜି ରାଜେନ୍ଦ୍ର ପ୍ରସାଦ ଶର୍ମା, ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ସଚିବ ଅସିତ କୁମାର ତ୍ରିପାଠୀ, ପୋଲିସ କମିଶନର ଯୋଗେଶ ବାହାଦୁର ଖୁରାନିଆ, ଅତିରିକ୍ତ ପୋଲିସ କମିଶନର ପିଏସ୍ ରଣପିସେ, ଭୁବନେଶ୍ୱର ଡିସିପି ସତ୍ୟବ୍ରତ ଭୋଇ, କଟକ ଡିସିପି ଅଖିଳେଶ ସିଂ ପ୍ରମୁଖ ଉପସ୍ଥିତ ଥିଲେ ।

### ଚାଷୀଙ୍କୁ ...

ଇନ୍‌ପୁଟ୍ ସବ୍‌ସିଡି ମଧ୍ୟରୁ ମାତ୍ର ୮୨ କୋଟି ଟଙ୍କା ବଣ୍ଟନ ହୋଇଛି । ଚକଡ଼ା ପୋକରେ ୨୪ଟି ଜିଲ୍ଲାର ୧ଲକ୍ଷ ୨୮ହଜାର ହେକ୍ଟର ଧାନ ଫସଲ ନଷ୍ଟ ହୋଇଥିଲା । ତେବେ ଅଦିନିଆ ବର୍ଷାରେ ନଷ୍ଟ ହୋଇଥିବା ୪ଲକ୍ଷ ୭ହଜାର ହେକ୍ଟର ଧାନ ଜମି ପାଇଁ ନଭେମ୍ବର ୩୦ତାରିଖରେ ଘୋଷିତ ୩୬୪.୭୬ କୋଟି ଟଙ୍କା ମଧ୍ୟରୁ ମାତ୍ର ୧୮ କୋଟି ଟଙ୍କା ବଣ୍ଟନ ହୋଇପାରିଛି । ସେହିପରି ଲଘୁଚାପ ବର୍ଷାରେ କ୍ଷତିଗ୍ରସ୍ତ ୩ଟି ଜିଲ୍ଲାରେ ୧୦,୮୫୪ ହେକ୍ଟର ଜମି ପାଇଁ ସାଢ଼େ ୯କୋଟି ଟଙ୍କା ଇନ୍‌ପୁଟ୍ ସବ୍‌ସିଡି ଘୋଷଣା ହୋଇଛି । କିନ୍ତୁ ଏଥିରୁ ଏପର୍ଯ୍ୟନ୍ତ ଟଙ୍କାଟିଏ ମଧ୍ୟ ବଣ୍ଟନ ହୋଇପାରିନଥିବା ଜଣାପଡ଼ିଛି । ତେବେ ଅନ୍ୟପକ୍ଷରେ ଚକଡ଼ା ପୋକ ସଂକ୍ରମିତ ଅଞ୍ଚଳ ପରିଦର୍ଶନ ପାଇଁ କେନ୍ଦ୍ର କୃଷି ରାଷ୍ଟ୍ରମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତ୍ ନଭେମ୍ବର ମାସରେ ଓଡ଼ିଶା ଗସ୍ତରେ ଆସିଥିବାବେଳେ ରାଜ୍ୟ ସରକାର ତାଙ୍କୁ ଚାଷୀଙ୍କ ସମସ୍ୟାର ନିରାକରଣ ନିମନ୍ତେ ୧୩୭୫ କୋଟି ଟଙ୍କାର ମଧ୍ୟବର୍ତ୍ତୀ ସହାୟତା ଦେବାକୁ ଏକ ସ୍ମାରକପତ୍ର ଦେଇଥିଲେ । ଏହା ସହିତ କୃଷି ଋଣ ଉପରେ ସୁଧ ହାର ହ୍ରାସ, ଏସ୍‌ଡିଆରଏଫ୍/ଏନ୍‌ଡିଆରଏଫ୍ ନିୟମକୁ କୋହଳ କରି ଅଚଳ ଉଠାଜଳସେଚନ ପଏଣ୍ଟ ମରାମତି ନିମନ୍ତେ ଓଡ଼ିଶା ଅନୁମତି ଲୋଡ଼ିଥିଲା । କିନ୍ତୁ ଆଜି ଲୋକସଭାରେ ସାଂସଦ ରାମଚନ୍ଦ୍ର ହାଁସଦାଙ୍କ ଏକ ପ୍ରଶ୍ନର ଲିଖିତ ଉତ୍ତରରେ କେନ୍ଦ୍ର ଗୃହ ରାଷ୍ଟ୍ରମନ୍ତ୍ରୀ କିରେନ୍ ରିଜିଜୁ କହିଛନ୍ତି ଯେ ପ୍ରାକୃତିକ ବିପର୍ଯ୍ୟୟ(ବାତ୍ୟା, ବାଦଲ ଫାଟିବା, ମରୁଡ଼ି, ଭୂମିକମ୍ପ, ସୁନାମି, ବନ୍ୟା, ଅତଡ଼ା ଧସିବା, ଅଗ୍ନିକାଣ୍ଡ, ପୋକ ସଂକ୍ରମଣ ଆଦି)ରେ ଯଦି ୩୩ ପ୍ରତିଶତରୁ ଉର୍ଦ୍ଧ୍ୱ ଫସଲ ନଷ୍ଟ ହୋଇଥିବ ତା'ହେଲେ ଏସବୁ ପାଇଁ ଏସ୍‌ଡିଆର୍‌ଏଫ୍/ଏନ୍‌ଡିଆର୍‌ଏଫ୍ ପାଣ୍ଠିରୁ ସହାୟତା ଯୋଗାଇ ଦିଆଯିବ । ତେବେ ୨୦୧୭-୧୮ ଆର୍ଥିକ ବର୍ଷରେ ୧୪ଟି ରାଜ୍ୟର ସରକାର ଏସବୁ ପ୍ରାକୃତିକ ବିପର୍ଯ୍ୟୟରେ ନଷ୍ଟ ହୋଇଥିବା ଫସଲ ପାଇଁ ସ୍ମାରକପତ୍ର ଦେଇଛନ୍ତି । ଯେଉଁଥିରେ ଓଡ଼ିଶା ସାମିଲ ନାହିଁ । ରାଜ୍ୟର ସ୍ମାରକପତ୍ର ଆଧାରରେ କେନ୍ଦ୍ର ସରକାର ଫସଲ କ୍ଷୟକ୍ଷତି ଆକଳନ ପାଇଁ ଆନ୍ତଃ-ମନ୍ତ୍ରଣାଳୟ କେନ୍ଦ୍ରୀୟ କମିଟି ଗଠନ କରିଛନ୍ତି ।

### ଅଟକିଗଲା ...

ପୂର୍ବରୁ ଅର୍ଥମନ୍ତ୍ରୀ ଜେଟ୍‌ଲୀଙ୍କ ଏହା ହେବ ଶେଷ ପୂର୍ଣ୍ଣାଙ୍ଗ ବଜେଟ୍ । ସଂସଦୀୟ ବ୍ୟାପାର ମନ୍ତ୍ରୀ ଅନନ୍ତ କୁମାର କହିଛନ୍ତି, ବଜେଟ୍ ଅଧିବେଶନର କାର୍ଯ୍ୟସୂଚୀ ସଂସଦୀୟ ବ୍ୟାପାର ସମ୍ପର୍କିତ କ୍ୟାବିନେଟ୍ କମିଟି (ସିସିପିଏ) ସୁପାରିସ୍ କରିଛି । ସ୍ୱରାଷ୍ଟ୍ର ମନ୍ତ୍ରୀ ରାଜନାଥ ସିଂହଙ୍କ ନେତୃତ୍ୱରେ ସିସିପିଏ ବୈଠକ ବସି ଏହି ତାରିଖ ସୁପାରିସ୍ କରାଯାଇଛି । ଏହାକୁ ରାଷ୍ଟ୍ରପତିଙ୍କ ଅନୁମୋଦନ ପାଇଁ ପଠାଯିବ । ତେବେ ସୁପାରିସ୍ ଅନୁଯାୟୀ ବଜେଟ୍ ଅଧିବେଶନ ଆରମ୍ଭ ହେବା ଦିନ (ଜାନୁଆରୀ ୨୯ରେ) ରାଷ୍ଟ୍ରପତି ରାମନାଥ କୋବିନ୍ଦ ଲୋକସଭା ଓ ରାଜ୍ୟସଭାର ମିଳିତ ବୈଠକକୁ ସମ୍ବୋଧନ କରିବେ । ସେହିଦିନ ଅର୍ଥନୈତିକ ସର୍ଭେ ରିପୋର୍ଟ ସଂସଦରେ ଉପସ୍ଥାପନ କରାଯିବ । ଫେବୃଆରୀ ୯ରେ ଅଧିବେଶନର ପ୍ରଥମ ଭାଗ ଶେଷହେବ । ବଜେଟ୍ ଅଧିବେଶନର ଦ୍ୱିତୀୟ ଭାଗ ମାର୍ଚ୍ଚ ୫ରୁ ଆରମ୍ଭ ହୋଇ ଏପ୍ରିଲ୍ ୬ ପର୍ଯ୍ୟନ୍ତ ଚାଲିବ । ଗତବର୍ଷ ପ୍ରଥମଥର ପାଇଁ କେନ୍ଦ୍ରୀୟ ବଜେଟ୍ ଫେବୃଆରୀ ୧ରେ ସଂସଦରେ ଉପସ୍ଥାପନ କରାଯାଇଥିଲା । ପୂର୍ବରୁ ଫେବୃଆରୀ ଶେଷରେ ବଜେଟ୍ ଉପସ୍ଥାପନ କରାଯିବାର ପରମ୍ପରା ଥିବାରୁ ଏହାକୁ କେତେକ ମହଲରେ ବିରୋଧ କରାଯିବା ସତ୍ତ୍ୱେ ସରକାର ନିଜ ନିଷ୍ପତ୍ତିରେ ଅଟଳ ରହିଥିଲେ । କେବଳ ସେତିକି ନୁହେଁ, ସରକାର ମଧ୍ୟ ଗତବର୍ଷ ପରମ୍ପରା ଭାଙ୍ଗି ସାଧାରଣ ବଜେଟ୍ ସହ ରେଳ ବଜେଟ୍ ମଧ୍ୟ ଉପସ୍ଥାପନ କରିଥିଲେ । ପୂର୍ବରୁ ପୃଥକ ଭାବେ ରେଳ ଓ ସାଧାରଣ ବଜେଟ୍ ଆଗତ ହେଉଥିଲା । ସଂସଦର ସ୍ୱଳ୍ପକାଳୀନ ଶୀତ ଅଧିବେଶନ ଶେଷ ହୋଇଛି । ଉଭୟ ସଦନକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ଘୋଷଣା କରାଯାଇଛି । ଗତ ଡିସେମ୍ବର ୧୫ରୁ ଆରମ୍ଭ ହୋଇଥିବା ଏହି ଅଧିବେଶନରେ ୧୩ ଦିନିଆ ବୈଠକରେ ୧୨ଟି ବିଲ୍ ପାସ୍ ହୋଇଥିଲା ବେଳେ ଗୁରୁତ୍ୱପୂର୍ଣ୍ଣ ତିନି ତଲାକ୍ ବିଲ୍ ରାଜ୍ୟସଭାରେ ଅଟକି ରହିଛି । ଲୋକସଭାରେ କଂଗ୍ରେସ ସମର୍ଥନରେ ଏହି ବିଲ୍ ପାସ୍ ହୋଇଥିଲା ବେଳେ ରାଜ୍ୟସଭାରେ କଂଗ୍ରେସ ସମେତ କେତେକ ବିରୋଧୀ ଦଳ ବିଲ୍‌କୁ ସିଲେକ୍ଟ କମିଟିକୁ ପଠାଯିବାକୁ ଅଡ଼ିବସିବାରୁ ଏହା ପାସ୍ ହୋଇପାରି ନାହିଁ । ସରକାର ମଧ୍ୟ ବିରୋଧୀ ଦଳଗୁଡ଼ିକର ଚାପ ଓ ଦାବି ଆଗରେ ମୁଣ୍ଡ ନ ନୂଆଁଇବାରୁ ତିନି ତଲାକ୍ ବିଲ୍ ପାସ୍ ହୋଇପାରି ନାହିଁ । ଏହି ପରିପ୍ରେକ୍ଷୀରେ ଆଇନ ମନ୍ତ୍ରୀ ରବିଶଙ୍କର ପ୍ରସାଦ କଂଗ୍ରେସକୁ ଦୋଷାରୋପ କରିଛନ୍ତି । ସେ କହିଛନ୍ତି, ଲୋକସଭାରେ ସମର୍ଥନ ଦେଇ ରାଜ୍ୟସଭାରେ ସମର୍ଥନ ନ ଦେବା ପଛରେ କଂଗ୍ରେସର ଭୋଟ୍ ବ୍ୟାଙ୍କ୍ ରାଜନୀତି ସ୍ପଷ୍ଟ ହୋଇଯାଇଛି । ଏହି ବିରୋଧୀ ଦଳ ଭୋଟ୍ ବ୍ୟାଙ୍କ ଉଦ୍ଦେଶ୍ୟରେ ଲିଙ୍ଗଗତ ବୈଷମ୍ୟ ଦୂର କରିବାକୁ ଚାହୁଁନାହିଁ ବୋଲି ସେ ଆରୋପ କରିଛନ୍ତି । ଯେହେତୁ ଶୀତ ଅଧିବେଶନ ସମୟରେ କେନ୍ଦ୍ର ସରକାର ଐତିହାସିକ ତିନି ତଲାକ୍ ବିଲ୍ ରାଜ୍ୟସଭାରେ ପାସ୍ କରାଇ ପାରି ନାହାନ୍ତି, ତେଣୁ ବଜେଟ୍ ଅଧିବେଶନ ସମୟରେ ଏହାକୁ ପୁଣି ଗୃହରେ ଉପସ୍ଥାପନ କରିଯିବ ବୋଲି ଜଣାପଡ଼ିଛି ।

### ମହାନଦୀକୁ...

ଏନ୍‌ଡିଏ ସରକାର ଅମଳରେ ଓଡ଼ିଶାରେ ପୂର୍ବାପେକ୍ଷା ଯଥେଷ୍ଟ ଅଧିକ ଅର୍ଥ ବିନିଯୋଗ କରାଯାଇଛି । ଏଣୁ ରାଜ୍ୟକୁ କେନ୍ଦ୍ର ଅବହେଳା କରୁଛି ବୋଲି ବିଚାର କରିବା ଉଚିତ୍ ନୁହେଁ । ଏକ୍ଷେତ୍ରରେ ରାଜନୀତିରୁ ଉର୍ଦ୍ଧ୍ୱରେ ରହି ଏହି ଜଳ ବିବାଦର ଆପୋସ ସମାଧାନ ଦିଗରେ ଉଦ୍ୟମ ହେବା ଉଚିତ ବୋଲି ଶ୍ରୀ ଗଡକରୀ କହିଥିଲେ । ଟ୍ରିବ୍ୟୁନାଲ୍ ଗଠନ ସଂକ୍ରାନ୍ତ ରାଜ୍ୟର ଦାବି ସଂପର୍କରେ ସେ କହିଛନ୍ତି, ଏନେଇ ଦାବି କରିବା କିମ୍ବା ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହେବାପାଇଁ ଓଡ଼ିଶାର ଅଧିକାର ରହିଛି । ବିଜେଡି ସାଂସଦ ନଗେନ୍ଦ୍ର ପ୍ରଧାନଙ୍କ ମୂଳ ପ୍ରଶ୍ନର ଉତ୍ତର ଦେଇ ସେ ଆହୁରି ମଧ୍ୟ କହିଥିଲେ ଯେ ମହାନଦୀ ପ୍ରସଙ୍ଗରେ ଟ୍ରିବ୍ୟୁନାଲ୍ ଗଠନ କରାଗଲେ ସୁଦ୍ଧା ଏହା କେନ୍ଦ୍ର ସରକାର ଗଠନ କରିବାକୁ ଯାଉଥିବା ଏକକ ଟ୍ରିବ୍ୟୁନାଲ୍‌ରେ ବିଲୀନ ହେବ । ଦେଶର ସମସ୍ତ ଜଳ ବିବାଦର ସମାଧାନ ପାଇଁ କେନ୍ଦ୍ର ସରକାର ଏକ ଏକକ ଟ୍ରିବ୍ୟୁନାଲ୍ ଗଠନ କରିବାକୁ ଯାଉଛନ୍ତି । ଏହା କରାଗଲେ ସମସ୍ତ ବିବାଦର ସମାଧାନ ତିନି ବର୍ଷ ମଧ୍ୟରେ ହେବ । ତେବେ ଏଥିପାଇଁ ଆଉ କିଛି ମାସ ସମୟ ଲାଗିବ । ତିନିମାସ ମଧ୍ୟରେ ଏହି ଟ୍ରିବ୍ୟୁନାଲ୍ ଗଠନ କରାଯିବ ବୋଲି କେନ୍ଦ୍ରମନ୍ତ୍ରୀ ନୀତୀନ ଗଡକରୀ ସୂଚନା ଦେଇଛନ୍ତି । ସେ ଆହୁରି ମଧ୍ୟ କହିଛନ୍ତି ଯେ ଜଳ ବିବାଦ ନେଇ ଗଠିତ ହୋଇଥିବା ପୂର୍ବ ଟ୍ରିବ୍ୟୁନାଲ୍‌ଗୁଡ଼ିକରେ ବିବାଦର ସମାଧାନ ନେଇ ଲମ୍ବା ସମୟ ଲାଗୁଛି । ଅତୀତରେ ୨୦/୩୦ ବର୍ଷ ପରେ ଫଇସଲା ହେଉଥିବା ନଜିର ରହିଛି । ତେଣୁ ମହାନଦୀ ନେଇ ସ୍ୱତନ୍ତ୍ର ଟ୍ରିବ୍ୟୁନାଲ୍ ଗଠନ କରାଗଲେ ବିଶେଷ ବା ତ୍ୱରିତ ଲାଭ ମିଳିବ ନାହିଁ । ତେବେ ଅଣମୌସୁମୀ ସମୟରେ ମହାନଦୀରେ ଜଳାଭାବକୁ କେନ୍ଦ୍ରମନ୍ତ୍ରୀ ସ୍ୱୀକାର କରିଛନ୍ତି । ଉଭୟ ଓଡ଼ିଶା ଓ ଛତିଶଗଡ଼ ସରକାର ବର୍ଷାଦିନେ ମହାନଦୀର ଜଳ ସଂରକ୍ଷଣ ପାଇଁ ପ୍ରକଳ୍ପ ନିର୍ମାଣ କରନ୍ତୁ ବୋଲି ମଧ୍ୟ ସେ ପରାମର୍ଶ ଦେଇଛନ୍ତି । ଏଥିପାଇଁ ଦରକାର ପଡ଼ିଲେ କେନ୍ଦ୍ର ସରକାର ଆର୍ଥିକ ସହାୟତା ଯୋଗାଇ ଦେବାକୁ ପ୍ରସ୍ତୁତ ଅଛନ୍ତି ବୋଲି ଶ୍ରୀ ଗଡକରୀ କହିଛନ୍ତି । ଗୁରୁବାର ପ୍ରଶ୍ନକାଳରେ ନଗେନ୍ଦ୍ର ପ୍ରଧାନଙ୍କ ସହିତ ଲୋକସଭାରେ ବିଜେଡି ସଂସଦୀୟ ଦଳ ନେତା ଭର୍ତ୍ତୃହରି ମହତାବ, ବିଜେଡି ସାଂସଦ କଳିକେଶ ନାରାୟଣ ସିଂହଦେଓ ଓ ପୂର୍ବତନ କେନ୍ଦ୍ର ଜଳସଂପଦ ମନ୍ତ୍ରୀ ତଥା ବିଜେଡି ସାଂସଦ ଅର୍ଜୁନ ଚରଣ ସେଠୀ ଅତିରିକ୍ତ ପ୍ରଶ୍ନ ପଚାରିଥିଲେ । ଟ୍ରିବ୍ୟୁନାଲ୍ ଗଠନ ନେଇ କେନ୍ଦ୍ର ସରକାର ବିଳମ୍ବ କରୁଥିବାରୁ ଏମାନେ ଗଭୀର ଅସନ୍ତୋଷ ପ୍ରକାଶ କରିଥିଲେ । ସେହିପରି ଆନ୍ତଃରାଜ୍ୟ ଜଳ ବିବାଦ ଆଇନ୍ ଅନୁସାରେ ଏକବର୍ଷ ମଧ୍ୟରେ ଟ୍ରିବ୍ୟୁନାଲ୍ ଗଠନ କରାଯିବାର ନିୟମ ରହିଥିଲେ ସୁଦ୍ଧା କେନ୍ଦ୍ର ସରକାର ଜାଣିଶୁଣି ଛତିଶଗଡ଼କୁ ସହାୟତା କରିବା ପାଇଁ ଏହାର ଉଲ୍ଲଙ୍ଘନ କରୁଛନ୍ତି ବୋଲି ସାଂସଦ ଭର୍ତ୍ତୃହରି ମହାତାବ ଓ କଳିକେଶ ନାରାୟଣ ସିଂହଦେଓ ଅଭିଯୋଗ କରିଥିଲେ । ବରିଷ୍ଠ ବିଜେଡି ସାଂସଦ ଅର୍ଜୁନ ଚରଣ ସେଠୀ ମହାନଦୀ ଟ୍ରିବ୍ୟୁନାଲ୍ କେବେ ଗଠିତ ହେବ, ସେ ସଂପର୍କରେ କେନ୍ଦ୍ର ସରକାର ନିର୍ଦ୍ଦିଷ୍ଟ ସୂଚନା ଦେବାକୁ ଦାବି କରିଥିଲେ । ଏହାର ଉତ୍ତରରେ ଶ୍ରୀ ଗଡକରୀ କହିଥିଲେ, ସମସ୍ତ ନଦୀଜଳ ବିବାଦର ସମାଧାନ ନିମନ୍ତେ ପ୍ରସ୍ତାବିତ ଏକକ ଟ୍ରିବ୍ୟୁନାଲ୍ ସଂକ୍ରାନ୍ତ ପ୍ରସ୍ତାବ ସଂପ୍ରତି କେନ୍ଦ୍ର ଆଇନ୍ ମନ୍ତ୍ରଣାଳୟରେ ସମୀକ୍ଷା କରାଯାଉଛି । ଏହା ଆସନ୍ତା ୩ ମାସ ମଧ୍ୟରେ ଚୂଡ଼ାନ୍ତ ରୂପ ନେବାର ସମ୍ଭାବନା ରହିଛି ବୋଲି ସେ କହିଥିଲେ । ଏ ସଂପର୍କରେ ବିଜେଡି ସାଂସଦ ନଗେନ୍ଦ୍ର ପ୍ରଧାନଙ୍କ ଦ୍ୱାରା ଉଠାଯାଇଥିବା ପ୍ରଶ୍ନର ଲିଖିତ ଉତ୍ତରରେ କେନ୍ଦ୍ର ଜଳସଂପଦ ମନ୍ତ୍ରୀ କହିଛନ୍ତି, ଛତିଶଗଡ଼ରେ ନିର୍ମିତ ହୋଇଥିବା ୬ଟି ବ୍ୟାରେଜ୍ ୨ ହଜାର ହେକ୍ଟର୍ ଜମିରେ ଜଳ ସେଚନ ପାଇଁ ଉଦ୍ଦିଷ୍ଟ ଥିବାରୁ ଏଥିପାଇଁ କେନ୍ଦ୍ର ସରକାରଙ୍କ ପୂର୍ବ ଅନୁମତି ଆବଶ୍ୟକ ନଥିଲା । ଓଡ଼ିଶା ମଧ୍ୟ ଅନୁରୂପ ପ୍ରକଳ୍ପ ପାଇଁ କେନ୍ଦ୍ରର ପୂର୍ବାନୁମୋଦନ ନେଇ ନାହିଁ । ବିବାଦର ସମାଧାନ ନିମନ୍ତେ ଗଠିତ କମିଟିରେ ଛତିଶଗଡ଼ ସମସ୍ତ ତଥ୍ୟ ଉପସ୍ଥାପନ କରିଥିଲେ ସୁଦ୍ଧା ଓଡ଼ିଶା ଏହାର ୩ଟି ବୈଠକରେ ଉପସ୍ଥିତ ରହିନଥିଲା କିମ୍ବା ନିଜ ପକ୍ଷରୁ କୌଣସି ତଥ୍ୟ ଦେଇନଥିଲା । ସେହିପରି ଓଡ଼ିଶା ସରକାର ଏନେଇ ସୁପ୍ରିମକୋର୍ଟରେ କରିଥିବା ଆବେଦନର ବିଚାର ଜାରି ରହିଛି । ଆସନ୍ତା ୧୬ ତାରିଖରେ ଏନେଇ ପରବର୍ତ୍ତୀ ଶୁଣାଣି ହେବ । ତେଣୁ କୋର୍ଟ କଣ ନିଷ୍ପତ୍ତି ନେଉଛନ୍ତି ତାକୁ ଅପେକ୍ଷା କରାଯାଇଛି ।

### ବିଡିଏ ଦେବ ...

କରି ଏହି ଅନୁମତି ପ୍ରଦାନ କରିପାରିବେ ବୋଲି କେନ୍ଦ୍ର ପରିବେଶ ମନ୍ତ୍ରାଳୟ କହିଛି । ୫୦୦୦ ବର୍ଗଫୁଟର ଗୃହ ନିର୍ମାଣ କ୍ଷେତ୍ରରେ ନିଜସ୍ୱ ଘୋଷଣାନାମା ଦେବାକୁ କୁହାଯାଇଛି । ନୂଆ ଗାଇଡ୍‌ଲାଇନ୍‌ରେ ଗୃହ ନିର୍ମାଣ ପାଇଁ ସ୍ୱତନ୍ତ୍ର ପରିବେଶ ବିଶେଷଜ୍ଞ କିମ୍ବା ସ୍ଥାନୀୟ ପ୍ରଶାସନର ପରିବେଶ ବିଭାଗ ଠାରୁ ପ୍ରମାଣପତ୍ର ହାସଲ କରିବାକୁ କୁହାଯାଇଛି । ୨୦ହଜାର ବର୍ଗ ମିଟର ତଳକୁ ଗୃହ ନିର୍ମାଣ ଅନୁମତି ପାଇଁ ଅନ୍‌ଲାଇନ୍‌ରେ ଆବେଦନ କରିବାକୁ ହେବ । ପରିବେଶ ଅନୁମତି ପାଇଁ ଅଲଗା ଆକାଉଣ୍ଟରେ ଦେୟ ଦେବାକୁ ହେବ । ଉନ୍ନୟନ କର୍ତ୍ତୃପକ୍ଷଙ୍କ ପରିବେଶ ସେଲ୍ ଆବେଦନର ଯାଞ୍ଚ କରିବା ସହିତ ଉପାଧ୍ୟକ୍ଷଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି ବୈଠକରେ ମଧ୍ୟ ଉପସ୍ଥିତ ରହିବେ । ପରିବେଶ ସେଲ୍‌ର ଅନୁମତି ପରେ ଉନ୍ନୟନ କର୍ତ୍ତୃପକ୍ଷ ଗୃହ ନିର୍ମାଣ ପାଇଁ ଅନୁମତି ପ୍ରଦାନ କରିପାରିବେ । ଗୃହ ନିର୍ମାଣ କ୍ଷେତ୍ରରେ ପାରମ୍ପରିକ ବିଦ୍ୟୁତ ଶକ୍ତି ସହ ଅକ୍ଷୟ ଶକ୍ତିର ବ୍ୟବହାରକୁ ଗୁରୁତ୍ୱ ଦିଆଯାଇଛି । ଜଳର ଉପଯୁକ୍ତ ବ୍ୟବହାର ଓ ସ୍ୱେରେଜ ପରିଚାଳନା ନିରୀକ୍ଷଣ କରିବାକୁ କୁହାଯାଇଛି । ନିଜସ୍ୱ କମ୍ପୋଷ୍ଟ ନିର୍ମାଣ ପାଇଁ ନିର୍ଦ୍ଦେଶ ସହ ବିଲ୍ଡିଂ ପରିସରରେ ୨୦ ପ୍ରତିଶତ ଅଞ୍ଚଳରେ ଗଛ ଲଗାଇବାକୁ ମଧ୍ୟ କୁହାଯାଇଛି । ଗୃହ ନିର୍ମାଣ ପରେ ମଧ୍ୟ ପରିବେଶ ସେଲ୍ ବିଭିନ୍ନ ସମୟରେ ଅଚାନକ ଯାଞ୍ଚ କରିବାକୁ ନିର୍ଦ୍ଦେଶ ରହିଛି । ସୂଚନାଯୋଗ୍ୟ, ପୁରୁଣା ଭୁବନେଶ୍ୱର ଭଳି ଐତିହ୍ୟପୂର୍ଣ୍ଣ ଅଞ୍ଚଳର ନିର୍ମାଣ ହେବାକୁ ଥିବା ସମସ୍ତ ସରକାରୀ କୋଠା ଓ ଆପାର୍ଟମେଣ୍ଟ ଐତିହ୍ୟ ଜୋନ୍ ପରିସରଭୁକ୍ତ କରିବା, ସମସ୍ତ ଅଟ୍ଟାଳିକାରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା କରିବା, ଦିବ୍ୟାଙ୍ଗମାନଙ୍କ ପାଇଁ ର୍‍ୟାମ୍ପ୍ ନିର୍ମାଣ କରିବା ଭଳି ଅନେକଗୁଡ଼ିକ ନିୟମକୁ ବିଡିଏ ଗତବର୍ଷ ପ୍ରଣୟନ କରିସାରିଛି । ବିଶେଷ କରି ପ୍ରତ୍ୟେକ ଆବାସିକ ଅଞ୍ଚଳରେ ପାର୍କିଂ ବ୍ୟବସ୍ଥା କରିବାକୁ ଗୁରୁତ୍ୱ ଦିଆଯାଇଛି । ନିର୍ମାଣ ହେବାକୁ ଥିବା ଟାଉନ୍‌ଶିପ୍‌ରେ ଗରିବଙ୍କ ପାଇଁ ଆବାସ ଯୋଜନା, ପିଲାଙ୍କ ମନୋରଞ୍ଜନ ପାଇଁ ପାର୍କ ରହିବା ସହିତ ସବୁଜ ବଳୟ ସୃଷ୍ଟି ଆଦି କେନ୍ଦ୍ର ସରକାରଙ୍କ ଗାଇଡଲାଇନ୍ ଅନୁଯାୟୀ ଜାରି ରହିଛି ବୋଲି ବିଡିଏ ଅଧିକାରୀ କହିଛନ୍ତି ।

**ପଏଁରୀ ତିହାର-୨୦୧୮**

# ‘ଲୋକବାଦ୍ୟ ଓ ଲୋକ ସଂସ୍କୃତି ପଶ୍ଚିମ ଓଡ଼ିଶାର ଏକ ନିଆରା ପରିଚୟ’





**ସୁବର୍ଣ୍ଣପୁର, (ଉଗ୍ରସେନ କର୍ମୀ) :** ତେଲ ନଦୀ ଓ ମହାନଦୀର ସଙ୍ଗମ ସ୍ଥଳରେ ଅବସ୍ଥିତି ସୁବର୍ଣ୍ଣପୁର। ମନ୍ଦିର ମାଳିନ୍ୟ ସୁବର୍ଣ୍ଣପୁର ସହରର କଳା ଓ ସଂସ୍କୃତି ଅତି ମହାନ ବୋଲି ସୁବର୍ଣ୍ଣପୁରରେ ଅନୁଷ୍ଠିତ ଜାତୀୟ ଲୋକନୃତ୍ୟ ଓ ଲୋକକଳା ମହୋତ୍ସବ ‘ପଏଁରୀ ତିହାର-୨୦୧୮’ ସାଂସ୍କୃତିକ କାର୍ଯ୍ୟକ୍ରମର ଉଦ୍‌ଘାଟନୀ ଉତ୍ସବରେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ କିଶୋର ମହାନ୍ତି ମୁଖ୍ୟଅତିଥି ରୂପେ ଯୋଗଦେଇ ମତବ୍ୟକ୍ତ କରିଛନ୍ତି। ୨୦୦୦ ମସିହା ଠାରୁ ଏହି ଅନୁଷ୍ଠାନ ସୁବର୍ଣ୍ଣପୁର ସହରରେ ଆରମ୍ଭ ହୋଇଛି। ଏହାର ପ୍ରତିଷ୍ଠାତା ସଭାପତି ସ୍ୱର୍ଗତ କୁନ୍ଦୁରୁ କୁଶଳ (ପୂର୍ବତନ ବିଧାୟକ)ଙ୍କ ଉଦ୍ୟମ ଯୋଗୁଁ ଆଜକୁ ୧୮ ବର୍ଷରେ ପଦାର୍ପଣ କରିଛି ପଏଁରୀ ଅନୁଷ୍ଠାନ। ରାଜ୍ୟ ସଂସ୍କୃତି ଓ ପର୍ଯ୍ୟଟନ ବିଭାଗ, କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟ, କେନ୍ଦ୍ର ନାଟକ ଏକାଡେମୀ, ଜିଲ୍ଲା ସଂସ୍କୃତି ବିଭାଗର ମିଳିତ ସହଯୋଗରେ ସୁବର୍ଣ୍ଣପୁର ସହରର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ପଏଁରୀ ପକ୍ଷରୁ ଆୟୋଜିତ ଉତ୍ସବରେ ସଙ୍ଗଠନର ସଭାପତି ଲଡୁକିଶୋର ମଲ୍ଲିକ ସଭାପତିତ୍ୱ କରିଥିଲେ। ସମ୍ପାଦକ ଚୌଧୁରୀ ବିଭାଗର ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁବର୍ଣ୍ଣପୁର ଜିଲ୍ଲାପାଳ ଦାଶରଥି ଶତପଥୀ, ଜିଲ୍ଲା ସଂସ୍କୃତି ଅଧିକାରୀ ଅଶୋକ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ମତବ୍ୟକ୍ତ କରିଥିଲେ। ଜାନୁଆରୀ ୧ ତାରିଖ ସକାଳୁ ସହରର ଅଧିଷ୍ଠାତ୍ରୀ ଦେବୀ ମା’ ସୁରେଶ୍ୱରୀଙ୍କ ମନ୍ଦିରରେ ପୂଜାର୍ଚ୍ଚନା କରାଯିବା ପରେ ଜିଲ୍ଲା ତଥା ଜିଲ୍ଲା ବାହାରୁ ଆସିଥିବା ଦୁଲଦୁଲି ବଜା, କରମସାନୀ କୀର୍ତ୍ତନ, ଦଣ୍ଡନୃତ୍ୟ, ବାଡିଖେଳ, ଘୁବକୁଡୁ, ସର୍ବମଙ୍ଗଳା ଆଦି ସାଂସ୍କୃତିକ ଦଳମାନଙ୍କୁ ନେଇ ସାଂସ୍କୃତିକ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ବିଶିଷ୍ଟ ଲୋକ କଳାକାର ବୃନ୍ଦାବନ ନାଏକ, ବିଶିଷ୍ଟ ଦଣ୍ଡକଳାକାର ଗୁରୁ ଗୋକୁଳ ମାଝୀ, କଳାହାଣ୍ଡିର ଲୋକନୃତ୍ୟ କଳାକାର ଧ୍ୟାନାନନ୍ଦ ପଣ୍ଡା ପ୍ରମୁଖଙ୍କୁ ପଏଁର ସମ୍ମାନରେ ସମ୍ମାନିତ କରାଯାଇଥିଲା। ପଏଁରୀ ଅନୁଷ୍ଠାନର ଉପଦେଷ୍ଟା ଅଭିମନ୍ୟୁ କୁଶଳ, ସମାଜସେବୀ ଶ୍ରୀବତ୍ସ ମଲ୍ଲିକ, ସ୍ୱଚ୍ଛ ଭାରତ ଅଭିଯାନର ସୋନପୁର ଶାଖା ସଭାପତି ଲକ୍ଷ୍ମୀନାରାୟଣ ମେହେରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ କିଛି ସାମ୍ବାଦିକଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ମଦନମୋହନ ହୋତା ସ୍ୱାଗତ ଭାଷଣ ଦେଇଥିବା ବେଳେ ବନମାଳୀ ମଲ୍ଲିକ ଧନ୍ୟବାଦ ଦେଇଥିଲେ। ସଭାପରେ ସୋନପୁରର ପଏଁରୀ ଅନୁଷ୍ଠାନ, ସୁର ସଙ୍ଗମ, ଲୋଇସିଂହା ତାପ ଓ ରସର କେଳ ଛତିଶଗଡ଼ର ଲୋକନୃତ୍ୟ ଓ କଲିକତାର ନୁପୁର, ବିହୁ ଲୋକନୃତ୍ୟ, ନେପାଳ ଲୋକନୃତ୍ୟ, ଗିଧା ଲୋକନୃତ୍ୟ ଆଦି ପରିବେଷଣ କରାଯାଇଥିଲା। ପଏଁରୀ ତିହାରର ଦ୍ୱିତୀୟ ସଂଧ୍ୟାରେ ମୁଖ୍ୟଅତିଥି ଭାବେ ସୁବର୍ଣ୍ଣପୁର ଜିଲ୍ଲାପାଳ ଦାଶରଥି ଶତପଥି, ସମ୍ମାନିତ ଅତିଥି ଭଙ୍ଗରେ ଏସ୍‌ପି ପ୍ରଫୁଲ୍ଲ ପାତ୍ର, ଅତିରିକ୍ତ ଜିଲ୍ଲାପାଳ ବିଶ୍ୱନାଥ ବାରିକ, ପିଡିଡିଆରଡିଏ ବିଶ୍ୱନାଥ ସାହୁ ଦୈନିକ ଖବର କାଗଜ ‘ପ୍ରମେୟ’ ସମ୍ବଲପୁର ସଂସ୍କରର ମୁଖ୍ୟ ଶ୍ୱେତ କୁମାର ପ୍ରଧାନ ଅନୁଷ୍ଠାନର ଉପଦେଷ୍ଟା ଅଭିମନ୍ୟୁ କୁଶଳ, ନାଟ୍ୟଶ୍ରୀ ଗଦାଧର ବାରିକ, ସମାଜସେବୀ ଶ୍ରୀବତ୍ସ ମଲ୍ଲିକ ପ୍ରମୁଖ ମଞ୍ଚାସୀନ ଥିଲେ। କଳା ସଂସ୍କୃତିର ବିକାଶ ଦ୍ୱାରା ହିଁ ଅଞ୍ଚଳର ନାଁ ଆଗକୁ ଯାଇପାରିବ ବୋଲି କହି ‘ପଏଁରୀ’ ଭଳି ଅନୁଷ୍ଠାନର ଉଦ୍ୟମକୁ ବେଶ ପ୍ରଶଂସା କରିଥିଲେ ଜିଲ୍ଲାପାଳ। ନିଜସ୍ୱ ସ୍ୱତନ୍ତ୍ର ଲୋକବାଦ୍ୟ ଓ ଲୋକ ସଂସ୍କୃତି ପଶ୍ଚିମ ଓଡ଼ିଶାର ଏକ ନିଆରା ପରିଚୟ ସୃଷ୍ଟି କରିଛି। ସାରା ଦେଶରେ ଏବେ ପଶ୍ଚିମ ଓଡ଼ିଶାର ଏହି ସଂସ୍କୃତି ବେଶ ଲୋକପ୍ରିୟ ହେବାରେ ଲାଗିଛି ବୋଲି ଏସ୍‌ପି ଶ୍ରୀ ପାତ୍ର କହିଥିଲେ। ସୁବର୍ଣ୍ଣପୁର ପୌରାଧ୍ୟକ୍ଷା ସିମନ୍ତିନୀ ନାଏକ ମଧ୍ୟ ଉକ୍ତ ଉତ୍ସବରେ ଯୋଗଦେଇଥିଲେ। ଅଞ୍ଚଳର ଲୋକବାଦ୍ୟ ଓ ଲୋକ ଗୀତର ବିକାଶ ପାଇଁ ଉଦ୍ୟମ ଦରକାର। ଏହାର ମୌଳିକତା ବଜାୟ ରଖି ଏଥିରେ ନୂତନତ୍ୱ ଆଣି ଉପସ୍ଥାପନ କରାଗଲେ ଅଞ୍ଚଳର କଳା ସଂସ୍କୃତି ବିଶ୍ୱବିଦିତ ହୋଇପାରିବ। କଳା ସଂସ୍କଅତି ବଞ୍ଚିଲେ ସାମାଜିକ ବିକାଶରେ ସହାୟକ ହେବ। ଲୋକକଳା ବଞ୍ଚାଇ ରଖିବା ସମସ୍ତଙ୍କ ଗୁରୁଦାୟିତ୍ୱ। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଏଥିପାଇଁ ଆବଶ୍ୟକ ପ୍ରୋତ୍ସାହନ ଯୋଗାଇବା ଆବଶ୍ୟକ ବୋଲି ଅନ୍ୟ ବକ୍ତାଗଣ ମତବ୍ୟକ୍ତ କରିଥିଲେ। ଏହି ଅବସରରେ କୁନି କଳାକାର ମୁସ୍କାନ ମଲ୍ଲିକ, ନାଟ୍ୟଶ୍ରୀ ଗଦାଧର ବାରିକ, କଣ୍ଠଶିଳ୍ପୀ ବୁଲୁ ସୁନାଙ୍କ ସମେତ ବିଭିନ୍ନ ସାମ୍ବାଦିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପଏଁରୀ ତିହାରର ତୃତୀୟ ତଥା ଅନ୍ତିମ ସଂଧ୍ୟାରେ ସୁବର୍ଣ୍ଣପୁର ଅତିରିକ୍ତ ଜିଲ୍ଲାପାଳ ବିଶ୍ୱନାଥ ବାରିକ ମୁଖ୍ୟଅତିଥି, ସୋନପୁର, ବିନିକା, ତରଭା ଓ ବୀରମହାରାଜପୁର ପଞ୍ଚାୟତ ସମିତିର ଅଧ୍ୟକ୍ଷ, ଅଧ୍ୟକ୍ଷା, ପଏଁରୀର ଉପଦେଷ୍ଟା ଅଭିମନ୍ୟୁ କୁଶଳ ଓ ସମାଜସେବୀ ଶ୍ରୀବତ୍ସ ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ। ମନ୍ଦିର ମାଳିନୀ ସୁବର୍ଣ୍ଣପୁର ଜିଲ୍ଲାର କଳା ସଂସ୍କୃତି ଅତି ମହାନ। ଏହି ମାଟିରେ ରହିଛି ବିଶ୍ୱ ବନ୍ଦିତ ସନ୍ଥକବି ଭୀମଭୋଇଙ୍କ ପବିତ୍ର ସମାଧିପୀଠ। ଏଠାରେ ଜଗତରନାଥ ସ୍ୱୟଂ ଜଗନ୍ନାଥ ଦୀର୍ଘ ୧୪୪ ବର୍ଷଧରି ନିଜକୁ ଆତ୍ମଗୋପନ କରିଥିବାରୁ ଏହି ମାଟି ଧନ୍ୟ ହୋଇଛି। ତେଣୁ ନିଜ ମାଟିର କଳା ଓ ସଂସ୍କୃତି ହିଁ ସେହି ଅଞ୍ଚଳ ବ୍ୟକ୍ତିର ଉପଯୁକ୍ତ ପରିଚୟ ପ୍ରଦାନ କରିଥାଏ। ତିନିଦିନ ଧରି ଚାଲିଥିବା ପଏଁରୀ ତିହାରର ସମସ୍ତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ଲଡୁ କିଶୋର ମଲ୍ଲିକ ସଭାପତିତ୍ୱ କରିଥିବା ବେଳେ ସମ୍ପାଦକ ଚୌଧୁରୀ ବିଭାର ସ୍ୱାଗତ ଭାଷର ପ୍ରଦାନ କରିଥିଲେ। ଉପସଭାପତି ପ୍ରଫୁଲ୍ଲ ମଲ୍ଲିକ ଓ ସହ ସମ୍ପାଦକ ପୃଥିରାଜ ବାଗ ସମସ୍ତ ସାଂସ୍କୃତିକ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ସୁଶାନ୍ତ କୁମାର ସାହୁ ପ୍ରତି ସଂଧ୍ୟାରେ ଅନୁଷ୍ଠିତ ଲୋକଗୀତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସଭାପରେ ଲୋକଗୀତ ପରିବେଷଣ ହୋଇଥିଲା। ତିନିଦିନ ଧରି ଚାଲିଥିବା ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କୁ ବିଳମ୍ବିତ ରାତ୍ରୀଯାଏ ବାନ୍ଧି ରଖିଥିଲା।

## ତେଲ ଚୋରି ଅଭିଯୋଗରେ ୨ ଗିରଫ

**ପାରାଦୀପ :** ପାରାଦୀପ ଲକ ଥାନା ଅନ୍ତର୍ଗତ ବରେଇ ଛକ ନିକଟରୁ ତେଲ ଚୋରି ଅଭିଯୋଗରେ ପୋଲିସ ଦୁଇ ଜଣଙ୍କୁ ଗିରଫ କରିଛି। ତେଲ ଟ୍ୟାଙ୍କରରୁ ଏମାନେ ୨୦ ଲିଟର ପେଟ୍ରୋଲ ଓ ୨୦ ଲିଟର ଡିଜେଲ କାଢୁଥିବା ବେଳେ ପୋଲିସ ଏମାନଙ୍କୁ ଗିରଫ କରିଛି। ଏମାନଙ୍କ ଠାରୁ ଚୋରୀ ତେଲ ଜବତ କରିବା ସହ ପ୍ଲାଷ୍ଟିକ ପାଇପ୍, ଜାରକିନ୍ ସହ ସଂପୃକ୍ତ ଗାଡି ଓଆର ୨୧ ବି ୪୪୫୪ କୁ ପୀଲିସ ଜବତ କରିଛି। ଗିରଫ ଅଭିଯୁକ୍ତ ମାନେ ହେଲେ ପ୍ରଶାନ୍ତ ନାଥ ଏବଂ କାନ୍ଦୁରି ପଟ୍ଟନାୟକ। କେଶ ନଂ ୨/୨୦୧୮ ତାରିଖ ୦୪-୦୨-୨୦୧୮ ଦଫା, ୩୭୯/୩୮୧/୪୦୭/୩୪ ଆପିସିରେ ମାମଲା ରୁଜୁ କରି ଏମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ଅଭିଯୁକ୍ତମାନେ ତେଲ କାଢିଲା ସମୟରେ ପୋଲିସ ଧରିଥିବା ଜଣାପଡିଛି। ଟ୍ୟାଙ୍କର ଯୋଗେ ତେଲ ଡିପୋରୁ ତେଲ ନେଇ ଯାଉଥିବା ଗାଡି ଡ୍ରାଇଭର ମାନଙ୍କୁ ହାତ କରି ଅଭିଯୁକ୍ତ ମାନେ ରିତିମତ ତେଲ କାଢିଥାନ୍ତି ଓ ଏଥିରେ ଏକ ର୍ୟାକେଟ ସଂପୃକ୍ତ ଥିବା ସନ୍ଦେହ କରାଯାଉଛି।

## ଶୀତ ପାଇଁ ଗୀତ ଆସର

**ଭୁବନେଶ୍ୱର :** ପୁଣ୍ୟ ଉତ୍କଳ ଫାଉଣ୍ଡେସନ ଓ ପ୍ରଜ୍ଞା ଏକାଡେମିକ୍ ଆଣ୍ଡ କଲ୍‌ଚରାଲ ଟ୍ରଷ୍ଟ ଆନୁକୂଲ୍ୟରେ ପୁଣ୍ୟପ୍ରଜ୍ଞା ଗୀତିମଞ୍ଚ ଦ୍ୱାରା ଆୟୋଜିତ ହୋଇଥିଲା “ଶୀତ ପାଇଁ ଗୀତ ଆସର” ଓ “ପ୍ରଜ୍ଞାରତ୍ନ ସମ୍ମାନ” ସମାରୋହ। ସ୍ଥାନୀୟ ଜୟଦେବ ଭବନ ଠାରେ ଅନୁଷ୍ଠିତ ଏହି ଉତ୍ସବକୁ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ ବିଧାୟକ ପ୍ରିୟଦର୍ଶୀ ମିଶ୍ର। ଅନ୍ୟ ଅତିଥିଙ୍କ ମଧ୍ୟରେ ଥିଲେ ସଂସ୍କୃତି ସଚିବ ମନୋରଞ୍ଜନ ପାଣିଗ୍ରାହୀ ଏବଂ ପୁଣ୍ୟ ପ୍ରଜ୍ଞା ଗୀତିମଞ୍ଚର ଅଧ୍ୟକ୍ଷ ମନୋରଂଜନ ମହାପାତ୍ର ଓ ମହାସଚିବ ବରିଷ୍ଠ ଗୀତିକାର ଓ ଚଳଚ୍ଚିତ୍ର ନିର୍ଦ୍ଦେଶକ ବୃନ୍ଦାବନ ଜେନା। ସ୍ୱାଗତ ଭାଷଣରେ ଅନୁଷ୍ଠାନର ମହାସଚିବ ବୃନ୍ଦାବନ ଜେନା ଉତ୍ସବର ଉଦ୍ଦେଶ୍ୟ ସମ୍ବନ୍ଧରେ ଅବିହିତ କରାଇଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ ମନୋରଞ୍ଜନ



ମହାପାତ୍ର ପୂଣ୍ୟପ୍ରଜ୍ଞା ଗୀତିମଞ୍ଚର ଆଭିମୁଖ୍ୟରେ କହିଥିଲେ ଯେ, ଓଡିଶାରେ ଗୀତି କବିତାର ପୁନରୁତ୍ଥାନ ଓ ମୂଲ୍ୟବୋଧରେ ପରିବର୍ତ୍ତନ ପାଇଁ ଅନୁଷ୍ଠାନ କିପରି ଅଂଗୀକାରବଦ୍ଧ ଓ ସେହି ଅଂଗୀକାରବଦ୍ଧତା ରକ୍ଷା ପାଇଁ ଓଡିଶାର ପ୍ରତ୍ୟେକ ଜିଲ୍ଲା ଓ ସଦର ମହକୁମାରେ ପୁଣ୍ୟପ୍ରଜ୍ଞା ଗୀତିମଞ୍ଚ ଓ ପୁଣ୍ୟ ଉତ୍କଳ ସହଯୋଗିତା କାର୍ଯ୍ୟକରି ଆସୁଛି। ସାହିତ୍ୟ, ସଂଗୀତ ବ୍ୟତିରେକ ଅନୁଷ୍ଠାନ ସାମାଜିକ ବିକାଶ କ୍ଷେତ୍ରରେ କିପରି କାର୍ଯ୍ୟରତ ତାହା ବର୍ଣ୍ଣନା କରିଥିଲେ। ଅନୁଷ୍ଠାନ ତରଫରୁ ବର୍ଷୀୟାନ କଣ୍ଠଶିଳ୍ପୀ ପ୍ରଣବ କିଶୋର ପଟ୍ଟନାୟକଙ୍କୁ ପ୍ରଜ୍ଞାରତ୍ନ ସଂଗୀତ ଶିରୋମଣୀ ସମ୍ମାନରେ ଅଭିଷିକ୍ତ କରାଇଥିଲେ। ପରେପରେ ଶାରଦା ପ୍ରସନ୍ନ ନାୟକ ପ୍ରଜ୍ଞା ଗୀତିରତ୍ନ ସମ୍ମାନ, ଜ୍ଞାନେନ୍ଦ୍ର ମିଶ୍ର ପ୍ରଜ୍ଞା କଳାରତ୍ନ ସମ୍ମାନ, ରଘୁନାଥ ପଣ୍ଡା ପ୍ରଜ୍ଞା ବିଦ୍ୟାରତ୍ନ ସମ୍ମାନ, ରମେଶ ଚନ୍ଦ୍ର ମହାପାତ୍ରଙ୍କୁ ପ୍ରଜ୍ଞା ସଂଗୀତ ରତ୍ନ ସମ୍ମାନ, ରମେଶ ଚନ୍ଦ୍ର ମହାପାତ୍ରଙ୍କୁ ପ୍ରଜ୍ଞା ସଂଗୀତ ରତ୍ନ ସମ୍ମାନ ଓ ରଂଜନ କୁମାର ଦାସଙ୍କୁ ପ୍ରଜ୍ଞାରତ୍ନ ସମାଜ ବଂଧୁ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଗୀତିସାହିତ୍ୟ କ୍ଷେତ୍ର ସମ୍ମାନିତ ଦେବେନ୍ଦ୍ର ଦାସ,ସେହିପରି ଗୀତିକାର ନିରଂଜନ ଦାସଙ୍କୁ ପୂଣ୍ୟପ୍ରଜ୍ଞା ଗଣକବି ସମ୍ମାନ ଏବଂ କଣ୍ଠଶିଳ୍ପୀ ନାଜିୟା ଆଲାମଙ୍କୁ ପୂଣ୍ୟପ୍ରଜ୍ଞା ସଂଗୀତ ଗୌରବ ସମ୍ମାନ ପ୍ରଦାନ କରାଯାଇଥିଲା।

## ପିଡିଏଚ୍‌ଆର୍‌ଆଇ ପକ୍ଷରୁ ରାଜ୍ୟପାଳଙ୍କୁ ସାକ୍ଷାତ

**ଭୁବନେଶ୍ୱର :** ଦେଶର ବିଭିନ୍ନ କୋଣ ଅନୁକୋଣରେ ମାନବାଧିକାର ସୁରକ୍ଷା ପାଇଁ କାର୍ଯ୍ୟ କରୁଥିବା ସଂଗଠନ ‘ଗଣତାନ୍ତ୍ରିକ ମାନବ ଅଧିକାର ସୁରକ୍ଷା ସଂଗଠନ’ (ପିଡିଏଚ୍‌ଆର୍‌ଆଇ)ର ଦୁଇ ଓଡ଼ିଆ ଯୁବକ କେନ୍ଦ୍ରୀୟ କମିଟିରେ ସ୍ଥାନ ପାଇଛନ୍ତି। ଏନେଇ ବିଭିନ୍ନ ସେଚ୍ଛାସେବୀ ଓ ମାନବାଧିକାର କର୍ମୀମାନେ



ଶୁଭେଚ୍ଛା ଜଣାଇଛନ୍ତି। ଏହି ଅବସରରେ କମିଟି ପକ୍ଷରୁ ଓଡ଼ିଶାର ମହାମହିମ ରାଜ୍ୟପାଳ ଡ. ଏସ୍ ସି ଜମିରଙ୍କୁ ସାକ୍ଷାତ କରାଯିବା ସହ ନବବର୍ଷ ଶୁଭେଚ୍ଛା ଜଣାଯାଇଥିଲା। ସୂଚନାଯୋଗ୍ୟ, ଏଥିପୂର୍ବରୁ ରାଜ୍ୟ କମିଟିରେ ସଭାପତି ଭାବେ କାର୍ଯ୍ୟ କରୁଥିବା ଗଦାଧର ଦାସଙ୍କୁ ଅତିରିକ୍ତ ଭାବେ କେନ୍ଦ୍ରୀୟ ଉପସଭାପତି ଓ ରାଜ୍ୟ ଉପସଭାପତି ଭାବେ କାର୍ଯ୍ୟ କରୁଥିବା ଲିଙ୍ଗରାଜ ସାହୁଙ୍କୁ କେନ୍ଦ୍ରୀୟ ସଚିବ ଭାବେ ଦାୟିତ୍ୱ ଦିଆଯାଇଛି।

**KENDRAPARA MUNICIPALITY, KENDRAPARA**

**କେନ୍ଦ୍ରାପଡ଼ା ପୌର ପରିଷଦ, କେନ୍ଦ୍ରାପଡ଼ା**

**ନବବର୍ଷ-୨୦୧୮ ଉପଲକ୍ଷେ ଓଡ଼ିଶାର ସର୍ବପୁରାତନ ତଥା ଐତିହାସିକ ପୌରାଞ୍ଚଳ ଆପଣମାନଙ୍କୁ ଅଭିନନ୍ଦନ ଜଣାଉଛି**

କେନ୍ଦ୍ରାପଡ଼ା ସହରକୁ ଏକ ଆଦର୍ଶ ସହରରେ ପରିଣତ କରିବା ପାଇଁ ପୌର ସଂସ୍ଥା ତରଫରୁ ନିମ୍ନଲିଖିତ କାର୍ଯ୍ୟଗୁଡିକର ଉନ୍ନତି ନିମନ୍ତେ ଆପଣଙ୍କ ସହଯୋଗ କାମନା କରୁଅଛୁ।

୧. ପୌରପାଳିକାର ଗୃହ ଓ ଆଲୁଅ ଟିକସ ତଥା ବ୍ୟବସାୟିକ ଟିକସ ପ୍ରତ୍ୟେକ ବର୍ଷ ଠିକ୍ ସମୟରେ ପଇଠ କରନ୍ତୁ।
୨. ରାସ୍ତା କଡରେ ଇଟା, ବାଲି, ଗୋଡି ଇତ୍ୟାଦି ଜମା କରି ଜନସାଧାରଣଙ୍କ ଯାତାୟତରେ ବାଧା ସୃଷ୍ଟି କରନ୍ତୁ ନାହିଁ ଓ ପରିବେଶ ଦୂଷିତ କରନ୍ତୁ ନାହିଁ।
୩. ଗାଇ-ଗୋରୁ ଓ ଗୃହପାଳିତ ଜୀବଜନ୍ତୁଙ୍କୁ ରାସ୍ତା ଉପରକୁ ଛାଡ଼ନ୍ତୁ ନାହିଁ।
୪. ପୌରାଞ୍ଚଳ ମଧ୍ୟରେ ନୂତନ ଗୃହ ନିର୍ମାଣ କରିବା ପୂର୍ବରୁ ଗୃହ ନିର୍ମାଣର ନକ୍ସା ମଞ୍ଜୁର କରାଇ ନିଅନ୍ତୁ।
୫. ପୌରସଂସ୍ଥା ଦ୍ୱାରା ନିର୍ମିତ ଦୋକାନ ଗୃହ ଗୁଡ଼ିକର ମାସିକ ଦେୟ ଠିକ୍ ସମୟରେ ପଇଠ କରନ୍ତୁ।
୬. ପୌର ପରିଷଦର ବିନା ଅନୁମତିରେ ଗୃହ, ଦୋକାନକୁ ପାଣି ସଂଯୋଗ ନିମନ୍ତେ ପରିଷଦ ଅଧିନସ୍ଥ ରାସ୍ତାକୁ ଖୋଳନ୍ତୁ ନାହିଁ।
୭. ପୌର ପରିଷଦର ପାଣି ଟାଙ୍କି, ସେସ୍‌ପୋଲ ନିର୍ଦ୍ଧାରିତ ପାଉଣା ପୈଠ କରି ଏହାର ଉପଯୋଗ କରନ୍ତୁ।
୮. ପୌର ପରିଷଦ ଦ୍ୱାରା ନିର୍ମିତ ଟାଉନ ହଲରେ ସଭା କିମ୍ବା ଆନୁଷ୍ଠାନିକ କାର୍ଯ୍ୟ ନିମନ୍ତେ ବ୍ୟବହାର କରିବାର ସୁଯୋଗ ନିଅନ୍ତୁ।
୯. ଉଦୟନଗର ଠାରେ ନିର୍ମିତ ନୂତନ କଲ୍ୟାଣ ମଣ୍ଡପର ବ୍ୟବହାର କରିବାର ସୁଯୋଗ ନିଅନ୍ତୁ।
୧୦.ସାଇକେଲ, ରିକ୍ସା, ଟ୍ରଲି ରିକ୍ସା ଓ ଶଗଡ ଗାଡ଼ି ମାନଙ୍କର ପ୍ରତ୍ୟେକ ବର୍ଷ ଲାଇସେନ୍ସ କରାଇ ନିଅନ୍ତୁ।
୧୧.ସ୍ୱଚ୍ଛ ଭାରତ ମିଶନ ସହାୟତାରେ କେନ୍ଦ୍ରାପଡ଼ା ପୌରାଞ୍ଚଳ ଅଧିବାସୀଙ୍କୁ ଗୃହ ଠାରୁ ଚିକିତ୍ସାଳୟ ପର୍ଯ୍ୟନ୍ତ ସଫାସୁତୁରା ରଖିବା ପାଇଁ ଡାକବାଜି ଯନ୍ତ୍ର ଓ ପ୍ରଚାର ପତ୍ରିକା ମାଧ୍ୟମରେ ସଚେତନ କରାଇ ଦିଆଯାଇଅଛି ଏବଂ ପୌରାଞ୍ଚଳର ପ୍ରତ୍ୟେକ ୱାର୍ଡରେ ଅଳିଆ, ଆବର୍ଜନା, ବର୍ଜ୍ୟବସ୍ତୁ ସଫେଇ କାର୍ଯ୍ୟ କରାଯାଉଅଛି।

**ଶ୍ରୀଯୁକ୍ତ ଦେବ ପ୍ରସାଦ ବଳ**
ନିର୍ବାହୀ ଅଧିକାରୀ

**ଡ଼ଃ. କାହ୍ନୁଚରଣ ଧାର** (ଓ.ପ୍ର.ସେ.-୧)
ଅଧ୍ୟକ୍ଷ
ଉପ-ଜିଲ୍ଲାପାଳ, କେନ୍ଦ୍ରାପଡ଼ା

## ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଲାଞ୍ଚ କାରବାର ଅଭିଯୋଗ

### ଦୃଷ୍ଟିଦେଉ ସ୍ୱାସ୍ଥ୍ୟ ବିଭାଗ

**କେନ୍ଦ୍ରାପଡ଼ା :** ଜିଲା ସରକାରୀ ମୁଖ୍ୟ ଚିକିତ୍ସାଳୟର ପରିସ୍ଥିତି କହିଲେ ନସରେ। ଏ ସମ୍ପର୍କରେ ଆମେ ପୂର୍ବରୁ ବାରମ୍ବାର ପ୍ରକାଶ କରିସାରିଛୁ, ହେଲେ ଫଳଶୂନ୍ୟ। ବିଶେଷ କରି ଏଠାକାର ପ୍ରସୂତି ବିଭାଗରେ ଥିବା ଡାକ୍ତର, କିଛି ଷ୍ଟାଫନର୍ସ ଓ ଆଶାକର୍ମୀ ମିଳିତଭାବେ ଲୋକଙ୍କ ପାଖରୁ ଲାଞ୍ଚ ନେଉଥିବାର ଜଣାପଡିଛି। ଏମାନେ ପ୍ରସବ ନିମନ୍ତେ ପରିସ୍ଥିତିକୁ ଦେଖି ସିଧାସଳଖ ନତୁବା ଦଲାଲଙ୍କ ଜରିଆରେ ଟଙ୍କା ନେଉଥିବାର ଜଣାଯାଏ। ତେବେ ଏ ସଂପର୍କିତ ଖବର ଆମ୍ଭେ ବାରମ୍ବାର ପ୍ରକାଶ କରିବାପରେ ଉକ୍ତ ପରିସ୍ଥିତି କିଛିଟା ଥଣ୍ଡା ପଡିଥିଲା, ହେଲେ ଏବେ ଯୋଉ କଥାକୁ ସେଇକଥା। ଲାଞ୍ଚ ନେଉଥିବା ଡ଼ାକ୍ତର କନବାବୁ ଏବେ ସିଧାସଳଖ ନ ନେଇ ଲ୍ୟାବ୍ ଭିତରେ ଲୁଚାଛପାରେ କିମ୍ବା ଦଲାଲଙ୍କ ଜରିଆରେ ନେଉଥିବାର ଅଭିଯୋଗ ହେଉଛି। ତେବେ ଏ ସଂପର୍କିତ କିଛି ତଥ୍ୟ ଆଗାମୀ ସଂଖ୍ୟାରେ ପ୍ରକାଶ ପାଇବ। ତେଣୁ ସ୍ୱାସ୍ଥ୍ୟ ବିଭାଗ ତୁରନ୍ତ ଏଥିପ୍ରତି ଗୁରୁତ୍ୱ ଦେବା ଆବଶ୍ୟକ ହୋଇପଡ଼ିଛି।

### ରାଜ୍ୟ ନିର୍ବାଚନ କମିଶନ୍‌ଙ୍କ ଆଦେଶ ହାଇକୋର୍ଟରେ ଖାରଜ

## ପଦ କାଏମ ରଖିଲେ ୯ କାଉନ୍‌ସିଲର

**କଟକ :** ଦଳବଦଳ ନିରୋଧ ଆଇନ ଆଧାରରେ କେନ୍ଦୁଝର ମ୍ୟୁନିସିପାଲିଟିର ସଭ୍ୟପଦ ହରାଇଥିବା ୯ ଜଣ କାଉନ୍‌ସିଲର୍‌ଙ୍କ ସଦସ୍ୟ ପଦକୁ ହାଇକୋର୍ଟ କାଏମ୍ ରଖିଛନ୍ତି। ଏହି ମର୍ମରେ ହାଇକୋର୍ଟ ଏହି ୯ ଜଣ କାଉନ୍‌ସିଲର୍‌ଙ୍କ ସଭ୍ୟପଦ ରଦ୍ଦ ଲାଗି ରାଜ୍ୟ ନିର୍ବାଚନ କମିଶନ୍ ଦେଇଥିବା ନିର୍ଦ୍ଦେଶକୁ ଖାରଜ କରିଛନ୍ତି। ଏଥିସହ ସଭ୍ୟପଦ ହରାଇଥିବା ୯ଜଣ କାଉନ୍‌ସିଲର୍‌ଙ୍କୁ ପୁନଃ ଅବସ୍ଥାପିତ କରିଛନ୍ତି। କେନ୍ଦୁଝର ମ୍ୟୁନିସିପାଲିଟିର ୯ଜଣ ବିରୋଧୀ କାଉନ୍‌ସିଲର୍- ସଙ୍ଗୀତା ନନ୍ଦ, ଦିଲୀପ୍ କୁମାର ବେହେରା, ସ୍ୱର୍ଣ୍ଣଲତା ସାହୁ, ପ୍ରଭାତୀ ପଟ୍ଟନାୟକ, ସବିତା ସେଠୀ, କୁମୁଦିନୀ ନାୟକ, ଶତ୍ରୁଘ୍ନ ନାୟକ, ସୁନୀଲ୍ କୁମାର ନାୟକ ଏବଂ କୁନା ନାୟକ ଦଳୀୟ ନିର୍ଦ୍ଦେଶକୁ ଅବଜ୍ଞା କରି ଅନାସ୍ଥା ପ୍ରସ୍ତାବ ସପକ୍ଷରେ ଭୋଟ ଦେଇଥିବାରୁ ସେମାନଙ୍କ ସଦସ୍ୟ ପଦକୁ ଓଡ଼ିଶା ମ୍ୟୁନିସିପାଲ୍ ଆକ୍ଟ, ୧୯୫୦ର ୧୭ ଧାରା (ଦ୍ୱିତୀୟ ସଂଶୋଧନ ଆଇନ - ୨୦୧୫) ଏବଂ ଦଳ ବଦଳ ନିରୋଧ ଆଧାରରେ ରାଜ୍ୟ ନିର୍ବାଚନ କମିଶନ୍ ରଦ୍ଦ କରିଥିଲେ। ଏହି ୯ଜଣଙ୍କ ବିରୋଧ ଯୋଗୁ କେନ୍ଦୁଝର ମ୍ୟୁନିସିପାଲିଟିର ଅଧ୍ୟକ୍ଷ ମୀନା ମାଝୀଙ୍କୁ ତାଙ୍କ ପଦ ହରାଇବାକୁ ପଡ଼ିଥିଲା। ଏହି ଘଟଣାରେ ରାଜ୍ୟ ନିର୍ବାଚନ କମିଶନ୍ ଉପରୋକ୍ତ ୯ଜଣ କାଉନ୍‌ସିଲର୍‌ଙ୍କ ସଦସ୍ୟ ପଦକୁ ରଦ୍ଦ କରିଥିଲେ। ଏଥିସହିତ ସାନି ନିର୍ବାଚନ ପାଇଁ ମଧ୍ୟ ନିର୍ଦ୍ଦେଶ ଦେଇଥିଲେ। ନିର୍ବାଚନ କମିଶନ୍‌ଙ୍କ ଏପରି ନିର୍ଦ୍ଦେଶ ବିରୋଧରେ ସଭ୍ୟପଦ ହରାଇଥିବା କାଉନ୍‌ସିଲର୍‌ମାନଙ୍କ ପକ୍ଷରୁ ହାଇକୋର୍ଟରେ ମାମଲା ରୁଜୁ ହୋଇଥିଲା। ମାମଲାର ପ୍ରାଥମିକ ଶୁଣାଣି କରି ହାଇକୋର୍ଟ ସାନି ନିର୍ବାଚନ ପ୍ରକ୍ରିୟା ଉପରେ ଅନ୍ତରୀଣ ରହିତାଦେଶ ଜାରି କରିବା ସହ ପ୍ରତିପକ୍ଷଙ୍କୁ ନୋଟିସ୍ ଜାରି କରିଥିଲେ।

## ଅନନ୍ତଙ୍କୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

**କେନ୍ଦ୍ରାପଡ଼ା :** ବିଶିଷ୍ଟ ନାଟ୍ୟକାର ଓ ନିର୍ଦ୍ଦେଶକ ଅନନ୍ତ ଓଝାଙ୍କ ଅକାଳ ବିୟୋଗରେ ‘ପୁଣ୍ୟ ଉତ୍କଳ’ କେନ୍ଦ୍ରାପଡା ଶାଖା ପକ୍ଷରୁ ବଡହାଟ ସ୍ଥିତ କାର୍ଯ୍ୟାଳୟ ଠାରେ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଶ୍ରୀ ଓଝାଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ଆରାଧ୍ୟ ଦେବତା ଶ୍ରୀବଳଦେବଜୀଉଙ୍କ ନିକଟରେ ପ୍ରାର୍ଥନା କରିଥିଲେ କର୍ମୀମାନେ। ଏଥିରେ ଜିଲ୍ଲା ସଭାପତି ସଂଗ୍ରାମ ଜେନା, ସମ୍ପାଦକ ଅନନ୍ତ ଗୋପାଳ ସାହୁ, ବରିଷ୍ଠ ଚିତ୍ରକାର ରତ୍ନାକର ସାହୁ, ବସନ୍ତ କୁମାର ଦାସ, କିଶୋର କୁମାର ସାହୁ, ଅରୁଣ କୁମାର ସାହୁ, ପ୍ରଶାନ୍ତ ସାହୁ, ଦେବାର୍ପିତ ସାହୁ ପ୍ରମୁଖ କର୍ମୀମାନେ ଉପସ୍ଥିତ ଥିଲେ। ସେହିଭଳି ‘ପୁଣ୍ୟ ଉତ୍କଳ’ ମହିଳା ମହାସଂଘ ପକ୍ଷରୁ କେନ୍ଦ୍ରାପଡା ଓ ପଟ୍ଟାମୁଣ୍ଡାଇର ମଦନପୁର ଶାଖା ପକ୍ଷରୁ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ସହରର ବଡହଟ ସ୍ଥିତ ଉକ୍ତ ମହାସଂଘରେ ସଭାନେତ୍ରୀ ସସ୍ମିତା ସାହୁ, ସମ୍ପାଦିକା ଅନୁପମା ସାହୁ, କୋଷାଧ୍ୟକ୍ଷା ବ୍ରଜେଶ୍ୱରୀ, ରେବତୀ ସାହୁ, ସଜନୀ ସିଂହ, ଝରଣା ସାହୁ, ପ୍ରମିଳା ସେଠୀ, ମମତାବିନ୍ଦ୍ୟା ଦାସ, ସରୋଜିନୀ ସାହୁ, ମଧୁସ୍ମିତା ମର୍ଦ୍ଦରାଜ, ଜୋସ୍ନା ସାହୁ, ମମତା ସାହୁ, ଅମିତା ସାହୁ, ଦେବକୀ ଦାସ୍, ଦିପ୍ତିମୟୀ ସାହୁ ପ୍ରମୁଖଙ୍କ ଗହଣରେ ଅନୁଷ୍ଠିତ ହୋଇଥିବା ବେଳେ ପଟ୍ଟାମୁଣ୍ଡାଇ ମଦନପୁର ଶାଖାଠାରେ ଆୟୋଯିତ ଉକ୍ତ ସଭାରେ ସଭାନେତ୍ରୀ ଜାନକୀ ବେହେରା, ସମ୍ପାଦିକା ଅନ୍ନପୂର୍ଣ୍ଣା ସାହୁ, ପ୍ରନିଭା ଦାସ୍, ମିନତି ମହାରଣା, ଉର୍ମିଳା ନାଥ, ସୁଧାଂଶୁବାଳା ମହାରଣା, ତପସ୍ୱୀ ସାହୁ, ଅନ୍ନପୂର୍ଣ୍ଣା ଦାଦ୍, ଭଗବତୀ ଦାସ୍, ସର୍ଯ୍ୟକାନ୍ତି ନାଥ ପ୍ରମୂଖ ଉପସ୍ଥିତ ଥିଲେ।



# ଇଣ୍ଡିଆନ ଅଏଲ୍‌ର 'ବିଶ୍ୱାସକୁ ସମର୍ପିତ ବର୍ଷ'

**ନୂଆଦିଲ୍ଲୀ :** ଦେଶର ସର୍ବବୃହତ ଗ୍ରାହକ ଅଭିମୂଖେ ସଂଗଠନ, ଇଣ୍ଡିଆନ ଅଏଲ କର୍ପୋରେସନ ୨୦୧୮ ମସିହାକୁ 'ବିଶ୍ୱାସକୁ ସମର୍ପିତ ବର୍ଷ' ଭାବରେ ପାଳନ କରିବ। ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାଠାରୁ ଆରମ୍ଭ କରି ପ୍ରତିଦିନ ପେଟ୍ରୋଲ ଓ ଡିଜେଲର ଦର ନିର୍ଦ୍ଧାରଣ ଏବଂ ନିର୍ଦ୍ଧାରିତ ସମୟ ପୂର୍ବରୁ ଦିଲ୍ଲୀରେ ଅପ୍ରେଲ ୧,୨୦୧୮ ଠାରୁ ବିଏସ୍-୬ ମାନର ଇନ୍ଧନ ଯୋଗାଣର ନିଷ୍ପତ୍ତି ଆଦି ଇଣ୍ଡିଆନ ଅଏଲ ଉପରେ ନୀତି ନିର୍ଦ୍ଧାରକ ମାନଙ୍କ ବିଶ୍ୱାସ ଦୃଢ଼ ହୋଇପାରିଛି। ଚଳିତବର୍ଷର 'କର୍ପୋରେଟ୍ ଥିମ୍'କୁ ଉନ୍ମୋଚନ କରି ଇଣ୍ଡିଆନ ଅଏଲର ଅଧକ୍ଷ ସଞ୍ଜୀବ ସିଂହ କହିଥିଲେ ଯେ, ୨୦୧୮ ମସିହାକୁ 'ବିଶ୍ୱାସ କୁ ସମର୍ପିତ ବର୍ଷ' ଭାବରେ ପାଳନ କରିବା ଦ୍ୱାରା ଆମେ ଏକକ ସଂସ୍ଥା ଏବଂ ସଂଗଠନ ଭାବରେ କମ୍ପାନୀର ଦକ୍ଷତା ଓ କର୍ତ୍ତବ୍ୟ ପରାୟଣତା ଦ୍ୱାରା ଗ୍ରାହକ ଏବଂ ଅନ୍ୟ ଦାବିଦାରମାନଙ୍କ ମନରେ ବିଶ୍ୱାସ ବନେଇ ରଖି ପାରିବା। ଆମର ଅନ୍ତର୍ନିହିତ ଶକ୍ତି, ଏକ ଟିମ୍ ଏବଂ ସଂସ୍ଥା ରୂପରେ ଏହି କର୍ପୋରେଟ୍ ଥିମ୍ 'ବିଶ୍ୱାସ'କୁ ଆମର ବିତରଣ ବ୍ୟବସ୍ଥାକୁ ମୂଲ୍ୟବୋଧ କରିବ। ଇଣ୍ଡିଆନ ଅଏଲର ୪୭ ହଜାରରୁ ଅଧିକ ଗ୍ରାହକ ସଂଯୋଗ କେନ୍ଦ୍ର ଜରିଆରେ ଆମର କର୍ମକର୍ତ୍ତା, ଚେନାଲ ଅଂଶୀଦାର ତଥା ସେମାନଙ୍କ ଦଳର ସଦସ୍ୟମାନଙ୍କ ଜରିଆରେ ପ୍ରତି ମୁହୂର୍ତ୍ତରେ ନାଗରିକମାନଙ୍କୁ ଇଣ୍ଡିଆନ ଅଏଲ ସେବା ଯୋଗାଇ ଆସୁଛି। ଶ୍ରୀ ସିଂହ ଆହୁରି କହିଥିଲେ ଯେ, 'ଆମର ମୌଳିକ ମୂଲ୍ୟବୋଧ ହେଉଛି-ବିଶ୍ୱାସ ଏବଂ ଏହା ଆମର ସାଂଗଠନିକ ସଂସ୍କୃତିକୁ ଆଗେଇ ନେବାରେ ଆମକୁ ପ୍ରେରଣା ଯୋଗାଇ ଆସିଛି।' ଇଣ୍ଡିଆନ ଅଏଲ ବ୍ୟବସାୟିକ ମୂଲ୍ୟବୋଧର ଦଶମ ବର୍ଷ ଉପେଲକ୍ଷେ, ୨୦୧୬ ମସିହା ଠାରୁ ଇଣ୍ଡିଆନ ଅଏଲ ପ୍ରତିବର୍ଷ ଏହାର ବ୍ୟବସାୟିକ ମୂଲ୍ୟବୋଧକୁ ସେହି ବର୍ଷର 'କର୍ପୋରେଟ୍ ଥିମ' ରୂପେ ଗ୍ରହଣ କରିବାର ପରମ୍ପରାକୁ ନେଇ ଏହି ନିଷ୍ପତ୍ତି ନିଆଯାଇଛି। ବର୍ଷ ୨୦୧୬କୁ 'ଇୟର ଅଫ୍ କୋର ଭାଲୁସ୍', ବର୍ଷ ୨୦୧୭କୁ 'ଇୟର ଅଫ୍ ଇନୋଭେସନ ଆଣ୍ଡ ଟେକ୍ନୋଲୋଜି' ରୂପରେ ପାଳନ କରି, ବିଶୋଧନ ଓ ପାଇପ ଲାଇନ ନେଟୱାର୍କ ଠାରୁ ଆରମ୍ଭ କରି ଇନ୍ଧନର ବ୍ୟାପକ ମହଜୁଦକରଣ ଓ ଇନ୍ଧନ କେନ୍ଦ୍ର ପ୍ରତିଷ୍ଠା, ଗ୍ରାହକମାନଙ୍କ ସୁବିଧା ପାଇଁ ଇ'ପୋର୍ଟାଲ ଭଳି ସ୍ମାର୍ଟ ଜ୍ଞାନକୌଶଳର ପ୍ରୟୋଗ ତଥା ଏସ୍ଏପିର ସଫଳ ବ୍ୟବହାର ଆମର କାର୍ଯ୍ୟ ଦକ୍ଷତାକୁ ଅଧିକ ଦୃଢ଼ କରିପାରିଛି। ବର୍ତ୍ତମାନ ଗ୍ରାହକମାନଙ୍କ ସହିତ ନିକଟତର ସମ୍ପର୍କ ରକ୍ଷା କରିବାକୁ ଏକ ସ୍ୱୟଂ ସମ୍ପୂର୍ଣ୍ଣ ଗ୍ରାହକ ସମ୍ପର୍କ ପରିଚାଳନା ବା ସିଆରଏମ୍‌କୁ କାର୍ଯ୍ୟକାରୀ କରାଯାଉଛି। ୨୦୧୭ ମସିହାରେ ଷ୍ଟାର୍ଟ-ଅପ୍ ପାଇଁ ୧୧ଟି ଅଭିନବ ଗବେଷଣା ପ୍ରସ୍ତାବକୁ ବଛା ଯାଇଛି। ନଭେମ୍ବର ୨୦୧୭ରେ ଅନୁଷ୍ଠିତ ସିଓପି-୨୩ ବନ ସମ୍ମିଳନୀରେ ଭାରତ, ଫ୍ରାନ୍ସ ଓ ଚୀନ ଭଳି ରାଷ୍ଟ୍ର ସହ ମିଶି ଭବିଷ୍ୟତରେ ଲୋ-କାର୍ବନ ଇନ୍ଧନ ସୃଷ୍ଟି କରିବାର ଆହ୍ୱାନକୁ ସ୍ୱୀକାର କରିଥିବାରୁ ୨୦୧୮ ମସିହାକୁ 'ବିଶ୍ୱାସ କୁ ସମର୍ପିତ ବର୍ଷ' ଭାବରେ ପାଳନ କରିବାର ନିଷ୍ପତ୍ତି ନିଆଯାଇଛି। ତେଣୁ ଭାରତକୁ ଅଧିକ ପରିମାଣରେ ପ୍ରାକୃତିକ ଗ୍ୟାସ ଓ ପୁନଃବ୍ୟବହାର ଉର୍ଜ୍ଜା ବ୍ୟବହାର କରିବାକୁ ହେବ। ବଜାରରେ ଅଗ୍ରଣୀ ରହିଥିବାରୁ ଇଣ୍ଡିଆନ ଅଏଲ, ଆଗାମୀ ବର୍ଷ ଗୁଡିକରେ ଏହି ଜାତୀୟ କାର୍ଯ୍ୟରେ ଏକ ବିଶେଷ ଭୂମିକା ରଖିବ।

# ଗୀତାଞ୍ଜଳିଙ୍କୁ 'କୋରାପୁଟ ପ୍ରତିଭା' ସମ୍ମାନ

**କୋରାପୁଟ :** 'ପରବ-୨୦୧୭' ଅବସରରେ କମର୍ସିଆଲ ପାଇଲଟ ଭାବେ କାର୍ଯ୍ୟାରମ୍ଭ କରିଥିବା ପ୍ରଥମ ଓଡ଼ିଆ ଝିଅ ଗୀତାଞ୍ଜଳି ନାୟକଙ୍କୁ ଚଳିତ ବର୍ଷ 'କୋରାପୁଟ ପ୍ରତିଭା' ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଛି। ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଅଶୋକ ପଣ୍ଡା ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଗୀତାଞ୍ଜଳିଙ୍କୁ ସମ୍ବର୍ଦ୍ଧିତ କରିବା ସହିତ ମାନପତ୍ର ପ୍ରଦାନ କରିଥିଲେ। ଏହି ଉତ୍ସବରେ ପ୍ରିନ୍ସପାଲ ସେକ୍ରେଟାରୀ ମୋନା ଶର୍ମାଙ୍କ ସମେତ ବହୁ ପଦାଧିକାରୀ ଯୋଗ ଦେଇଥିଲେ। ସମ୍ବର୍ଦ୍ଧିତ ହେବା ପରେ ଗୀତାଞ୍ଜଳି ନିଜ ପ୍ରତିକ୍ରିୟାରେ କହିଥିଲେ ଯେ, ମୋର ସମସ୍ତ ସଫଳତାର ଶ୍ରେୟ ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କୁ ମୁଁ ଦେଉଛି। କାରଣ ସେ ହିଁ ମୋତେ ପାଇଲଟ ହେବାକୁ ଆର୍ଥିକ ସହାୟତା ଯୋଗାଇଦେବା ସହିତ ମାନସିକ ସ୍ତରରେ ଯଥେଷ୍ଟ ପ୍ରେରଣା ଯୋଗାଇ ଥିଲେ। ତେଣୁ ସେଭଳି ଜଣେ ମହାପୁରୁଷଙ୍କ ନିକଟରେ ମୁଁ ଆଜୀବନ ଋଣୀ। ବିଜୁ ବାବୁଙ୍କ ପ୍ରେରଣା ଆଜି ମୋତେ ଏତେବାଟକୁ ଟାଣି ଆଣିଛି।



# ଲୁହରେ ଭିଜିଲା ଲିପ୍‌ଲୋଇର ବୀର ମାଟି

**ଭୁବନେଶ୍ୱର :** ପାକ୍ ଆତଙ୍କବାଦୀଙ୍କ ସହିତ ଲଢ଼ି ଦେଶ ପାଇଁ ପ୍ରାଣବଳି ଦେଇଥିବା ଓଡ଼ିଆ ଯବାନ ପ୍ରଦୀପ ପଣ୍ଡାଙ୍କ ଅନ୍ତିମ ସଂସ୍କାର ହୋଇଯାଇଛି ସୁନ୍ଦରଗଡ଼ ଜିଲ୍ଲା ରାଜଗାଙ୍ଗପୁର ଲିପ୍‌ଲୋଇର ଗାଁ ଶ୍ମଶାନରେ। ତୋପ ସଲାମୀ ଓ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ହଜାର ହଜାର ଲୋକଙ୍କ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ମଧ୍ୟରେ ବିଲୀନ ହୋଇଯାଇଛି ଏହି ବୀର ଯବାନଙ୍କ ମର ଶରୀର। ସହିଦ୍‌ଙ୍କ ମରଶରୀର ତାଙ୍କ ଜନ୍ମମାଟିରେ ପହଞ୍ଚିବା ପରେ ସେଠାରେ ସୃଷ୍ଟି ହୋଇଥିଲା ଜନସମୁଦ୍ର। ବୀର ଯବାନଙ୍କ ଶେଷ ଦର୍ଶନ ପାଇଁ ସକାଳ ୬ଟାରୁ ଲୋକମାନେ ରାଜଗାଙ୍ଗପୁର ଷ୍ଟାଡିୟମ୍‌ରେ ଅପେକ୍ଷା କରି ରହିଥିଲେ। ସୁନ୍ଦରଗଡ଼ ଜିଲ୍ଲାର ବରିଷ୍ଠ ପୁଲିସ ଅଧିକାରୀ ଓ ସିଆରପିଏଫ୍‌ର ଅଧିକାରୀମାନେ ତାଙ୍କ ପାର୍ଥିବ ଶରୀରରେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସହିଦ ଶ୍ରୀ ପଣ୍ଡାଙ୍କ ଶେଷ ଦର୍ଶନ ପାଇଁ ରାଜଗାଙ୍ଗପୁର ଷ୍ଟାଡିୟମ୍ ଲୋକାରଣ୍ୟ ହୋଇଥିଲା। ପ୍ରଥମେ ସୁନ୍ଦରଗଡ଼ ଜିଲ୍ଲା ପୁଲିସ ପକ୍ଷରୁ ସହିଦଙ୍କୁ ଗାର୍ଡ ଅଫ୍ ଅନର୍ ଦିଆଯିବା ପରେ ତାଙ୍କ ପାର୍ଥିବ ଶରୀରକୁ ନେଇ ବିଶାଳ ଶୋଭାଯାତ୍ରା ସହର ପରିକ୍ରମା କରି ତାଙ୍କ ଲିପ୍‌ଲୋଇ ସ୍ଥିତ ବାସଭବନରେ ପହଞ୍ଚିଥିଲା। ସେଠାରେ ପ୍ରଦୀପଙ୍କ ବାପା, ମାଆ ଓ ପତ୍ନୀ ଶ୍ରୀ ପଣ୍ଡାଙ୍କ ଶେଷ ଦର୍ଶନ କରିଥିଲେ। ଏହି ସମୟରେ ସହିଦ ଶ୍ରୀ ପଣ୍ଡାଙ୍କ ୪ ବର୍ଷୀୟ ପୁଅ ମଧ୍ୟ ଭିଡ଼ ଭିତରେ ବାପାଙ୍କୁ ଖୋଜିଥିଲା। ସେ ଜାଣି ନଥିଲା ଯେ, ତା' ବାପା ଦେଶ ପାଇଁ ବଳିଦାନ ଦେଇଛନ୍ତି। ସେ ବାପାଙ୍କୁ ଭିଡ଼ ଭିତରେ ଫେରିଆସିବାକୁ କହୁଥିଲା। ଏହି ଦୃଶ୍ୟ ବେଶ ହୃଦୟ ବିଦାରକ ଥିଲା।



## ନବବର୍ଷର ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ



**ଚିନ୍ତାମଣି ନାଏକ**
ଭାରତୀୟ ଜନତା ପାର୍ଟି
(ଏସ୍.ସି. ସେଲ୍)
ସଦସ୍ୟ, କଳାହାଣ୍ଡି ଶାଖା



**ରୀନା ମଞ୍ଜରୀ ଭୋଇ**
ଜିଲ୍ଲା ପରିଷଦ ସଦସ୍ୟା
ଶାନ୍ତପୁର ଜୋନ୍
ନର୍ଲା, କଳାହାଣ୍ଡି



**ନରସିଂହ କୁମାର**
ସରପଞ୍ଚ
ସର୍ଗିଗୁଡା ଗ୍ରାମ ପଞ୍ଚାୟତ
ନର୍ଲା, କଳାହାଣ୍ଡି



**ଶ୍ରୀମତୀ ସବିତା ଦାସ**
ପ୍ରୋପ୍ରାଇଟର
ସବିତା ଫ୍ଲାଇ ଆସ୍ ବ୍ରିକ୍ସ ଇଣ୍ଡଷ୍ଟ୍ରିଜ୍
ବାମନପଡା, କଳାହାଣ୍ଡି
ଏଠାରେ ସମସ୍ତ ସାଇଜ୍‌ର ଫ୍ଲାଇଆସ୍ ଇଟା ସୁଲଭ ଦରରେ ମିଳେ ।
ମୋ-୯୪୩୭୦୭୦୨୮୫
୯୯୩୮୩୯୨୨୮୫



**ମୁନା ଭାଇ**
ଉପାଧକ୍ଷ
ନର୍ଲା ପଞ୍ଚାୟତ ସମିତି
କଳାହାଣ୍ଡି



**ମନୋରମା ମହାନ୍ତି**
ଅଧକ୍ଷା
ନର୍ଲା ପଞ୍ଚାୟତ ସମିତି
କଳାହାଣ୍ଡି



**ଚୂଡାମଣି ମାଝୀ**
ସରପଞ୍ଚ
ବାଲସି ଗ୍ରାମ ପଞ୍ଚାୟତ
କେସିଙ୍ଗା, କଳାହାଣ୍ଡି



**ବୈକୁଣ୍ଠ ମିଶ୍ର**
ଉପସଭାପତି
ଭାରତୀୟ ଜନତା ପାର୍ଟି
କୃଷକ ମୋର୍ଚ୍ଚା
କଳାହାଣ୍ଡି



**ଶ୍ରୀମତୀ ଭାରତୀ ରଣା**
ନୁନ୍‌ମାଟ ଗ୍ରାମ ପଞ୍ଚାୟତ
କେସିଙ୍ଗା, କଳାହାଣ୍ଡି



**ପ୍ରହଲ୍ଲାଦ ସାହୁ**
ସରପଞ୍ଚ
ସେରଗଡ ଗ୍ରାମ ପଞ୍ଚାୟତ
ନର୍ଲା, କଳାହାଣ୍ଡି



**ରାଜେଶ ପ୍ରସାଦ ସାହୁ**
ସରପଞ୍ଚ
ସେଁପୁର ଗ୍ରାମ ପଞ୍ଚାୟତ
ମୋ-୯୭୭୭୦୦୯୬୦୭



**ଶ୍ରୀ ଶ୍ୟାମ ସୁନ୍ଦର ଦାସ**
ସଭାପତି
କଳାହାଣ୍ଡି ଷ୍ଟୋନ୍ କ୍ରସର୍ ୟୁନିଟ୍
ପ୍ରୋପ୍ରାଇଟର
ଦାସ ଟ୍ରାନ୍ସପୋର୍ଟ
ଭବାନୀପାଟଣା, କଳାହାଣ୍ଡି
ମୋ : ୯୪୩୭୦୭୦୨୮୫
୯୯୩୮୩୯୨୨୮୫



**ଜାହ୍ନବୀ ମାଝୀ**
ସମିତି ସଭ୍ୟା
କଣ୍ଡୁପଡା ଗ୍ରାମ ପଞ୍ଚାୟତ
କେସିଙ୍ଗା, କଳାହାଣ୍ଡି



**ଦେବରାଜ ପାଟମାଝୀ**
ସମାଜସେବୀ
ଭାନପୁର (ଦେବରାଜପଡା)
ନର୍ଲା, କଳାହାଣ୍ଡି



**ବିଷୟା ମାଝୀ**
ସରପଞ୍ଚ
ରୁପ୍ରା ଗ୍ରାମ ପଞ୍ଚାୟତ
ନର୍ଲା , କଳାହାଣ୍ଡି

ମାଁ ମାଣିକେଶ୍ୱରୀ ଏବଂ ପ୍ରଭୁ ଶ୍ରୀଜଗନ୍ନାଥ ଆପଣମାନଙ୍କ ଚଲାପଥ କୁସୁମିତ କରନ୍ତୁ

## ପାରାଦୀପ ବନ୍ଦର ପ୍ରତିଷ୍ଠା ଦିବସରେ ମାରାଥନ ପ୍ରତିଯୋଗିତା

# ମୁକୁନ୍ଦ ବାନରା ଓ ସମସଦ୍ ଆରା ବେଗମ ପ୍ରଥମ

**ପାରାଦୀପ :** ପ୍ରତିବର୍ଷ ପରି ଜାନୁୟାରୀ ୩ ତାରିଖ ଦିନ ପାରାଦ୍ୱୀପ ବନ୍ଦର ତାର ପ୍ରତିଷ୍ଠା ଦିବସ ପାଳନ କରିଥିଲା। ଏହି ଅବସରରେ ୧୫ତମ ପାରାଦ୍ୱୀପ ମାରାଥନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏହି ପ୍ରତିଯେଗିତାରେ ୭୯୭ ପ୍ରତିଯୋଗୀ ଭାଗ ନେଇଥିଲେ ଯେଉଁଥିରେ ପୁରୁଷ ବିଭାଗରେ ୭୧୫ ଓ ମହିଳା ବିଭାଗରେ ୮୨ ଜଣ ପ୍ରତଯୋଗୀ ଥିଲେ। ବନ୍ଦରର ଅଧକ୍ଷ ରିଙ୍କେଶ ରାୟ ହନୁମାନ ମନ୍ଦିରଠାରେ ପତାକା ଦେଖାଇ ମାରାଥନ ପ୍ରତିଯୋଗିତାର ଶୁଭାରମ୍ଭ କରିଥିଲେ। ୧୪ କିମି ବ୍ୟାପୀ ଏହି ପ୍ରତିଯୋଗିତା ବନ୍ଦରର ବିଭିନ୍ନ କଲୋନୀ ଅଞ୍ଚଳ ଦେଇ ଗୋପବନ୍ଧୁ ଷ୍ଟାଡିୟମ ଠାରେ ସମାପ୍ତ ହୋଇଥିଲା। ବନ୍ଦରର ବିଭିନ୍ନ କଲୋନୀ ଅଞ୍ଚଳ ମାନଙ୍କରେ ସାଧାରଣ ଜନତା, କ୍ଲବ, ସ୍ୱଚ୍ଛାସେବୀ ଅନୁଷ୍ଠାନ, ସ୍କୁଲର ଛାତ୍ର ଛାତ୍ରୀମାନେ ରାସ୍ତା କଡରେ ଛିଡା ହୋଇ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ । ପରିଶେଷରେ ଗୋପବନ୍ଧୁ ଷ୍ଟାଡିୟମଠାରେ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଶ୍ରୀ ରିଂକେଶ ରାୟ, ପାରାଦ୍ୱୀପ ଲେଡିଜ୍ କ୍ଲବର ସଭାପତି ଶ୍ରୀମତି ଶୁଭଲକ୍ଷୀ ରାୟ, ବନ୍ଦରର ବିଭାଗ ମୁଖ୍ୟ, କୋଷ୍ଟ ଗାର୍ଡ କମାଣ୍ଡାଟ ଶ୍ରୀ ରାଜେଶ ମକୱାନା କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ବିତରଣ କରିଥିଲେ। ପୁରୁଷ ବିଭାଗରେ ଝାଡଖଣ୍ଡର ମୁକୁନ୍ଦ ବାନରା ଓ ଯୋଗେନ୍ଦ୍ର ତରିଆ ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ହୋଇଥିବାବେଳେ ଅନୁଗୁଳର ସୁଧାଂଶୁ ନାୟକ ତୃତୀୟ ସ୍ଥାନ ପାଇଥିଲେ। ସେହିପରି ମହିଳା ବିଭାଗରେ କଟକର ସମସଦ୍ ଆରା ବେଗମ୍ ପ୍ରଥମ, କେନ୍ଦୁଝରର ହୀରା ମାଝୀ ଦ୍ୱିତୀୟ ଓ ଯାଜପୁରର ଶୋଭା ନାୟକ ତୃତୀୟ ସ୍ଥାନ ପାଇଥିଲେ। ପୁରୁଷ ଓ ମହିଳା ବିଭାଗରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଗ୍ରହଣ କରିଥିବା ପ୍ରତିଯୋଗୀମାନଙ୍କୁ ଯଥାକ୍ରମେ ୧୨,୫୦୦/-, ୯,୪୦୦/-, ଏବଂ ୬,୩୦୦/- ଟଙ୍କା ପ୍ରଦାନ କରାଯାଇଥିଲା। ମୁଖ୍ୟ ଅତିଥି ରିଙ୍କେଶ ରାୟ ନିଜ ଅଭିଭାଷଣରେ କହିଥିଲେ କି ଆସନ୍ତା ବର୍ଷମାନଙ୍କରେ ଆହୁରି ଅଧିକ ସରସ ସୁନ୍ଦର କରାଯିବ ଏବଂ ରାଜ୍ୟ ଓ ରାଜ୍ୟ ବାହାରୁ ଆସିଥିବା ପ୍ରତିଯୋଗିମାନଙ୍କୁ ସେ ଧନ୍ୟବାଦ ଜଣାଇଥିଲେ । ଏହି ପ୍ରତିଯୋଗତିରେ ଉଭୟ ବିଭାଗରେ ୬ଷ୍ଠ ସ୍ଥାନ ପର୍ଯ୍ୟନ୍ତ ଅଧିକାର କରିଥିବା ୨୧-୨୧ ଜଣ ପ୍ରତିଯୋଗୀମାନଙ୍କୁ ଅର୍ଥ ରାଶୀ ପ୍ରଦାନ କରାଯାଇଥିଲା। ସର୍ବ ପ୍ରଥମେ ଗୋପବନ୍ଧୁ କ୍ରୀଡା ସଂସଦର କାର୍ଯ୍ୟକାରୀ ସଭାପତି ସୁଶିଲ ନାହକ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ କ୍ରୀଡା ସଂସଦର ସଂପାଦକ ରବି ଦାସ ପୁରସ୍କାର ବିତରଣ କାର୍ଯ୍ୟକ୍ରମକୁ ସଂଚାଳନ କରିଥିଲେ ଓ ଧନ୍ୟବାଦ ଅର୍ପଣ କରିଥିଲେ।




Wishing You a Happy & Prosperous New Year-2018
TUTU CONSTRUCTION
Relationship Beyond on Business
Malada Chhak, Malada, Bari, Jajpur
All types of Building Materials Available Here
Contact : Tutu Bhai
Cell : 7536907265

ବାଇଁଶିରିଆ ପଞ୍ଚାୟତର
ସମସ୍ତ ଜନସାଧାରଣଙ୍କୁ
ନବବର୍ଷର ଶୁଭେଚ୍ଛା ଓ ଅଭିନନ୍ଦନ
୨୦୧୮ ଆପଣଙ୍କ ପାଇଁ ମଙ୍ଗଳମୟ ହେଉ।
ସାରଦା ପ୍ରସନ୍ନ କର (କଣ୍ଟ୍ରାକ୍ଟର)
ବାଇଁଶିରିଆ, ବରୀ, ଯାଜପୁର

ନବବର୍ଷର ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ



କଳାହାଣ୍ଡି ଜିଲ୍ଲାର ସମସ୍ତ ପଞ୍ଚାୟତ ଓ ବ୍ଲକସ୍ତରୀୟ ସାମ୍ବାଦିକ ହେବା ପାଇଁ 'ଏକମାତ୍ର'ର ଜିଲ୍ଲା ପ୍ରତିନିଧି
ଅନିଲ ପଟ୍ଟନାୟକ, ଭବାନୀପାଟଣାଙ୍କ ସହିତ ଯୋଗାଯୋଗ କରନ୍ତୁ।
ମୋ-୯୪୩୭୩୨୬୫୩୫,
୭୭୪୯୦୦୮୬୪୬



ନବବର୍ଷର ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ
ଯାଜପୁର ଜିଲ୍ଲାରେ ବ୍ଲକସ୍ତରୀୟ ସାମ୍ବାଦିକ ହେବା ପାଇଁ 'ଏକମାତ୍ର'ର ଜିଲ୍ଲା ପ୍ରତିନିଧି
ସୁରେଶ କର,ବରୀଙ୍କ ସହିତ ଯୋଗାଯୋଗ କରନ୍ତୁ।
ମୋ-୮୯୧୭୩୧୬୧୬୧

ନବବର୍ଷର ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ
ବରଗଡ଼ ଜିଲ୍ଲାରେ ବ୍ଲକସ୍ତରୀୟ ସାମ୍ବାଦିକ ହେବା ପାଇଁ 'ଏକମାତ୍ର'ର ଜିଲ୍ଲା ପ୍ରତିନିଧି
ମୁକୁନ୍ଦ ଦାଶ,ବରଗଡ଼ଙ୍କ ସହିତ ଯୋଗାଯୋଗ କରନ୍ତୁ।
ମୋ-୯୬୬୮୪୪୮୫୦୭



Printed, Published and Owned by **Rasmita Patra**, Published at Flat-003, Mahadev Orchid, Cosmopolis Road, Dumduma, Bhubaneswar-19, Dist- Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● Editorial Office : HIG-137, Dharma Vihar, Khandagiri, Bhubaneswar, Odisha, PIN-751030, Phone : 9437133777 (Editorial), Email : ekamaatra@gmail.com
Chief Editor : **Bibhuti Bhusan Patra** | Managing Editor : **Laxmipriya Dash** | Editor : **Tarak Mohanty**
ମୁଖ୍ୟ ସମ୍ପାଦକ : ବିଭୁତି ଭୂଷଣ ପାତ୍ର | ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ | ସମ୍ପାଦକ : ତାରକ ମହାନ୍ତି